



# ପୋଲିସ ଏନ୍‌କାଉଣ୍ଟରରେ କୁଖ୍ୟାତ ଡକାୟତ ନାଫିସ ଆହତ

**ଚମ୍ପୁଆ, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ଆତଙ୍କ ଖେଳାଇଥିବା କୁଖ୍ୟାତ ଅନ୍ତଃରାଜ୍ୟ ଚୋର ମହମ୍ମଦ ନାଫିସକୁ ଚମ୍ପୁଆ ପୋଲିସ ଏନକାଉଣ୍ଟର କରିଛି। ସୋମବାର ସକାଳ ପ୍ରାୟ ୫ଟା ସମୟରେ ପତଳା ଜଙ୍ଗଲ ଅଞ୍ଚଳରେ ଘଟିଥିବା ଏହି ଘଟଣାରେ ଅଭିଯୁକ୍ତର ଡାହାଣ ଗୋଡ଼ରେ ଗୁଳି ବାଜିଥିବା ବେଳେ ତାକୁ ଚମ୍ପୁଆ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ନିମନ୍ତେ ନିଆଯାଇଥିଲା ପରେ ଅଧିକ ଚିକିତ୍ସା ପାଇଁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଝାଡ଼ଖଣ୍ଡ ମଝିଗାଁ ଅଞ୍ଚଳର ଏହି ଅଭିଯୁକ୍ତ ନାଫିସ କେନ୍ଦୁଝର ଓ ମୟୂରଭଞ୍ଜ ଅଞ୍ଚଳରେ ୩୦ରୁ ଅଧିକ ଚୋରି ଘଟଣାରେ ଜଡ଼ିତ ରହିଛି। ସେ ବିଭିନ୍ନ ସ୍ଥାନରୁ ଚୋରି କରିଥିବା ସାମଗ୍ରୀ ଗୁଡ଼ିକୁ ଚମ୍ପୁଆ ନିକଟସ୍ଥ ପତଳା ଜଙ୍ଗଲରେ ଲୁଚାଇ ରଖୁଥିଲା। ନାଫିସକୁ ଚମ୍ପୁଆ ପୋଲିସ ଝାଡ଼ଖଣ୍ଡ ମଝିଗାଁରୁ ଗିରଫ କରିବାପରେ ଚୋରି ସାମଗ୍ରୀ ଜବତ କରିବା ପାଇଁ ସୋମବାର ସକାଳୁ ପୋଲିସ ଟିମ୍ ତାକୁ ସାଙ୍ଗରେ ନେଇ ଜଙ୍ଗଲକୁ ଯାଇଥିଲେ। ତେବେ ଜଙ୍ଗଲରେ ପହଞ୍ଚିବା ପରେ ନାଫିସ ପୂର୍ବରୁ ଲୁଚାଇ ରଖିଥିବା ଏକ ଦେଶୀ ବନ୍ଧୁକ ବାହାର କରି ପୋଲିସ ଉପରକୁ ଗୁଳି ଚଳାଇ ଫେରାର୍ ହେବାକୁ ଉଦ୍ୟମ କରିଥିଲା। ପୋଲିସ ନିଜର ଆତ୍ମରକ୍ଷା ପାଇଁ ପାଲଟା ଗୁଳି ଚଳାଇଥିଲା, ଯେଉଁଥିରେ ଅଭିଯୁକ୍ତର ଗୋଡ଼ରେ ଗୁଳି ବାଜିଥିଲା। ଘଟଣାସ୍ଥଳରୁ ପୋଲିସ ଅଭିଯୁକ୍ତ ନିକଟରୁ ଏକ ଦେଶୀ ନିର୍ମିତ ବନ୍ଧୁକ ଜବତ କରିଛି। ଏନେଇ ଚମ୍ପୁଆ ଥାନାରେ ମାମଲା ନଂ ୨୫୭/୨୦୨୬ ରୁଜୁ କରାଯାଇଛି। ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୯(୧)/୨୯୬ ଏବଂ ଅସ୍ତ୍ରଶସ୍ତ୍ର ଆଇନର ଧାରା ୨୫/୨୭ ଅନୁଯାୟୀ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ତାର ଅନ୍ୟ ସହଯୋଗୀ ଓ ଅପରାଧିକ ନେଟୱାର୍କ ସମ୍ପର୍କରେ ମଧ୍ୟ ପୋଲିସ ଖୋଳତାଡ଼ କରୁଛି।



# ପାଣିରେ ବୁଡ଼ି ପୂଜା ପାଉଛନ୍ତି ସ୍ୱପ୍ନେଶ୍ୱର ମହାଦେବ

**କଟକ, ନ୍ୟୁଜ୍ ବ୍ୟୁରୋ**

ମନ୍ଦିର ଭିତରେ ଚାରିଫୁଟର ବର୍ଷା ଜଳ । ପାଣିରେ ବୁଡି ପୂଜା ପାଉଛନ୍ତି ସ୍ୱପ୍ନେଶ୍ୱର ମହାଦେବ । କଟକ ଜିଲ୍ଲା ଆଠଗଡ଼ ବ୍ଲକ ତଳଗଡ଼ ଗ୍ରାମରେ ଥିବା ଆରାଧ୍ୟ ଦେବତା ପ୍ରଭୁ ସ୍ୱପ୍ନେଶ୍ୱର ମହାଦେବଙ୍କ ମନ୍ଦିରରେ ବର୍ଷା ଜଳ ପ୍ରବେଶ କରିଛି । ମନ୍ଦିର ଭିତରେ ପ୍ରାୟ ଚାରି ଫୁଟ ଉଚ୍ଚର ପାଣି ଜମି ରହିଥିବା ବେଳେ ପାଣି ଭିତରେ ହିଁ ଚାଲିଛି ପୂଜାର୍ଚ୍ଚନା । ପୁରୁଣା କଟକ-ସମ୍ବଲପୁର ରାସ୍ତାର ଚମ୍ପାପୁର ନିକଟରେ ଦୀର୍ଘଦିନ ଧରି ପୋଲ ନିର୍ମାଣ କାମ ଚାଲିଥିବାରୁ କଣ୍ଟିଆ ନାଳର ପାଣି ଠିକ୍ ଭାବେ ନିଷ୍କାସନ ହୋଇପାରୁନାହିଁ । ଫଳରେ ବର୍ଷା ଜଳ ମନ୍ଦିର ଭିତରକୁ ପ୍ରବେଶ କରିଛି । ସୋମବାର ଦିନ ଶିବଭକ୍ତମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ପାଣି ଭିତରେ ପଶି ଭକ୍ତମାନେ ବାବା ସ୍ୱପ୍ନେଶ୍ୱରଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ । ପ୍ରତିବର୍ଷ ବର୍ଷା ଋତୁରେ ଏଭଳି ସମସ୍ୟା ଦେଖାଦେଉଥିବାରୁ ଏହାର ସ୍ଥାୟୀ ସମାଧାନ କରିବା ପାଇଁ ସ୍ଥାନୀୟ ଲୋକ ଓ ଭକ୍ତମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି ।

# ଫେଂବର ଉପରେ ଲଟାବୁଦା:ପଥଚାରୀ ହଟହଟା

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**




ସରକାର ରାସ୍ତା ପାର୍ଶ୍ୱକୁ ଶସ୍ତା ସୁନ୍ଦର ଓ ସୁରକ୍ଷିତ ଫେଂବର ବ୍ଲକ ବିଛାଇ ସୌନ୍ଦର୍ଯ୍ୟକରଣ କରୁଥିବା ବେଳେ ରମ୍ଭା ଏନ୍‌ଏସିରେ ଭିନ୍ନ ଦେଖିବାକୁ ମିଳିଛି । ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଫେଂବର ବ୍ଲକରେ ଲଟାବୁଦା ଉଠିଯିବା ଅବ୍ୟବସ୍ଥା ଓ ପାରିବା ପଣିଆ ଉପରେ ପ୍ରଶ୍ନ ଉଠିଛି। ରକ୍ଷଣାବେକ୍ଷଣ ଅଭାବରୁ ଏହି ରାସ୍ତା ସବୁଠାରୁ ଅସୁନ୍ଦର ଓ କଦର୍ଯ୍ୟ କରିସାରିଲେଣି । ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ବ୍ରିଜ୍ ଓ ଫେଂବର ଉପରେ ଲଟା ବୁଦା ଜନ୍ମ ବୃଦ୍ଧି ଯୋଗୁ ପଥଚାରୀ ଓ ଯାନବାହନ ଆରୋହୀ ଅନେକ ଜନ୍ତୁଜନ୍ତାର ଶିକାର ହେଉଥିବା ଖବର ମିଳିଛି । ବ୍ରିଜ୍ ଓ ଫେଂବର ଉପରେ ଧୂଳି ମାଟି ଜମି ରହି ଅନାୟଶରେ ଲଟା ବୁଦା ଜନ୍ମ ବୃଦ୍ଧି ଘଟିଥିବା ଯୋଗୁ ଉଭୟ ପାର୍ଶ୍ୱର ଯାନବାହନ ସାଇଡ଼ ଦେବାରେ ଅସୁବିଧା ହେଉଛି । ବେଳେବେଳେ ବ୍ରିଜ୍ ଓ ଫେଂବରର ଉଭୟ ପାର୍ଶ୍ୱରେ ଆଲୋକର ଅଭାବ ଯୋଗୁ ନାହିଁନଥିବା ସମସ୍ୟା ଭୋଗିବାକୁ ପଡୁଛି । ଉପରୋକ୍ତ ରାସ୍ତା ଦେଇ ନିମ୍ନସ୍ତର ଠାରୁ ଉଚ୍ଚସ୍ତର ପର୍ଯ୍ୟନ୍ତ ବିଭିନ୍ନ ପଦପଦାଧିକାରୀ ଦୁଇ ଚକିଆ ଯାନ ଠାରୁ ଆରମ୍ଭ କରି ୧୬ ଚକିଆ ପର୍ଯ୍ୟନ୍ତ ଯାତାୟାତ କରୁଛି । କିନ୍ତୁ ନିରାପଦ ମନେ କରୁଛନ୍ତି । ଗୋଟିଏ ପଟେ ରାସ୍ତା ସମ୍ପ୍ରସାରଣ ଅଭାବରୁ ସଂକୁଚିତ ହେବାରେ ଲାଗିଛି ଅନ୍ୟପଟେ ରାସ୍ତା ପାର୍ଶ୍ୱରେ ଥିବା ଫେଂବର ବ୍ଲକ ଉପରେ ଲଟା ବୁଦା ଉଠିଥିବା ରାସ୍ତାରେ ଛୋଟ ଛୋଟ ସରୀସୃପ ପ୍ରଜାତି ବୃଦ୍ଧି ପଥିକମାନଙ୍କ ପାଇଁ ଚିନ୍ତା ବଢ଼ାଇ ଦେଇଛି । ପାହାନ୍ତିଆ ସମୟରେ ବ୍ୟାୟାମ କରୁଥିବା ମହିଳା, ପୁରୁଷ, ସରକାରୀ କର୍ମଚାରୀ, ବେସରକାରୀ କର୍ମଚାରୀ, କଲେଜ ଛାତ୍ରଛାତ୍ରୀମାନେ ସରୀସୃପ ପାଦୁର୍ଭାବ ଯୋଗୁ ବିପଦ ମଣୁଛନ୍ତି । ତୁରନ୍ତ ଏନ୍‌ଏସି ପ୍ରଶାସନ ଏଦିଗରେ ଉଚିତ ପଦକ୍ଷେପ ନିଅନ୍ତୁ ବୋଲି ରମ୍ଭାବାସୀ ଦାବି କରିଛନ୍ତି ।



# ଆଦର୍ଶ ଶିକ୍ଷକଙ୍କୁ ଜାତୀୟ ଆଇକନ୍ ସମ୍ମାନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ବ୍ଲକ ଆଦର୍ଶ ବିଦ୍ୟାଳୟର ଶିକ୍ଷକ ସେକ୍ ନିଆଜୁଦ୍ଦିନ୍‌ଙ୍କୁ ନ୍ୟାସ୍‌ନାଲ୍ ଆଇକନ୍ ଅଫ୍ ଓଡ଼ିଶା ଆୱାର୍ଡ-୨୦୨୬ରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱର ଜୟଦେବ ବିହାର ଠାରେ ଥିବା ଉତ୍କଳ ରଙ୍ଗମଞ୍ଚ କେଳୁଚରଣ ମହାପାତ୍ରଙ୍କ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରରେ ଆୟୋଜିତ ଏକ ସମାରୋହରେ ଆଦର୍ଶ ଶିକ୍ଷକ ସେକ୍ ନିଆଜୁଦ୍ଦିନ୍‌ଙ୍କୁ ଜାତୀୟ ଆଇକନ୍ ଅଫ୍ ଓଡ଼ିଶା –୨୦୨୬ ରେ ସମ୍ମାନିତ କରାଯାଇଛି। ଏଥିପାଇଁ ନିଆଜୁଦ୍ଦିନ୍‌ଙ୍କୁ ମାନପତ୍ର, ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି। ଶିକ୍ଷା ମୁଖ୍ୟ ଏ.ଆଇ. ଡାଟା ବିଜ୍ଞାନର ମୁଖ୍ୟ ଡଃ. ଚିନ୍ମୟ କୁମାର ନାୟକ, ଆଇ.ଏଚ୍.ଆର୍.ସିର ରାଜ୍ୟ ସଭାପତି ଇ. ଆର୍ ସନ୍ତୋଷ କୁମାର ହୋତା, ରାଜ୍ୟ ସିଭିଲ୍ ପୋଟ୍ରେକ୍ସନ୍‌ଲିଗାଲ୍ ସର୍ଭିସ୍‌ର ଭଗବାନ୍ ପାତ୍ର ପ୍ରମୁଖ ଉପସ୍ଥିତ ରହି ସମ୍ବର୍ଦ୍ଧିତ କରିଥିଲେ। ପ୍ରକାଶଥାଉ କି ଆଦର୍ଶ ଶିକ୍ଷକ ସେକ୍ ନିଆଜୁଦ୍ଦିନ୍ ପୂର୍ବରୁ ମଧ୍ୟ ଶ୍ରେଷ୍ଠ ଶିକ୍ଷକ ଭାବେ ସମ୍ମାନିତ ହୋଇଥିଲେ। ଶିକ୍ଷକ ଏହି ସମ୍ମାନରେ ସମ୍ମାନିତ ହେବାପରେ ଡେରାବିଶ ଆଦର୍ଶ ବିଦ୍ୟାଳୟରେ ଖୁସିର ଲହରୀ ଖେଳିଯାଇଛି।

# ଆଇଆଇସି ମୃତ୍ୟୁ ଘଟଣା:ଏବେବି କାରଣ ଅସ୍ପଷ୍ଟ

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ଚାଉଳିଆଗଞ୍ଜ ଥାନା ଆଇଆଇସି ବିଯୁଟି ମହାନ୍ତି ଆତ୍ମହତ୍ୟା ପଛର କାରଣ ଏବେବି ଅସମାହିତ । ସେପଟେ ମୃତ ଆଇଆଇସିଙ୍କ ଆର୍ଥିକ କାରବାର ଜାଣିବା ଲାଗି ପୋଲିସ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରିବ ବୋଲି ଡିସିପି କହିଛନ୍ତି । ବ୍ୟାଙ୍କ ଆକାଉଣ୍ଟରୁ କିଛି ସୁରାକ କାଢ଼ିବାକୁ ପୋଲିସ ଉଦ୍ୟମ କରୁଛି । ଏପଟେ ପୋଲିସ ସ୍କାନରରେ ଜଣେ ପୋଲିସ । ପାହାଳ ଥାନାର ଜଣେ ଏଏସ୍ଆଇଙ୍କ ଦୁଇଟି ମୋବାଇଲ୍‌କୁ ଜବତ କରିବା ସହ ପୋଲିସ ପଚରାଉଚୁରା କରୁଥିବା ସୂଚନା ମିଳିଛି । ମହିଳା ଥାନା ଅଧିକାରୀଙ୍କ ମୃତ୍ୟୁ ଘଟଣାର ୪ ଦିନ ବିତିଯାଇଥିଲେ ମଧ୍ୟ ଆତ୍ମହତ୍ୟା ଉପରୁ ଏପର୍ଯ୍ୟନ୍ତ ପରଦା ହଟିପାରିନାହିଁ। ସେପଟେ ପୋଲିସ ବିଭିନ୍ନ ଦିଗରୁ ଖୋଳତାଡ଼ କରୁଥିବା କଟକ ଡିସିପି ସୂଚନା ଦେଇଛନ୍ତି। ବିଯୁଟି ମହାନ୍ତିଙ୍କ ବ୍ୟାଙ୍କ ଆକାଉଣ୍ଟ ମଧ୍ୟ ଯାଞ୍ଚ ହେଉଛି। କାହା ସହ ଆର୍ଥିକ କାରବାର ହୋଇଛି, କେବେ ହୋଇଛି ଏବଂ କାହିଁକି ହୋଇଛି ସେ ତଥ୍ୟ ବାହାର କରି ଆତ୍ମହତ୍ୟା କାରଣର ନିକଟତର ହେବାକୁ ଯୋଜନା କରିଛି ପୋଲିସ । ପୂର୍ବରୁ ଆଇଆଇସିଙ୍କ ଜବତ ମୋବାଇଲ୍ ଫୋନ୍ ଫରେନାସିକ ଲାବରେଟୋରିକୁ ପଠାଯିବା ସହ ସିଡିଆର୍ ତଥ୍ୟ କାଢ଼ିଛି ପୋଲିସ । ସିଡିଆର୍ ଯାଞ୍ଚ ବେଳେ ପୋଲିସ ସ୍କାନରକୁ ଆସିଛନ୍ତି ଜଣେ ପୋଲିସ ଏସ୍ଆଇ। ପାହାଳ ଥାନାର ଏହି ଏଏସ୍ଆଇଙ୍କ ଦୁଇଟି ମୋବାଇଲ ଜବତ କରିବା ସହ ତଦନ୍ତକାରୀ ଟିମ୍ ତାଙ୍କ ଉପରେ କଡ଼ା ନଜର ରଖିଛି। ଘଟଣା ସମ୍ପର୍କରେ ତଥ୍ୟ କାଢ଼ିବାକୁ ଚାଉଳିଆଗଞ୍ଜ ଥାନା ସିସିଟିଭି ଫୁଟେଜ, ପାହାଳ ଥାନା କିଛି ପୋଲିସ କର୍ମଚାରୀଙ୍କୁ ପଚରାଉଚୁରା କରୁଛି ପୋଲିସ । ପୋଲିସ ଅଫିସର୍ ସଂଘ ବିଯୁଟି ମହାନ୍ତିଙ୍କ ମୃତ୍ୟୁକୁ ଅପମୃତ୍ୟୁ ମାମଲା ଭିତରେ ସୀମିତ ନରଖି ଉପଯୁକ୍ତ ତଦନ୍ତ କରିବାକୁ ଦାବି କରିଥିଲା। ସେପଟେ ଆତ୍ମହତ୍ୟା ବୃତ୍ତିଗତ ଚାପ ଯୋଗୁ ନୁହେଁ ଏହା ପଛରେ ଆହୁରି କିଛି ରହସ୍ୟ ରହିଛି, ଯାହାର ଖୋଳତାଡ଼ କରାଯାଉ ବୋଲି ଅବସରପ୍ରାପ୍ତ କ୍ରାଇମ୍‌ବ୍ରାଞ୍ଚ ଏସ୍‌ପି କହିଛନ୍ତି । ଆଇଆଇସି ବିଯୁଟି ମହାନ୍ତି ଆତ୍ମହତ୍ୟା ମାମଲାରେ କେବେ ହେବ ପର୍ଦ୍ଦାଫାସ୍। ଆର୍ଥିକ କାରବାର ଏବଂ ସିଡିଆର୍‌ରୁ ମିଳିବକି ସୁରାକ୍ ତାକୁ ହିଁ ଅପେକ୍ଷା ।

# କାର୍ ସହ ଗଞ୍ଜେଇ ଜବତ:ମାଫିଆ ଗିରଫ

**କନ୍ଧମାଳ, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ସଦର ଥାନା ଅଞ୍ଚଳରେ ଅବକାରୀ ବିଭାଗ ଏକ ଦାମୀ କାର୍ ଭିତରୁ, ୨୩ କିଲୋ ଗଞ୍ଜେଇ ଜବତ କରିବା ସହ ଜଣେ ଆନ୍ତରାଜ୍ୟ ଗଞ୍ଜେଇ ମାଫିଆକୁ ଗିରଫ କରିଛି । ଫୁଲବାଣୀ ଅଞ୍ଚଳରୁ ବିହାରକୁ ଏକ କାର୍ ଯୋଗେ ବିପୁଳ ପରିମାଣର ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ଚଢ଼ଉ କରି ଏହାକୁ ପଣ୍ଡ କରିଛି ଅବକାରୀ ସଦର ସ୍କ୍ୱାର୍ଡ ସଦର ଥାନା ଅନ୍ତର୍ଗତ ସୁଡ୍ରେଳୁ ପଞ୍ଚାୟତର ଗୁଦାରୀ ଗାଁ ଦେଇ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। କନ୍ଧମାଳ ଅବକାରୀ ସୁପରିଟେଣ୍ଡେଣ୍ଟ ସୁଶାନ୍ତ କୁମାର ପାଢ଼ୀଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଇନ୍ସପେକ୍ଟର ବିନୋଦ ବାସ୍କେଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗୁଦାରୀ ଗାଁ ନିକଟରେ ସନ୍ଦେହଜନକ ଭାବେ ଗତିକରୁଥିବା ଏକ ସ୍କର୍ପିଓ ଧଳା ରଙ୍ଗର କାର୍‌କୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ କାର୍ ଭିତରୁ ଗଞ୍ଜେଇ ମିଳିଥିଲା। ଅବକାରୀ ଦଳ ଗାଡ଼ି ସହ ପ୍ରାୟ ୨୩ କିଲୋଗ୍ରାମ ଗଞ୍ଜେଇ ଜବତ କରିବା ସହ ଏଥିରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଗିରଫ ଅଭିଯୁକ୍ତ ଜଣକ ବିହାର ରାଜ୍ୟର ଗୁଲାବ ବାବୁରେନ୍ ବୋଲି ଅବକାରୀ ବିଭାଗ ପକ୍ଷରୁ ଜଣାପଡିଛି । ଏନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ୩୧/୨୬-୨୭ ରୁଜୁ କରି ଅଭିଯୁକ୍ତ ଗୁଲାବଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଏହା ପଛରେ ଆଉ କାହାର ହାତ ରହିଛି, ସେ ନେଇ ଅବକାରୀ ବିଭାଗ ଅଧିକ ତଦନ୍ତ ଜାରି ରଖିଛି।

# ଗିରଫ ପୁରୁଣା ୱାରେଣ୍ଟି କୋର୍ଟ ଚାଲାଣ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ଦୀର୍ଘ ଦିନ ଧରି କୋର୍ଟର ନିର୍ଦ୍ଦେଶକୁ ବେଖାତିର କରିବା ଘଟଣା ପୁରୁଣା ୱାରେଣ୍ଟି ଗିରଫ । ଗିରଫ ଜଣକ ହେଲେ ବନ୍ଧଡିହ ପଞ୍ଚାୟତ ଜୟସୁଙ୍ଗୁଡା ଗ୍ରାମର ସହଦେବ ମଲ୍ଲିକଙ୍କ ପୁଅ ପ୍ରଫୁଲ୍ଲ (୫୦) ବୋଲି ଜଣାପଡିଛି। ୨୦୧୨ ମସିହାରେ ତାଙ୍କ ନାମରେ ବ୍ରହ୍ମବରଦା ଥାନାରେ ମାମଲା ରୁଜୁ ହୋଇଥିଲା । ଏହି ଘଟଣା କୋର୍ଟରେ ବିଚାରାଧୀନ ଚାଲି ଥିବା ସମୟରେ ସେ କୋର୍ଟର ନିର୍ଦ୍ଦେଶକୁ ଅବମାନା କରିଆସୁଥିଲେ। ଯାହାକି ତାଙ୍କୁ ଗିରଫ କରିବା ପାଇଁ କୋର୍ଟ ବ୍ରହ୍ମବରଦା ଥାନାକୁ ନିର୍ଦ୍ଦେଶ ଦେଇଥିଲେ। ପୋଲିସ ଜୟସୁଙ୍ଗୁଡା ଗ୍ରାମରେ ତାଙ୍କ ଘରୁ ପ୍ରଫୁଲ୍ଲଙ୍କୁ ଗିରଫ କରି ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଥାନା ଅଧିକାରିଣୀ ଜୟନ୍ତୀ ମଲ୍ଲିକ ସୂଚନା ଦେଇଛନ୍ତି ।

# ନିମ୍ନମାନର କାର୍ଯ୍ୟ:ଭୁଶୁଡ଼ିଲା ପାଣି ଟାଙ୍କି ପାଚେରୀ

**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**



ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ମାଲପଡା ପଞ୍ଚାୟତ ଅନ୍ତର୍ଗତ ଫୁଲଝର ଗ୍ରାମରେ ଗ୍ରାମୀଣ ଜଳଯୋଗାଣ ଓ ପରିମଳ ବିଭାଗ (ଆର୍.ଡବ୍ଲୁ.ଏସ୍.ଏସ୍) ପକ୍ଷରୁ ୧ କୋଟି ୧୨ ଲକ୍ଷ ୭୧ ହଜାର ଟଙ୍କା ଅଟକଳ ବ୍ୟୟରେ ନିର୍ମିତ ପାଣି ଟାଙ୍କିକୁ ନେଇ ଏବେ ବଡ଼ ପ୍ରଶ୍ନ ଉଠିଛି। ୨୦ ଜୁନ୍ ୨୦୨୨ରେ ଆରମ୍ଭ ହୋଇଥିବା ଏହି କାମ ସରିବାକୁ ଲାଗିଲା ପ୍ରାୟ ଅଢେଇ ବର୍ଷ। ୩୧ ଡିସେମ୍ବର ୨୦୨୪ରେ ନିର୍ମାଣ ଶେଷ ହେବା ପରେ ୪ ଜୁନ୍ ୨୦୨୫ରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ କରକମଳରେ ଏହାର ଉଦ୍ଘାଟନ କରାଯାଇଥିଲା। କିନ୍ତୁ ଉଦ୍ଘାଟନର ମାତ୍ର ଗୋଟିଏ ବର୍ଷ ପୂରଣ ପରେ ପ୍ରଥମ ବର୍ଷାରେ ପାଣିଟାଙ୍କି ଚାରିପଟେ ନିର୍ମିତ ପାଚେରୀର ଗୋଟିଏ ପାର୍ଶ୍ୱ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଏହା କେବଳ ଏକ ପାଚେରୀର ପତନ ନୁହେଁ, ବରଂ ନିର୍ମାଣ ବ୍ୟବସ୍ଥାର ଗୁଣବତ୍ତା ଏବଂ ପ୍ରଶାସନିକ ତଦାରଖର ବିଶ୍ୱସନୀୟତା ଉପରେ ଏକ ବଡ଼ ପ୍ରଶ୍ନବାଚୀ। ପ୍ରଶ୍ନ ହେଉଛି। ଯେଉଁ ପ୍ରକଳ୍ପ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଲା, ସେଥିରେ ଏତେ ନିମ୍ନମାନର କାମ କିପରି ହେଲା ? ନିର୍ମାଣ ସମୟରେ ବିଭାଗୀୟ ଯନ୍ତ୍ରୀମାନେ କ'ଣ ଯାଞ୍ଚ କରୁଥିଲେ ? କାମର ଗୁଣବତ୍ତା ସୁନିଶ୍ଚିତ କରିବାର ବ୍ୟବସ୍ଥା କେଉଁଠି ଥିଲା ? ଯଦି କୋଟିଏ ଟଙ୍କାର ପ୍ରକଳ୍ପ ଗୋଟିଏ ବର୍ଷାକୁ ସହିପାରୁନାହିଁ, ତେବେ ଏହାକୁ ବିକାଶର ସଫଳତା କହିବା ଲୋକଙ୍କ ସହ ପ୍ରହସନ ଛଡ଼ା ଆଉ କିଛି ନୁହେଁ। ଏହି ପ୍ରକଳ୍ପକୁ ଉପମୁଖ୍ୟମନ୍ତ୍ରୀ ଉଦ୍ଘାଟନ କରିଥିବାରୁ ଏହି ଘଟଣା ଆହୁରି ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ତେଣୁ ଜିଲ୍ଲା ପ୍ରଶାସନ ଓ ଆର୍.ଡବ୍ଲୁ.ଏସ୍.ଏସ୍. ବିଭାଗ ତୁରନ୍ତ ଘଟଣାର ନିରପେକ୍ଷ ତଦନ୍ତ କରି ଦାୟୀ ଠିକାଦାର ଏବଂ ତଦାରଖ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ ନିୟମାନୁସାରେ କାର୍ଯ୍ୟାନୁଷ୍ଠାନ ନେବେ କି ନାହିଁ, ସେଥି ଉପରେ ଏବେ ସମଗ୍ର ଜିଲ୍ଲାର ନଜର ରହିଛି। କାରଣ ଭାଙ୍ଗିଛି କେବଳ ପାଚେରୀ ନୁହେଁ, ଭାଙ୍ଗିଛି ସରକାରୀ କାମର ଗୁଣବତ୍ତା ପ୍ରତି ଲୋକଙ୍କ ବିଶ୍ୱାସ। ଏବେ ଦେଖିବାକୁ ବାକି ରହିଲା ଭୁଶୁଡ଼ି ପଡ଼ିଥିବା ପାଚେରୀ ସହ ମାଟିତଳେ ପୋତି ହୋଇଯିବ, ନା ଦୋଷୀଙ୍କ ବିରୋଧରେ ପ୍ରକୃତରେ କାର୍ଯ୍ୟାନୁଷ୍ଠାନ ହେବ।

## ////////////////////// ତଳମୁଣ୍ଡରେ ବୈତରଣୀରେ ଜଳସ୍ତର ବଢୁଛି //////////////////////

# ଦୁର୍ବଳ ନଦୀବନ୍ଧକୁ ନେଇ ଆତଙ୍କିତ ତଟବାସୀ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଲଘୁଚାପ ପ୍ରଭାବରେ ଗତ ୪ ଦିନ ହେବ ଉପରମୁଣ୍ଡ ଓ ତଳମୁଣ୍ଡରେ ଲଗାଣ ବର୍ଷା ଯୋଗୁ ବୈତରଣୀ ନଦୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ନଦୀକୂଳରେ ଥିବା ଆରଡି ନିକଟ ମୁଁଆ ସମେତ ଷାଠିବାଙ୍କୁଡା, ବୋଡକ, ଅମୃତମଣୀ, ଦୋହରା ପାଟଣା, ସୁନ୍ଦରପୁର ଆଦି ଗାଁର ଲୋକ ଆତଙ୍କିତ ହୋଇପଡିଛନ୍ତି। ବିଶେଷକରି ମୁଁଆ ଗାଁ ନିକଟ କଜଳାମାହାରା ନିକଟରେ ଗତବର୍ଷ ୩ ଶହ ଫୁଟର ନଦୀବନ୍ଧ ବୈତରଣୀକୁ ରହିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ମରାମତି ହୋଇପାରିନାହିଁ। ସେହିପରି ଷାଠିବାଙ୍କୁଡା ଗାଁ ଠାରୁ ବୋଡକ ଖେଳ ପଡିଆ ଯାଏଁ ଦୀର୍ଘ ୧ କିମି ନଦୀବନ୍ଧର ସୁଦୃଢ଼ିକରଣ ନିମନ୍ତେ ୯ କୋଟିରୁ ଉର୍ଦ୍ଧ୍ୱ ଟଙ୍କାରେ ମାଟି ପକାଯିବା ସହ ପଥର ପ୍ୟାକିଙ୍ଗ କରାଯାଇଥିଲେ ମଧ୍ୟ ଠିକ୍ ଭାବେ କାର୍ଯ୍ୟ ହୋଇନଥିବାରୁ ରବିବାର ୨ ଶହ ଫୁଟର ନଦୀବନ୍ଧର ମାଟି ଅତଡା ନଦୀ ଗର୍ଭକୁ ଚାଲିଯାଇଥିବା ବେଳେ ସୋମବାର ପୁଣି ଶହେ ଫୁଟ ଲମ୍ବର ନଦୀବନ୍ଧ ନଦୀ ଗର୍ଭରେ ଲିନ ହୋଇଛି। ଏପରି ଘଟଣା ବାବଦରେ ଧାମନଗର ଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ କୌଣସି ସନ୍ତୋଷଜନକ ଉତ୍ତର ଦେଇନଥିଲେ। ଅନ୍ୟପଟେ ବୈତରଣୀ ନଦୀରେ ଦେଖାଦେଇଥିବା ବନ୍ୟାରେ ଯଦି ବନ୍ଧ ଭାଙ୍ଗେ ତାହାଲେ ନଦୀକୂଳିଆ ବାସୀ ଆନ୍ଦୋଳନ ପନ୍ଥା ନେଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ବିପୁଳ ବିସ୍ଫୋରକ ସହ ଟଙ୍କା ଓ ବାଇକ୍ ଜବତ:୩ ଗିରଫ

**ଖୋର୍ଦ୍ଧା, ନ୍ୟୁଜ୍ ବ୍ୟୁରୋ**

ବିସ୍ଫୋରକ ସାମଗ୍ରୀ ଚୋରା ଚାଲାଣ ଅଭିଯୋଗରେ ସଦର ଥାନା ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ତିନି ଜଣ ହେଲେ ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ଅଞ୍ଚଳର ପଳାସ ପିଠିଆ ଗାଁର ବିଷ୍ଣୁ କହଁରଙ୍କ ପୁଅ ବିଶ୍ୱନାଥ କହଁର, ଗଞ୍ଜାମ ଜିଲ୍ଲା ନୂଆଗାଁ ଥାନା ଜକରା ଗାଁର ଖଲି ପ୍ରଧାନ ପୁଅ ପିଣ୍ଟୁ ପ୍ରଧାନ (୩୩) ଓ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ଗଡ ନିଆଳ ଗାଁର ପ୍ରଦ୍ୟୁମ୍ନ ଖଟେଇଙ୍କ ପୁଅ ରବି ନାରାୟଣ ଖଟେଇ (୩୪)। ପୋଲିସ ଏମାନଙ୍କ ନିକଟରୁ ୧୦୦ଟି ଡିଟୋନେଟର, ୨୦୦ଟି ଜିଲୋଟିନ୍, ଦୁଇଟି ବାଇକ୍, ଗୋଟିଏ ଅଶୋକ ଲିଲ୍ୟାଣ୍ଡ, ତିନୋଟି ମୋବାଇଲ୍ ସମେତ ନଗଦ ୬.୮୦ ଲକ୍ଷ ଟଙ୍କା ଜବତ କରିଛି। ପୋଲିସ ସୂଚନା ମୁତାବକ ଉକ୍ତ ତିନି ଜଣ ସଦର ଥାନା ଅନ୍ତର୍ଗତ ତାପଙ୍ଗ ପାହାଡର ଗ୍ରୀନ୍ ଲେକ୍ ନିକଟରେ ମୁଣ୍ଡିଆ ଫୁଟାଇବାରେ ବ୍ୟବହୃତ ହେଉଥିବା ବିସ୍ଫୋରକ ସାମଗ୍ରୀ ଚାଲାଣ କରୁଥିବା ବେଳେ ସଦର ପୋଲିସ ଏକ ବିଶେଷ ସୂତ୍ରରୁ ଖବରପାଇ ଉକ୍ତ ସ୍ଥାନରେ ଚଢଉ କରିଥିଲା।

# ବିଧାୟକଙ୍କ ଚିଠିକୁ ପୂର୍ତ୍ତ ବିଭାଗର ଅଣଦେଖା:ବିପଦରେ ମାଁ ପାଟଣେଶ୍ୱରୀ ମନ୍ଦିର ଗମ୍ଭିରାଘର

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**




ବଲାଙ୍ଗିର ପାଟଣା ରାଜ୍ୟର ଅଧିଷ୍ଠାତ୍ରିଦେବୀ ମାଁ ପାଟଣେଶ୍ୱରୀ ମନ୍ଦିରର ଗମ୍ଭିରାଘର ବିପଦମୁଖୀ ଅବସ୍ଥାରେ । ମାଁଙ୍କ ପରଭା ଫାଟ ଫାଟ ସୃଷ୍ଟି ହୋଇ ଦେବୀଙ୍କ ପ୍ରତିମୂର୍ତ୍ତିରେ ସିମେଣ୍ଟ ଗୁଣ୍ଡ ଓ ଚୁନ ପଥର ପଡୁଛି । ତାହା ଏକ ଅଶୁଭ ସଂକେତ। ଏବାବଦରେ ଦିର୍ଘ ୫ ବର୍ଷ ହେବ ଦେବୋତ୍ତର ବିଭାଗ ବାରମ୍ବାର ଅଭିଯୋଗ କଲେ ମଧ୍ୟ କିଛି କାର୍ଯ୍ୟକାରୀ ହୋଇପାରୁନାହିଁ । ଆଗକୁ ଗଣପର୍ବ ନୂଆଁଖାଇ ଓ ଦଶହରା ପର୍ବ ହେବ । ଭଙ୍ଗା ପରଭା ଓ ଗମ୍ଭିରା ଘର ତୁରନ୍ତ ମରାମତି କରିବା ପାଇଁ ପ୍ରଶାସନକୁ ଦାବି କରାଯାଇଥିଲା । ଏ ନେଇ ଗତ ୧୩ ତାରିଖ ଦିନ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂଦେଓଙ୍କ ସହ ଆଲୋଚନା କରି ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ପତ୍ର ସଂଖ୍ୟା ୧୨୪୬/୨୦୨୬ ଏକ ଚିଠି ପତ୍ର ଡିପିଆର୍ ପ୍ରସ୍ତୁତ ପାଇଁ ପୂର୍ତ୍ତ ବିଭାଗକୁ ଚିଠି ପ୍ରଦାନ କରାଯାଇଥିଲା । ଦିର୍ଘ ୨୫ ଦିନ ବିତିଯିବ ପୂର୍ତ୍ତ ବିଭାଗ ଏଯାଏ କୌଣସି ପଦକ୍ଷେପ ନେଇନଥିବାରୁ ବିଧାୟକଙ୍କ ଚିଠିକୁ ଅଣଦେଖା କରୁଛି ବୋଲି ଦେବାଳୟ ଐତିହ୍ୟ ସୁରକ୍ଷା କମିଟି ଦାବି କରିଛି । ଆଗାମୀ ୭ ଦିନ ମଧ୍ୟରେ ପୂର୍ତ୍ତ ବିଭାଗ କିଛି କାର୍ଯ୍ୟକାରୀ ନକଲେ କିମ୍ବା ଡିପିଆର୍ ପ୍ରସ୍ତୁତି ନକଲେ ଗାନ୍ଧୀ ପ୍ରତିମୂର୍ତ୍ତିରେ ବସିବା ପାଇଁ କମିଟି ନିଷ୍ପତ୍ତି ନେଇଛି । ଜିଲ୍ଲାପାଳ ଓ ଉପମୁଖ୍ୟମନ୍ତ୍ରୀଙ୍କ ସହ ଏ ବିଷୟରେ ଆଲୋଚନା କରିବେ ବୋଲି ନିଷ୍ପତ୍ତି ନିଆଯାଇଛି । ଏ ବିଷୟରେ କମିଟି ଏକ ପ୍ରେସ୍ ବିବୃତ୍ତି ଜାରି କରିଛନ୍ତି । ସଭାପତି ଜୟକୃଷ୍ଣ ମିଶ୍ରଙ୍କ ନିଷ୍ପତ୍ତି କ୍ରମେ ସମ୍ପାଦକ ପ୍ରଶାନ୍ତ ମହାକୁର ଏହି ପ୍ରେସ୍ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି । କୋଷାଧ୍ୟକ୍ଷ ଭବାନୀଶଙ୍କର ଭୋଇ, ସହ ସମ୍ପାଦକ ରିଣ୍ଟୁ ସାହୁ, ଶମ୍ଭୁ ଶତପଥି, ଆନନ୍ଦ ମିଶ୍ର, ସୁରେନ୍ଦ୍ର ନେଗୀ ଓ ମନ୍ଦିର କମିଟି ନିଷ୍ପତ୍ତି ନେଇଥିବା ବେଳେ ଏ ବାବଦରେ ଆଇନ୍‌ର ସହାୟତା ନେବେ ବୋଲି ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ


**ତା୮।୦୭।୨୦୨୬, ଆଷାଢ଼ ଦ୨୪ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ ୫।୧୫।୪୦ ଚନ୍ଦ୍ରୋଦୟ- ରାଘ ୧୧।୫୯।୦୭**


ଅଷ୍ଟମୀ ଦିଘ ୧୨।୨୪ ପର୍ଯ୍ୟନ୍ତ। **ରେବତୀ ନକ୍ଷତ୍ର-** ଦିଘ ୩।୫୮ ପର୍ଯ୍ୟନ୍ତ । **ମୀନ ଚନ୍ଦ୍ର-** ଦିଘ ୩।୫୮ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର, ମୀନ ରାଶିର । ଦିଘ ୩।୫୮ ଗତେ ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର, କୁମ୍ଭ ରାଶିର । **ଘାତଚନ୍ଦ୍ର-** ଧନୁ ରାଶିର । ଦିଘ ୩।୫୮ ଗତେ ମେଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଏବଂ ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନଡ଼ିଆ ଓ ଆମିଷ ଦିଘ ୧୨।୨୪ ଗତେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୭।୫୭ ଗତେ ଦିଘ ୮।୩୬ ମଧ୍ୟେ। ଦିଘ ୧୦।୧୫ ଗତେ ଦିଘ ୧୧।୨୭ ମଧ୍ୟେ ।




**ମେଷ:** ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ଶାରୀରିକ ଅସୁସ୍ଥତା ଦେଖାଦେବ। ବ୍ୟବସାୟ ମଧ୍ୟମ ଧରଣର ଚାଲିବ। ଘରେ ଅସନ୍ତୋଷ ଦେଖାଦେବ। ମହିଳାମାନେ ଅଳସୁଆ ହେବେ ।




**ବୃଷ:** ଶୁଭ ଖବର ପାଇ ଆନନ୍ଦିତ ହେବେ। ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ। ଦେହ ଭଲ ରହିବ। ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା ।




**ମିଥୁନ:** ଦେବ ଦର୍ଶନ ସହିତ ସେବା ପୂଜାର ସୁଯୋଗ ମଧ୍ୟ ଜୁଟିବ। କର୍ମକ୍ଷେତ୍ରରେ ସଫଳତା ଦେଖାଦେବ। ରୋଜଗାରରେ ଉନ୍ନତି ଦେଖାଦେବ। ଘରେ ଆନନ୍ଦ ଲାଭ ହେବ। ଦୂରକୁ ଯାତ୍ରା କରିପାରନ୍ତି।



**କର୍କଟ:** ଦେହ ଓ ମନ ଭଲ ରହିବ। ଦୂର ଯାତ୍ରା କରି ସଫଳତା ହାସଲ କରିବେ। ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ। ଆୟ ଓ ବ୍ୟୟ ସମାନ ରହିବ। ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ ।



**ସିଂହ:** ଯଶସ୍ୱୀ ହେବେ। ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ଅଟକି ରହିଥିବା କାର୍ଯ୍ୟଟି ସମ୍ପୂର୍ଣ୍ଣ ହୋଇପାରେ। ବନ୍ଧୁଙ୍କ ସହ ଭେଟ ହୋଇପାରେ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବାର ସୂଚନା ।



**କନ୍ୟା:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପାଇ ଉପକୃତ ହେବେ। ଆୟ ସ୍ଥିର ରହିବ। ପାରିବାରିକ ଜୀବନ ସୁଖମୟ ହେବ। ଦେବ ଦର୍ଶନ କରିପାରନ୍ତି। କଚେରୀ ମାମଲାରେ ଶୁଣାଣି ବିଳମ୍ବ ହୋଇପାରେ ।




**ତୁଳା:** ଅନ୍ୟମନସ୍କ ହେତୁ ସମସ୍ୟା ଦେଖାଦେଇପାରେ। ପରୋପକାର କରି ଖୁସି ହେବେ। ଧନ ଲାଭ ହେବ। ଘରେ ସୁଖ ଲାଭ ହେବ। ନୂତନ ବନ୍ଧୁ ଦର୍ଶନ ସହ ଉତ୍ତମ ଭୋଜନ ମଧ୍ୟ କରିପାରନ୍ତି ।




**ବିଛା:** ବ୍ୟବସାୟିକ ସ୍ଥିତି ମାନ୍ଦା ହେବ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକହେବ। ପରିବାରରେ ଅଶାନ୍ତି ଓ କଳହ ଦେଖାଦେବ। ପିଲାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ରହିବେ। ବନ୍ଧୁଙ୍କ ସହ ମତାନ୍ତର ।



**ଧନୁ:** ଅଟକି ରହିଥିବା କାମଟି ସମ୍ପୂର୍ଣ୍ଣ ହେବ। କୁଭୋଜନ କରି ଉଦର ପୀଡ଼ା ଦେଖାଦେଇପାରେ। ଘରେ ଅସନ୍ତୋଷ ଦେଖାଦେବ। ଆୟ ଓ ବ୍ୟୟ ସମାନ ରହିବ। ଭ୍ରମଣ ଯୋଗ ମଧ୍ୟ ରହିଛି ।



**ମକର:** ନିର୍ମାଣଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ଶତ୍ରୁମାନେ ପରାସ୍ତ ହେବେ। ଶୁଭ କାର୍ଯ୍ୟ ସହ ଦେବ ଦର୍ଶନର ସୁଯୋଗ ସୃଷ୍ଟି ହୋଇପାରେ। ପାରିବାରିକ ଜୀବନରେ ସୁଖ ଲାଭ ହେବ ।



**କୁମ୍ଭ:** ପୁରାତନ ବନ୍ଧୁଙ୍କ ସହ ସାକ୍ଷାତ ସହ ଆମୋଦ ପ୍ରମୋଦରେ ଦିନଟି ବିତିବ। କାର୍ଯ୍ୟକ୍ଷେତ୍ରରେ ସଫଳତା ଦେଖାଦେବ। ରୋଜଗାର ଭଲ ହେବ। ପାରିବାରିକ ଜୀବନ ସୁଖମୟ ହେବ ।



**ମୀନ:** କର୍ମକ୍ଷେତ୍ରରେ ଉନ୍ନତି ଦେଖାଦେବ। ଆର୍ଥିକ ସ୍ଥିତି ଭଲ ରହିବ। ଘରେ ଆନନ୍ଦ ଦେଖାଦେବ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଦୁଃସାହସିକ କାର୍ଯ୍ୟ କରି କୃତ କାର୍ଯ୍ୟ ହେବେ। ନୂତନ କାର୍ଯ୍ୟ ଆରମ୍ଭ ହେବ ।

# ବନ୍ୟାରେ ଦାନ ବାକ୍ସ ସହ ବୃଷଭ ମୂର୍ତ୍ତି ଭାସିଗଲା

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ ବ୍ରାହ୍ମଣୀପାଲି ଗ୍ରାମ ପଞ୍ଚାୟତ ଖଲିଆପାଲି ଶ୍ରୀଗୁପ୍ତେଶ୍ୱର ଶିବ ମନ୍ଦିରର ରୋଷେଇ ଘର ଭାଙ୍ଗି ଯାଇଥିବା ବେଳେ ଦାନ ବାକ୍ସ, ବୃଷଭ ମୂର୍ତ୍ତି ଓ ଅନ୍ୟାନ୍ୟ ସାମଗ୍ରୀ ସାଲୁଙ୍କିର ପ୍ରଳୟ ବନ୍ୟାରେ ଭାସି ଯାଉଥିବା ସୂଚନା ମିଳିଛି । ସକାଳେ ସାଲୁଙ୍କି ନଦୀରେ ବନ୍ୟା ଆସି ମନ୍ଦିର ପରିସରରେ ୩ ଫୁଟ୍ ଉଚ୍ଚର ସୁଅ ଚାଲିଥିଲା । ଫଳରେ ଉପରୋକ୍ତ ସାମଗ୍ରୀ ସମେତ ମନ୍ଦିରର ଛତି ଛତ୍ର, ପୂଜା ଓ ଭୋଗ ସାମଗ୍ରୀ ମଧ୍ୟ ଭାସି ଯାଇଥିଲା । ସକାଳେ ବନ୍ୟାର ପ୍ରକୋପ କମିବା ପରେ ଦେଖିବାକୁ ମିଳିଥିଲା। ସକାଳେ ମନ୍ଦିର ପରିଦର୍ଶନ ପରେ ଏ ସମ୍ପର୍କରେ ସରପଞ୍ଚ ଅରୁଣ କୁମାର ବାଘ ସୂଚନା ଦେଇଛନ୍ତି ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୯।୦୭।୨୦୨୬, ଆଷାଢ଼ ଦ୨୫ନ, ଗୁରୁବାର**


**ସୂର୍ଯ୍ୟୋଦୟ- ଘ ୫।୧୫।୦୪ ଚନ୍ଦ୍ରୋଦୟ- ରାଘ ୧୨।୪୫।୧୮**

ନବମୀ ଦିଘ ୧୦।୪୦ ପର୍ଯ୍ୟନ୍ତ। **ଅଶ୍ୱିନୀ ନକ୍ଷତ୍ର-** ଦିଘ ୨।୫୭ ପର୍ଯ୍ୟନ୍ତ । **ମେଷ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର, କୁମ୍ଭ ରାଶିର । **ଘାତଚନ୍ଦ୍ର-** ମେଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଲାଉ ଦିଘ ୧୦।୪୦ ଗତେ କଳମ ଶାଗ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୧୯ ଗତେ ଦିଘ ୬।୧୨ ମଧ୍ୟେ। ଦିଘ ୯।୪୧ ଗତେ ଦିଘ ୧୧।୨୮ ମଧ୍ୟେ ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

## ପାଠ୍ୟପୁସ୍ତକ ତ୍ରୁଟି ଘଟଣା : ଯୋରନ୍ଦା ମେଳା ଚିତ୍ର ସ୍ଥାନରେ ସୁରଜକୁଣ୍ଡ ମେଳା

ଷଷ୍ଠ ଶ୍ରେଣୀ 'ସାହିତ୍ୟ ସୁଧା' ପାଠ୍ୟପୁସ୍ତକରେ 'ଛଉ ନୃତ୍ୟ' ବିଷୟ ରହିଛି । ଏଥିରେ ମୟୂରଭଞ୍ଜ ଜିଲ୍ଲାର ପ୍ରସିଦ୍ଧ 'ଛଉ ନୃତ୍ୟ' ବିଷୟ ଉଲ୍ଲେଖ କରାଯାଇଛି । ହେଲେ ପଶ୍ଚିମବଙ୍ଗର ପୁରୁଲିଆ ଛଉ ଫଟୋ ଦିଆଯାଇଛି । ତୃତୀୟ ଶ୍ରେଣୀ 'ଗଣିତ ମେଳା' ପାଠ୍ୟପୁସ୍ତକରେ 'ଯୋରନ୍ଦା ମେଳା' ଉପରେ ଏକ ବିଷୟ ରଖାଯାଇଛି । ହେଲେ ପାଠରେ ମେଳା ସଂପର୍କରେ କିଛି ଉଲ୍ଲେଖ କରାଯାଇନି । ମାତ୍ର ପ୍ରଦର୍ଶିତ ଚିତ୍ର ହେଲା ସୁରଜକୁଣ୍ଡ ମେଳାର । ଏଇ ଦୁଇଟି ଉଦାହରଣ ନୁହେଁ ଏମିତି ଅନେକ ସ୍ଥାନରେ ତ୍ରୁଟି ରହିଛି । ଏନ୍‌ସିଇଆରଟି ବହିରୁ ତଥ୍ୟ ଓ ଫଟୋ ଚିତ୍ରକୁ ଆଣି ପିଲାଙ୍କ ପଢ଼ା ପାଇଁ ଭୁଲ୍ ତଥ୍ୟ ଓ ଚିତ୍ର ପ୍ରଦାନ କରାଯାଇଛି । ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରା ଏହା ଦ୍ୱାରା ବିକୃତ ହେଉଛି ବୋଲି ଶିକ୍ଷକମାନେ ଅଭିଯୋଗ ଆଣିଛନ୍ତି । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ ବନାନ୍‌ଗତ ତ୍ରୁଟି ଯେତିକି ଅଛି ତା ସାଙ୍ଗକୁ ତଥ୍ୟଗତ, ଚିତ୍ରଜନିତ ତ୍ରୁଟି ରହିଛି । ଶିକ୍ଷକଙ୍କ କହିବା କଥା, ବନାନଗତ ତ୍ରୁଟିକୁ ସଂଶୋଧନ କରି ପଢ଼ାଇ ହେବ, ହେଲେ ତଥ୍ୟଗତ ତ୍ରୁଟିକୁ କିପରି ସଂଶୋଧନ କରାଯିବ। ଅଭିଯୋଗ ଅନୁଯାୟୀ, ଷଷ୍ଠ ଶ୍ରେଣୀ ସାହିତ୍ୟ ସୁଧା ବହିରେ ଛଉ ନୃତ୍ୟ ଏବଂ ଏହାର ଓଡ଼ିଶା ସହ ସଂପର୍କ ବିଷୟରେ ୪ ପୃଷ୍ଠାରେ ଉଲ୍ଲେଖ କରାଯାଇଛି । ହେଲେ ଏଠାରେ ଓଡ଼ିଶାର ମୟୂରଭଞ୍ଜର ସ୍ୱତନ୍ତ୍ର ଛଉ ନୃତ୍ୟର ପରମ୍ପରା କୌଣସି ଦୃଶ୍ୟମାନ ଚିତ୍ରକୁ ପ୍ରଦର୍ଶିତ କରାଯାଇନାହିଁ । ଏହା ବଦଳରେ ଏଠାରେ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡରେ ପ୍ରଚଳିତ ପୁରୁଲିଆ ଓ ଷଢ଼େଇକଳା ଛଉ ପରମ୍ପରା ଭଳି ଦେଖାଯାଉଥିବା ମୁଖାପିନ୍ଧା କଳାକାରଙ୍କ ତିନୋଟି ଫଟୋ ରହିଛି । ମାତ୍ର ପାଠ ସହ ଜଡ଼ିତ କାର୍ଯ୍ୟପତ୍ରିକାର ଶେଷରେ ମୟୂରଭଞ୍ଜ ଛଉ ନୃତ୍ୟର ଏକ ଛୋଟ ଚିତ୍ର ରହିଛି ଯାହା ପାଠ ପଢ଼ିବା ଅଧ୍ୟାୟରେ ନାହିଁ ବୋଲି ଜଣେ ଶିକ୍ଷକ ଅଭିଯୋଗ ଆଣିଛନ୍ତି । ତାଙ୍କ କହିବା କଥା, ଓଡ଼ିଶାର 'ଛଉ ନୃତ୍ୟ' ପୁରୁଲିଆ ଓ ଷଢ଼େଇକଳା ଶୈଳୀ ଭଳି ନୁହେଁ । ମୟୂରଭଞ୍ଜରେ ହେଉଥିବା ଛଉ ନୃତ୍ୟ ବିନା ମୁଖାରେ ପ୍ରଦର୍ଶନ କରାଯାଏ । କଳାକାରମାନେ ମୁହଁର ଅଭିବ୍ୟକ୍ତି ଓ ଆଖିର ଚାଳନା ମାଧ୍ୟମରେ ଭାବ ପ୍ରକାଶ କରନ୍ତି । ସେହିପରି ଏନ୍‌ସିଇଆରଟି ତୃତୀୟ ଶ୍ରେଣୀ 'ମ୍ୟାଥ୍ ମେଳା' ବହିରେ ସୁରଜକୁଣ୍ଡ ମେଳାର ଏକ ବିଷୟ ରହିଛି । ଏଠାରେ ତା ପାଇଁ ଏକ ଚିତ୍ର ବ୍ୟବହାର କରାଯାଇଛି । ଏଠାରେ ତୃତୀୟ ଶ୍ରେଣୀ ବହିର ନାମକୁ 'ଗଣିତ ମେଳା' ରଖାଯାଇଛି । ଏଠାରେ ସୁରଜକୁଣ୍ଡ ମେଳା ବଦଳରେ ବିଷୟର ଶୀର୍ଷକକୁ 'ଯୋରନ୍ଦା ମେଳା' ରଖାଯାଇଛି । ମାତ୍ର ଚିତ୍ର ପ୍ରଦର୍ଶନ ସମୟରେ ଏନ୍‌ସିଇଆରଟି ବହିରେ ବ୍ୟବହୃତ ହୋଇଥିବା ସୁରଜକୁଣ୍ଡ ମେଳାର ବିଷୟରେ ବ୍ୟବହୃତ ଚିତ୍ରକୁ ସିଧାସଳଖ କପି ଆଣି ଏଠାରେ ରଖାଯାଇଛି । ଶିକ୍ଷକଙ୍କ ଅଭିଯୋଗ, ଓଡ଼ିଶାର ସଂସ୍କୃତିକୁ ଆଧାର କରି ବିଷୟ ଲେଖାଯାଉଛି ହେଲେ ସେହି ଚିତ୍ରକୁ ସ୍ଥାନିତ କରାଯାଇ ନାହିଁ । ଏତିକି ନୁହେଁ, ଅଷ୍ଟମ ଶ୍ରେଣୀ କଳା ଶିକ୍ଷା ବହି 'କୃତି'ରେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଫଟୋ ବଦଳରେ ଜାତୀୟ ପତାକା ସହ ବନ୍ଦେ ମାତରମ୍‌ର ଲୋଗୋ ଦିଆଯାଇଛି । ଅନ୍ୟ ଏକ କବିତାରେ ଅଚ୍ୟୁତାନନ୍ଦ ଦାସଙ୍କ ନାମ ଉଲ୍ଲେଖ ରହିଛି ହେଲେ ତାଙ୍କ ଫଟୋ ବଦଳରେ ଅଚ୍ୟୁତାନନ୍ଦ ଗାଦିର ଫଟୋ ରହିଛି । ଅନେକ ସାହିତ୍ୟିକଙ୍କ ନାମକୁ ଭୁଲ୍ ଲେଖାଯାଇଛି । ଏନ୍‌ସିଇଆରଟି ଯେତେବେଳେ ପାଠ୍ୟପୁସ୍ତକ ପ୍ରସ୍ତୁତ କରିଥାଏ ସେ ସମୟରେ ତାଙ୍କ ପାଖରେ ଯେ କେବଳ ପାଠ୍ୟପୁସ୍ତକ ଲେଖିବାକୁ ଶିକ୍ଷକ ଥାନ୍ତି ତାହା ନୁହେଁ କେଉଁ ବିଷୟ ପାଇଁ କେଉଁ ଚିତ୍ରକୁ ରଖାଯିବ ସେଥିଲାଗି ଚିତ୍ରକର (ଇଲୁଷ୍ଟ୍ରେଟର)ଙ୍କୁ ନିଯୋଜିତ କରାଯାଇଥାଏ । ଏମାନଙ୍କ କାର୍ଯ୍ୟ ହେଉଛି ବିଷୟ ଓ କଣ୍ଟେଣ୍ଟକୁ ଆଧାର କରି ଚିତ୍ର ପ୍ରସ୍ତୁତ କରିବେ । ଯଦି ଆବଶ୍ୟକ ହୁଏ କୌଣସି ସ୍ଥାନକୁ ଚିତ୍ରକୁ ଆଣିବାକୁ ପଡ଼େ ସେଠାରୁ କପି ରାଇଟ୍ ଅନୁମତି ଆଣିବାକୁ ହେବ । ହେଲେ ଏସ୍‌ସିଇଆରଟିର ପାଠ୍ୟପୁସ୍ତକ ପ୍ରସ୍ତୁତ ସମୟରେ ସମସ୍ତ ପ୍ରକାରର କପି ରାଇଟ୍‌ନିୟମକୁ ଉଲ୍ଲଙ୍ଘନ କରିଛି । ଏମିତି ମନଇଚ୍ଛା ଚିତ୍ରକୁ ସ୍ଥାନିତ କରିଛି । ଏତିକି ନୁହେଁ, ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ସାହିତ୍ୟ ବହିରେ ଅନେକ କବିତା ଓ ଗପକୁ ରଖାଯାଇଛି । ହେଲେ କିଏ ଲେଖିଛନ୍ତି ତାଙ୍କର ନାମ ଲେଖାଯାଇନି । ଏହାକୁ ନେଇ ସାହିତ୍ୟିକ ମାନେ ଏସ୍‌ସିଇଆରଟିକୁ ବହୁଦିନ ଆଗରୁ ଚିଠି ଲେଖିଛନ୍ତି । ହେଲେ ଏହାର ଉତ୍ତର ଏସ୍‌ସିଇଆରଟି ସେମାନଙ୍କୁ ଦେଇନାହିଁ । ସେହିପରି ପାଠ୍ୟପୁସ୍ତକରେ ବହୁ ଅବୈଜ୍ଞାନିକ ବିଷୟବସ୍ତୁକୁ ଭର୍ତ୍ତି ହୋଇଥିବା ଅଭିଯୋଗ ମଧ୍ୟ କରାଯାଇଛି । ଅଷ୍ଟମ ଶ୍ରେଣୀ ଗଣିତ ବହିରୁ ଜ୍ୟାମିତି, ତ୍ରିକୋଣମିତି, ପରିମିତି, ସେଟ୍, ପଲିନୋମିଆଲ୍, ବ୍ୟବସାୟ ଗଣିତ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଉଚ୍ଛେଦ କରି ମନଇଚ୍ଛା ଗପ ଭର୍ତ୍ତି କରାଯାଇଛି ବୋଲି ଶିକ୍ଷକ ଅଭିଯୋଗ କରିଛନ୍ତି । ସରକାର ନିର୍ଦ୍ଦେଶ ଦେଲେ, ଗଣଶିକ୍ଷା ବିଭାଗ ମଧ୍ୟ କହିଲା ସଂପୂର୍ଣ୍ଣ ଭାବେ ତ୍ରୁଟିମୁକ୍ତ ବହି ପିଲାଙ୍କ ପାଖେ ପହଞ୍ଚିବ । ହେଲେ ଏଥିପାଇଁ ପ୍ରାରମ୍ଭିକ ଭାବେ ପ୍ରଥମରୁ ଚତୁର୍ଥ ଶ୍ରେଣୀ ବହିର ସଂଶୋଧିତ ଡ୍ରାଫ୍ଟ କପିକୁ ଓସେପା, ଏସ୍‌ସିଇଆରଟି ୱେବ୍‌ସାଇଟ୍‌ରେ ଅପଲୋଡ୍ କରାଯାଇଛି । ଏଠି ପ୍ରଶ୍ନ ଉଠୁଛି, ବହିରୁ ତଥ୍ୟ, ବନାନ୍‌ଗତ ତ୍ରୁଟି ତ ସଂଶୋଧିତ ହୋଇପାରିବ । ହେଲେ ଏପରି ପ୍ରାସଙ୍ଗିକ ତ୍ରୁଟିକୁ ଏସ୍‌ସିଇଆରଟି ସଂଶୋଧନ କରିବ ତ ? ସିଲାବସ୍ ପ୍ରଥମେ ସମୀକ୍ଷା କରି କେଉଁ ବିଷୟରେ କ'ଣ ରହିବା ଆବଶ୍ୟକ ତାକୁ ସ୍ଥାନିତ କରାଯିବ ତ ? ଏପରି ପ୍ରଶ୍ନ କରିଛନ୍ତି ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ । ସଂଘ କହିଛି, ତୃତୀୟ ଶ୍ରେଣୀ ଭାଷା ମହକ ବହିରୁ ଗାନ୍ଧୀ, ଗୋପବନ୍ଧୁଙ୍କ କଥା ସହ ଅସହଯୋଗ ଆନ୍ଦୋଳନକୁ ସମର୍ଥନ କରି ଲଢ଼ିଥିବା ସଂଗ୍ରାମୀଙ୍କ ବିଷୟକୁ ଅଣଦେଖା କରାଯାଇଛି ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ପ୍ରତିଷ୍ଠା

ଶ୍ରଦ୍ଧେୟ ଭକ୍ତବୃନ୍ଦ ଯିଏ ସାରା ବ୍ରହ୍ମାଣ୍ଡର ମାଲିକ ଆଉ ଯାହା ଉପରେ ଚଉଦ ବ୍ରହ୍ମାଣ୍ଡ ତିଷ୍ଠି ପାରିଛି ସେହିଁ ଅନନ୍ତ ଅବିନାଶୀ, ପରଂବ୍ରହ୍ମ ତାକୁ ଆମେ କଣ ପ୍ରତିଷ୍ଠା କରିବା। ସେତ ଆମକୁ ପଠାଇଛନ୍ତି, ତାଙ୍କ କର୍ମ କରିବା ପାଇଁ ଆଉ ଆମେ କଣ ତାଙ୍କୁ ପ୍ରତିଷ୍ଠା କରିବା ଏଇ ପ୍ରତିଷ୍ଠା ହିଁ ଏକ ଅହଂକାର ଏହା ବି ଏକ ବ୍ୟାଧି । ଯିଏ ସ୍ୱୟଂ ପ୍ରକାଶ୍ୟ ଯାହାଦ୍ୱାରା ଚଳ ଅଚଳ ସବୁ ନିମିଷକେ ଓଲଟ ପାଲଟ ହୋଇଯାଏ । ସେହି ପ୍ରଭୁ ହେଲେ ଜୀବ ଜଗତର ପ୍ରାଣ । ପ୍ରାଣକୁ ପୁଣି କଣ ପ୍ରତିଷ୍ଠା କରିବା, ସେହିଁ ସତ୍ୟ, ଶିବ, ସୁନ୍ଦର, ତେଣୁ ହେ ଭକ୍ତ ତୁମ ଭିତରେ ସତ୍ୟ, ଶାନ୍ତି, ଦୟା, କ୍ଷମା, ଶ୍ରଦ୍ଧା, ବିଶ୍ୱାସ, ଭକ୍ତି, ଜ୍ଞାନକୁ ପ୍ରତିଷ୍ଠା କରି ଈଶ୍ୱରଙ୍କ ଉପାସନାରେ ବ୍ରତୀ ହେଲେ ସେହିଁ ହେବ ଈଶ୍ୱରଙ୍କ ପାଇଁ ପ୍ରତିଷ୍ଠା, କେବଳ ଭାବ ଟିକିଏ ରଖ ଦେଖିବ ସେ ତୁମକୁ କିପରି ସରଳ ସୁନ୍ଦର ଭାବରେ ଏ ଜଗତରେ ତୁମକୁ ପ୍ରତିଷ୍ଠା କରି ଦେଇଥିବେ । ଆଉ ତୁମେ ତାକୁ କଣ ପ୍ରତିଷ୍ଠା କରିବା ତାଙ୍କର ଧନ, ତାଙ୍କରି ମନ, ତାଙ୍କରି ଫୁଲ ଫଳକୁ ତାଙ୍କୁ ଦେଇ ତୁମେ ଭାବୁଛ ଆମେ ସବୁ କରି ଦେଉଛୁ । ଆମଠାରୁ ଦାନୀ, ମାନୀ, ଧନୀ ଏ ଦୁନିଆରେ ଆଉ କେହି ନାହାଁନ୍ତି । ଆଉ ନିଜକୁ ଟିକେ ଭାବ ତୁମେ ସେହି ପାଣି ଫୋଟକା ମିଳେଇ ଯିବ ନିମିଷକ ମଧ୍ୟରେ ତୁମର ସତା ଓ ପତା ତୁମର ପୁତ୍ର ନାତିମାନେ ମଧ୍ୟ ମନେରଖିନଥିବେ। ଏଣୁ କାହାକୁ ନେଇ ଏତେ ଗର୍ବ ଅହଂକାର ଟିକେ ଭାବି ଦେଖ ସତ୍ୟକୁ ଆଧାରରେ କର ଦେଖିବ ସବୁ ସେଇ ଏକ ପରମାତ୍ମା ପରମ ପିତା । ହରି ଓଁ ।

◆◆



ସୁକାନ୍ତ ଛାଟୋଇ
ପୋପରଡ଼ା, ନୂଆ ବଜାର, କଟକ,
ଦୂରଭାଷ : ୮୨୪୯୨୬୦୬୨୧
E-mail : chhatoisukanta@yahoo.co.in

## ଜ୍ୱରରେ କମ୍ପୁଛନ୍ତି ଶ୍ରୀଜୀଉ : ଅଣସର ଉପଚାର ବିଧି

ଯୁଗେ ଯୁଗେ ଲୀଳାମୟ ଭକ୍ତମାନଙ୍କ ପାଇଁ ଅନେକ ଲୀଳା ରଚନା କରିଛନ୍ତି। ସେଥିମଧ୍ୟରୁ କେତେକ ମାନବୀୟ ଲୀଳା ଅନ୍ୟତମ। ଏଥିମଧ୍ୟରେ କେତେବେଳେ ଭକ୍ତ ପାଇଁ ବଡ଼ଦାଣ୍ଡରେ ନନ୍ଦିଘୋଷ ରଥ ଅଟକିଯାଇଛି ତ ପୁଣି କେତେବେଳେ ଭୁଜ ବଢ଼ାଇ ଭକ୍ତ ହାତରୁ ନଡ଼ିଆ ନେଇଛନ୍ତି। ଏମିତି ଅନେକ ଲୀଳା ପାଇଁ ପୁରୁଷୋତ୍ତମ କ୍ଷେତ୍ର ପୁରୀ ଆଜି ସାଧୁ, ସନ୍ଥ, ସନ୍ନ୍ୟାସୀ ଓ ବିଭିନ୍ନ ବର୍ଗର ଭକ୍ତଙ୍କୁ ଆକର୍ଷିତ କରିଛି। ଦାରୁବ୍ରହ୍ମ ସ୍ନାନ ପୂର୍ଣ୍ଣମୀରେ ଶହେଆଠ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପଡ଼ିଥାନ୍ତି। ଚତୁର୍ଦ୍ଧାବିଗ୍ରହଙ୍କ ଚାଲେ ଗୁପ୍ତ ପୂଜା। ଚଉଦ ଦିନ ଧରି ଅଣସର ପିଣ୍ଡିରେ ଗୁପ୍ତସେବା ପାଉଥିବା ସମୟରେ ତିନିରୂପରେ ଉପାସିତ ହୋଇଥାନ୍ତି ମହାପ୍ରଭୁ। ଏହି ସମୟରେ ଭକ୍ତମାନେ ଶ୍ରୀବିଗ୍ରହଙ୍କୁ ଦାରୁବ୍ରହ୍ମ, ପଟ୍ଟିଦିଅଁ, ପ୍ରସ୍ତର ବିଗ୍ରହ ରୂପେ ପୂଜା କରିଥାନ୍ତି।

ଅନବସର କାଳରେ ପଛପଟେ ଦାରୁବ୍ରହ୍ମ ଅଣସର ପିଣ୍ଡରେ ଗୁପ୍ତ ପୂଜା ଓ ଉପଚାର ହେଉଥିବା ସମୟରେ ସମ୍ମୁଖରେ ଏକ ତାଟି ପଡ଼ି ତା ମଧ୍ୟରେ ଶ୍ରୀ ଅନନ୍ତ ବାସୁଦେବ, ମା'ଭୁବନେଶ୍ୱରୀ, ଶ୍ରୀ ନାରାୟଣଙ୍କ ପଟ୍ଟଚିତ୍ର ସ୍ଥାପନ କରାଯାଏ। ସମ୍ମୁଖରେ ଗୋଟିଏ ଖଟ ଉପରେ ମଦନମୋହନ, ରାମକୃଷ୍ଣ, ଶ୍ରୀଦେବୀ, ଭୂଦେବୀଙ୍କୁ ବସାଇ ଉପାସନା କରାଯାଏ। ଯଦିଓ ମହାପ୍ରଭୁଙ୍କୁ ଅନ୍ନ ପ୍ରସାଦ ଭୋଗ କରାଯାଏ ନାହିଁ କିନ୍ତୁ ପଟ୍ଟିଦିଅଁଙ୍କୁ ବଲ୍ଲଭ ବ୍ୟତୀତ ଅନ୍ନପ୍ରସାଦ ଓ ଅନ୍ୟାନ୍ୟ ବ୍ୟଞ୍ଜନ ପରିବେଷଣ କରାଯାଇଥାଏ। ପନ୍ଦର ଦିନ ପରେ ମହାପ୍ରଭୁଙ୍କ ନବଯୌବନ ଦର୍ଶନ ଦିନ ଏହି ପଟ୍ଟିଦିଅଁଙ୍କୁ ବିସର୍ଜନ କରାଯାଇଥାଏ। ଏହିଭଳି ଭାବେ ପଟ୍ଟିଦିଅଁଙ୍କୁ ଉପାସନା କରାଯାଇଥାଏ। ସ୍ନାନ ପୂର୍ଣ୍ଣିମାରେ ଅମୁହାଁ କୂଅ ଜଳରେ ଅତ୍ୟଧିକ ସ୍ନାନ କରି ଜ୍ୱରରେ ପଡ଼ିଛନ୍ତି ମହାପ୍ରଭୁ। ଅଣସର ଘରେ ଚାଲିବାର ପରମ୍ପରା ରହିଛି। ଚତୁର୍ଦ୍ଧା ବିଗ୍ରହଙ୍କ ଗୁପ୍ତ ସେବା। ମହାପ୍ରଭୁଙ୍କ ଏହି ପନ୍ଦର ଦିନ ଉପଚାର ବିଧି ହେଉଛି ଯେ, ଆଷାଢ଼ କୃଷ୍ଣ ତୃତୀୟାରେ ଠାକୁରଙ୍କ ଓଦାବସ୍ତ୍ର ଖୋଲାଯାଏ। ଚତୁର୍ଥୀରେ ବର୍ଷସାରା ଲାଗିଥିବା ଚନ୍ଦନ ଏବଂ ବସ୍ତ୍ରଫିଟା ନୀତି ସମ୍ପନ୍ନ ହୁଏ। ପଞ୍ଚମୀରେ ଓଡ଼ିଆ ମଠ ଏବଂ ମନ୍ଦିର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଉଥିବା ଫୁଲୁରୀ ତେଲ ଠାକୁରଙ୍କୁ ଲାଗି କରାଯାଏ। ସ୍ୱତନ୍ତ୍ର ଭାବେ ଏହି ତେଲ ପ୍ରସ୍ତୁତ କରାଯାଇଥାଏ। ଷଷ୍ଠୀ ଠାରୁ ନବମୀ ପର୍ଯ୍ୟନ୍ତ ଠାକୁରଙ୍କୁ ଓଷୁଅ ଲାଗି କରାଯାଇଥାଏ। ଏହି ଓଷୁଅ ଅଣସର ଶୁଦ୍ଧସୁଆରମାନେ ବାଡ଼ ଅନୁଯାୟୀ ଯୋଗାଇଥାନ୍ତି। ଝୁଣା, ରାଶିତେଲରେ ଏହା ପ୍ରସ୍ତୁତ ହୁଏ। ଦଶମୀ ଦିନ ଦଇତା ସେବକମାନେ ଅଣସର ଘରେ ଦାରୁବିଗ୍ରହଙ୍କୁ ଚକା ଉପରକୁ ବିଜେ କରାଇଥାନ୍ତି। ଏହାକୁ ଚକା ବିଜେ କୁହାଯାଏ। ଏହି ଦିନ ଚତୁର୍ଦ୍ଧା ବିଗ୍ରହ ସାମାନ୍ୟ ଆରୋଗ୍ୟ ଅନୁଭବ କରନ୍ତି।

ଏକାଦଶୀ ତିଥିରେ ଖଳି ପ୍ରସାଦ ଲାଗି ହୋଇଥାଏ। ଏହାକୁ ମଧ ଅଣସର ଶୁଦ୍ଧସୁଆର ଯୋଗାଇଥାନ୍ତି। ଅଣସର ଘରେ ପ୍ରବେଶ କରିବା ଠାରୁ ଏକାଦଶୀ ପର୍ଯ୍ୟନ୍ତ ଶୁକ୍ଳବସ୍ତ୍ର, ଧଳାଫୁଲ ଏବଂ ବିନା ତୁଳସୀରେ ଠାକୁରଙ୍କ ବେଶ ହୋଇଥାଏ ଏବଂ ଭୋଗ ଲାଗି କରାଯାଇଥାଏ। ଏହି ଏକାଦଶୀରେ ଠାକୁରମାନଙ୍କ ଶ୍ରୀଅଙ୍ଗରେ ଚନ୍ଦନ ଲାଗି କରାଯାଏ। ରାଜବୈଦ୍ୟଙ୍କ ଘରୁ ଦଶମୀ ଦିନ ଆସିଥିବା ଦଶମୂଳ ମୋଦକ ପତିମହାପାତ୍ର ଲାଗି କରିଥାନ୍ତି। ଏହି ଦିନ ଗୀତିଗୋବିନ୍ଦ ଖଣ୍ଡୁଆ, ତୁଳସୀ ଏବଂ ବିଭିନ୍ନ ରଙ୍ଗର ପୁଷ୍ପ ମଧ୍ୟ ପରିଧାନ କରନ୍ତି। ଦଶମୂଳ ସେବନ କରିବା ପରେ ଆରୋଗ୍ୟଲାଭ କରନ୍ତି ମହାପ୍ରଭୁ। ଦ୍ୱାଦଶୀରେ ରାଜପ୍ରସାଦ ବିଜେ ଏବଂ ଠାକୁରଙ୍କ ସପ୍ତାଚରଣ କାର୍ଯ୍ୟ ଆରମ୍ଭ କରାଯାଏ। ଚତୁର୍ଦ୍ଦଶୀ ଦିନ ତାଟିଦିଅଁଙ୍କୁ ବଡ଼ସିଂହାର ଭୋଗ ହେବାପରେ ଅଣସର ଘରେ ପଣା ଓ ଚକଟା ଭୋଗ ହୋଇଥାଏ। ଏହାପରେ ଅଣସରେ ଘରେ ରହିଥିବା ପନ୍ଦର ଦିନର ପ୍ରସାଦ ଏବଂ ଫୁଲ ବାହାର କରାଯିବା ପରେ ଦତ୍ତ ମହାପାତ୍ର ବନକଲାଗି କରିଥାନ୍ତି। ଆଷାଢ଼ ଅମାବାସ୍ୟାରେ ମହାପ୍ରଭୁଙ୍କ ନବଯୌବନ ଦର୍ଶନ ଏବଂ ନେତ୍ରୋତ୍ସବ ଅନୁଷ୍ଠିତ ହୁଏ। ଶ୍ରୀଜୀଉଙ୍କ ଅଣସର ନୀତି ସମ୍ପର୍କରେ ଗବେଷକ ମାନଙ୍କ ମତ ପ୍ରଭୁ ଜଗନ୍ନାଥ ହେଉଛନ୍ତି ଶବର ଦେବତା। ତେବେ ଲୀଳାମୟଙ୍କ ଅନେକ ଲୀଳା ଭିତରେ ଅଣସର ଅବକାଶ ଲୀଳା ହେଉଛି ଏକ ସ୍ୱତନ୍ତ୍ର ଓ ଅନନ୍ୟ ଲୀଳା। ବର୍ଷକରେ ଥରେ ଶ୍ରୀଜୀଉ ଦଇତା ନିଯୋଗଙ୍କ ସେବା ପୂଜାରେ ସୁସ୍ଥ ହୋଇ ନିଜ ମାନବୀୟ ଲୀଳା ପ୍ରଦର୍ଶନ କରନ୍ତି। ଅଣସର ଲୀଳା ପରେ ଶ୍ରୀଜୀଉ ରତ୍ନସିଂହାସନକୁ ପଛ କରି ବଡ଼ଦାଣ୍ଡରେ ଶରଧା ବାଲିକୁ ଧାଇଁ ଆସନ୍ତି ଆମ ସମସ୍ତଙ୍କୁ କୋଳେଇ ନେବା ପାଇଁ। ମହାପ୍ରଭୁଙ୍କ ଅଣସର ଲୀଳା ସମୟରେ ମନେପଡୁଛି କବି ଆର୍ତ୍ତ ଦାସଙ୍କ ସେହି କାଳଜୟୀ ଭାବପୂର୍ଣ୍ଣ ଜଣାଣ – 'ପତିତପାବନ ବାନା ଆଉ କେତେ ବେଳକୁ, ଭାସିଗଲି ଭବଜଳେ ନାବ ଦିଅ କୂଳକୁ।'



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଭଗବତୀ ସାହିତ୍ୟ ସଂସଦ
ଅରଙ୍ଗାବାଦ, ବରୀ, ଯାଜପୁର
ମୋ-୮୨୪୯୫୦୨୭୭୬

## ମହାପ୍ରଭୁଙ୍କ ମହାନ୍ ଲୀଳା ପଟିଦିଅଁ ନୀତି

ଶ୍ରୀକ୍ଷେତ୍ର ପୁରୀରେ ପ୍ରଭୁ ଜଗନ୍ନାଥ, ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ପ୍ରଭୁ ସୁଦର୍ଶନଙ୍କ ଚତୁର୍ଦ୍ଧାମୂର୍ତ୍ତି ପାଇଁ କରାଯାଉଥିବା ଦୈନନ୍ଦିନ ସେବା ଏବଂ ରୀତିନୀତି ବିଶ୍ୱରେ ଅନନ୍ୟ। ମନ୍ଦିରରେ ଅନେକ ଦୈନନ୍ଦିନ ରୀତିନୀତି କରାଯାଏ, ଯାହା ଶତାବ୍ଦୀ ଶତାବ୍ଦୀ ଧରି ପ୍ରଚଳିତ ହୋଇଆସୁଛି। ଏହି ରୀତିନୀତି ମଧ୍ୟରୁ 'ପଟିଦିଅଁ ନୀତି' ଏକ ବିଶେଷ ଏବଂ ଅତ୍ୟାବଶ୍ୟକ ରୀତିନୀତି। ଏହା ମହାପ୍ରଭୁଙ୍କ ଦିବ୍ୟ ରୀତିନୀତି, ସେବା ଏବଂ ଭକ୍ତିର ଏକ ଜୀବନ୍ତ ଉଦାହରଣ। ପଟିଦିଅଁ ନୀତି କେବଳ ଏକ ଧାର୍ମିକ ରୀତିନୀତି ନୁହେଁ, ବରଂ ମହାପ୍ରଭୁଙ୍କ ମାନବ ସ୍ୱଭାବର ପ୍ରତୀକ। ଏହି ରୀତିନୀତି ମାଧ୍ୟମରେ, ଜଗନ୍ନାଥ ମହାପ୍ରଭୁ ନିଜକୁ ଜଣେ ସାଧାରଣ ମଣିଷ ଭାବରେ ପ୍ରକାଶ କରନ୍ତି ଏବଂ ଭକ୍ତମାନଙ୍କୁ ଜୀବନର ଅନେକ ରହସ୍ୟ ଶିକ୍ଷା ଦିଅନ୍ତି। ପଟିଦିଅଁର ଅର୍ଥ ବୁଝିବା, 'ପଟି' ଅର୍ଥ କପଡ଼ା କିମ୍ବା ବସ୍ତ୍ର, ଏବଂ 'ଦିଅଁ' ଅର୍ଥ ବାନ୍ଧିବା। ତେଣୁ, ପଟିଦିଅଁ ନୀତି ହେଉଛି ମହାପ୍ରଭୁଙ୍କ ଶରୀରରେ ନିର୍ଦ୍ଦିଷ୍ଟ ସ୍ଥାନରେ ପଟି ବାନ୍ଧିବାର ଏକ ବିଶେଷ ରୀତିନୀତି। ଏହା ସାଧାରଣତଃ ସ୍ନାନ ପୂର୍ଣ୍ଣିମା ପରେ ଅଣସର ମାସରେ ପାଳିତ ହୁଏ। ସ୍ନାନ ପୂର୍ଣ୍ଣିମା ଦିନ ମହାପ୍ରଭୁଙ୍କୁ ୧୦୮ କଳସ ଜଳରେ ସ୍ନାନ କରାଯାଏ। ଏହି ମହାସ୍ନାନ ପରେ, ମହାପ୍ରଭୁ ଜ୍ୱରରେ ପୀଡିତ ହୁଅନ୍ତି ବୋଲି ବିଶ୍ୱାସ କରାଯାଏ। ତେଣୁ, ସେ ଅଣସର ଘରେ ବିଶ୍ରାମ ନିଅନ୍ତି। ଏହି ସମୟରେ, ବିଭିନ୍ନ ଔଷଧ ଏବଂ ସେବା ସହିତ ଶ୍ରୀମନ୍ଦିର ନିୟମ ଅନୁସାରେ ନୀତି କରାଯାଏ।

ମନ୍ଦିର ରୀତିନୀତିର ପରମ୍ପରା ବହୁତ ପୁରୁଣା। ଏହି ରୀତିନୀତି ଗଜପତି ରାଜାମାନଙ୍କ ସମୟରୁ ଆରମ୍ଭ ହୋଇଛି। ମାଦଳା ପାଞ୍ଜି ଏବଂ ବିଭିନ୍ନ ଧାର୍ମିକ ଗ୍ରନ୍ଥରେ ଅଣସର ଏବଂ ପଟିଦିଅଁ ନୀତି ବିଷୟରେ ସୂଚନା ମିଳେ। ଜଗନ୍ନାଥ ସଂସ୍କୃତିର ଏକ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ହେଉଛି ଯେ ମହାପ୍ରଭୁଙ୍କୁ ଜଣେ ଜୀବନ୍ତ ମଣିଷ ଭାବରେ ଦେଖାଯାଏ। ସେ ଜନ୍ମ ହୁଅନ୍ତି, ସ୍ନାନ କରନ୍ତି, ଅସୁସ୍ଥ ହୁଅନ୍ତି, ବିଶ୍ରାମ ନିଅନ୍ତି ଏବଂ ସୁସ୍ଥ ହୁଅନ୍ତି। ପଟିଦିଅଁ ନୀତି ଏହି ମାନବ ଭାବନାର ପ୍ରତିଫଳନ। ସ୍ନାନର ପୂର୍ଣ୍ଣିମା ଗୋଟେ ଦିନ ପରେ, ମହାପ୍ରଭୁ ପ୍ରାୟ ପନ୍ଦର ଦିନ ଅଣସର ଘରେ ରୁହନ୍ତି। ଏହି ସମୟରେ, ସାଧାରଣ ଭକ୍ତଙ୍କୁ ଦର୍ଶନ କରିବାକୁ ଅନୁମତି ଦିଆଯାଏ ନାହିଁ। ଅଣସର ସମୟରେ, ମହାପ୍ରଭୁଙ୍କୁ ଔଷଧ ଦିଆଯାଏ। ବିଶେଷ ଆଶୀର୍ବାଦ ପ୍ରଦାନ କରାଯାଏ। ଫୁଲୁରୀ ତେଲ ଲଗାଯାଏ। ଶରୀର ଚାରିପାଖରେ ପଟି ବାନ୍ଧି ଦିଆଯାଏ। ପ୍ରଭୁଙ୍କ ସେବକମାନେ ସେବା କରନ୍ତି। ଏହି ସମସ୍ତ ପୂଜାପାଠ ମଧ୍ୟରେ, ପଟିଦିଅଁ ନୀତି ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରେ। ପଟିଦିଅଁ ନୀତି ସମୟରେ, ପ୍ରଭୁଙ୍କ ଶରୀର ଚାରିପାଖରେ ଔଷଧୀୟ କପଡ଼ା ବନ୍ଧାଯାଏ। ଏହି କପଡ଼ା ଚନ୍ଦନ, କର୍ପୂର, ଔଷଧୀୟ ଔଷଧ ଏବଂ ସୁଗନ୍ଧିତ ପଦାର୍ଥରେ ତିଆରି ହୁଏ। ଭକ୍ତମାନେ ଏହି ନୀତିକୁ ଅତ୍ୟନ୍ତ ଭକ୍ତି ଏବଂ ଆନ୍ତରିକତାର ସହିତ କରନ୍ତି। କାରଣ ଏହା ଏକ ଗୁପ୍ତ ନୀତି, ସାଧାରଣ ଲୋକଙ୍କୁ ଭିତରକୁ ପ୍ରବେଶ କରିବାକୁ ଅନୁମତି ଦିଆଯାଇ ନାହିଁ। ପ୍ରଭୁଙ୍କ ଆରୋଗ୍ୟତାର ପ୍ରତୀକାତ୍ମକ ଅର୍ଥ ପଟି ମାଧ୍ୟମରେ ପ୍ରକାଶିତ ହୁଏ।

ପଟିଦିଅଁ ନୀତିରେ ଭକ୍ତଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭକ୍ତମାନଙ୍କୁ ପ୍ରଭୁଙ୍କ ଆଧ୍ୟାତ୍ମିକ ରକ୍ଷକ ଭାବରେ ବିବେଚନା କରାଯାଏ। ସେମାନେ ପ୍ରଭୁଙ୍କ ଯତ୍ନ ନିଅନ୍ତି। ସେମାନେ ଔଷଧ ପ୍ରଦାନ କରନ୍ତି, ପଟିଦିଅଁ ନୀତି କରନ୍ତି, ପ୍ରସାଦ ଅର୍ପଣ କରନ୍ତି ଏବଂ ତାଙ୍କର ସାନ୍ତ୍ୱନା ସୁନିଶ୍ଚିତ କରନ୍ତି। ଏହି ସେବାକୁ ଅତ୍ୟନ୍ତ ପବିତ୍ର ଏବଂ ଶୁଭ ବୋଲି ବିବେଚନା କରାଯାଏ। ପଟିଦିଅଁ ନୀତି କେବଳ ଏକ ପୂଜାପାଠ ନୁହେଁ; ଏହାର ଗଭୀର ଆଧ୍ୟାତ୍ମିକ ଗୁରୁତ୍ୱ ଅଛି। ଏହା ଆମକୁ ଶିକ୍ଷା ଦିଏ ଯେ ଭଗବାନ ଭକ୍ତଙ୍କ ସହିତ ଏକତାରେ ବାସ କରନ୍ତି। ସେ ମଣିଷର ସୁଖ ଏବଂ ଦୁଃଖ ଅନୁଭବ କରନ୍ତି। ଏହା ଆମକୁ ଶିକ୍ଷା ଦିଏ ଯେ ରୋଗ ଏବଂ ଦୁଃଖ ଜୀବନର ଏକ ଅଂଶ ଏବଂ ଧୈର୍ଯ୍ୟ, ସେବା ଏବଂ ଭକ୍ତି ମାଧ୍ୟମରେ ଏହାକୁ ଦୂର କରାଯାଇପାରିବ। ପଟିଦିଅଁ ନୀତି ସେବା ଏବଂ ତ୍ୟାଗର ଗୁରୁତ୍ୱକୁ ପ୍ରଦର୍ଶନ କରେ। ପଟିଦିଅଁ ନୀତି ଭକ୍ତମାନଙ୍କ ମଧ୍ୟରେ ଭକ୍ତି, ବିଶ୍ୱାସ ଏବଂ ଆଧ୍ୟାତ୍ମିକ ସଚେତନତା ସୃଷ୍ଟି କରେ। ଅଣସର ସମୟରେ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ଥିଲେ ମଧ୍ୟ ଭକ୍ତମାନେ ତାଙ୍କ ମଙ୍ଗଳ ପାଇଁ ପ୍ରାର୍ଥନା କରନ୍ତି। ଏହି ସମୟରେ, ଅନେକ ଭକ୍ତ ବ୍ରହ୍ମଗିରିରେ ଶ୍ରୀ ଅଲାରନାଥଙ୍କୁ ଦର୍ଶନ କରନ୍ତି। ଅଣସର ସମୟରେ ଅଲାରନାଥଙ୍କ ଦର୍ଶନ ଜଗନ୍ନାଥଙ୍କ ଦର୍ଶନର ଲାଭ ପ୍ରଦାନ କରେ ବୋଲି ବିଶ୍ୱାସ କରାଯାଏ। ଜଗନ୍ନାଥ ସଂସ୍କୃତିର ମୌଳିକ ଭିତ୍ତିଭୂମି ହେଉଛି ମାନବତା, ସମାନତା ଏବଂ ଭକ୍ତି। ପଟିଦିଅଁ ନୀତି ଏହି ମୂଲ୍ୟବୋଧଗୁଡ଼ିକୁ ସୁଦୃଢ଼ କରେ। ଏହା ଦର୍ଶାଏ ଯେ ଶ୍ରେଷ୍ଠ ଈଶ୍ୱର ହେବା ସତ୍ତ୍ୱେ, ମହାପ୍ରଭୁ ଜଣେ ସାଧାରଣ ମଣିଷ ପରି ଆଚରଣ କରନ୍ତି। ଏହି ଆତ୍ମା ଜଗନ୍ନାଥ ଧର୍ମର ଏକ ପ୍ରମୁଖ ପରିଚୟ। ମହାପ୍ରଭୁଙ୍କ ପଟିଦିଅଁ ନୀତି ଶ୍ରୀ ଜଗନ୍ନାଥ ସଂସ୍କୃତିର ଏକ ପବିତ୍ର, ପ୍ରାଚୀନ ଏବଂ ଆଧ୍ୟାତ୍ମିକ ଭାବରେ ଗୁରୁତ୍ୱପୂର୍ଣ୍ଣ ପରମ୍ପରା। ପ୍ରତ୍ୟେକ ବର୍ଷ ପୂର୍ଣ୍ଣିମା ପରେ ଅଣସର ସମୟରେ ପାଳିତ ଏହି ନୀତି ମହାପ୍ରଭୁଙ୍କ ମାନବ ଲୀଳାର ଏକ ଅନନ୍ୟ ଉଦାହରଣ। ଏହା ଭକ୍ତମାନଙ୍କୁ ସେବା, ଭକ୍ତି, ଧୈର୍ଯ୍ୟ ଏବଂ ନମ୍ରତା ଶିକ୍ଷା ଦିଏ। ପଟିଦିଅଁ ନୀତି କେବଳ ଏକ ଧାର୍ମିକ ଅଭ୍ୟାସ ନୁହେଁ, ବରଂ ଜଗନ୍ନାଥ ଦର୍ଶନର ଏକ ଗଭୀର ଆଧ୍ୟାତ୍ମିକ ପ୍ରକାଶନ। ଶତାବ୍ଦୀ ଶତାବ୍ଦୀ ଧରି, ଏହି ପରମ୍ପରା ଭକ୍ତଙ୍କ ହୃଦୟରେ ବିଶ୍ୱାସ ଏବଂ ଭକ୍ତିର ଜ୍ୱାଳା ପ୍ରଜ୍ୱଳିତ କରିଆସିଛି ଏବଂ ଭବିଷ୍ୟତରେ ମଧ୍ୟ ଏହା ଜଗନ୍ନାଥ ସଂସ୍କୃତିର ଏକ ଗୌରବମୟ ଐତିହ୍ୟ ହୋଇ ରହିବ।



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

## ସଙ୍କଟରେ ଅର୍ଥବ୍ୟବସ୍ଥା

ଭାରତର ଅର୍ଥ ବ୍ୟବସ୍ଥାର ଦୁର୍ଗତି ହେଉଛି ବୋଲି କୁହାଯାଉଛି କିନ୍ତୁ ଏହି ଦୁର୍ଗତି ଆଜିର ନୁହେଁ। ୨୦୨୨ରୁ ଡ଼ଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ କମିବାରେ ଲାଗିଛି । ଯେତେବେଳେ ଭାରତୀୟ ମୁଦ୍ରାର ଅବମୂଲ୍ୟାୟ ଘଟି ୮୫ରେ ପହଞ୍ଚିଲା ସେତେବେଳେ ବିଦେଶୀ ନିବେଶକମାନେ ସେମାନଙ୍କ ନିବେଶ ବାବଦ ଅର୍ଥ ପ୍ରତ୍ୟାହାର କରିବାରେ ଲାଗିଲେ। ମ୍ୟାନୁଫ୍ୟାକଚରିଂ ସେକ୍ଟର ନିମ୍ନଗାମୀ ହେବାରେ ଲାଗିଲା, ଆମଦାନୀ ରପ୍ତାନୀ ତୁଳନାରେ ଅଧିକ ହୋଇଯାଇଥିଲା। ବିଦେଶୀ ଋଣ ଅଧିକ ହୋଇଗଲା। ସେତେବେଳେ ଠାରୁ ମାମଲା କେନ୍ଦ୍ର ସରକାରଙ୍କ ନିୟନ୍ତ୍ରଣ ବାହାରକୁ ଯିବା ଆରମ୍ଭ କଲା ଯାହା ଏବେ ଏକ ଖରାପ ସ୍ଥିତିରେ ପହଞ୍ଚିଛି। ଏବେ ଟଙ୍କା ଡ଼ଲାର ତୁଳନାରେ ୯୫ ପାରି କରିସାରିଲାଣି। କେନ୍ଦ୍ର ସରକାରଙ୍କ ଅକ୍ଷମତା ଏବଂ ବେପରୁଆ ହେଉଛି ଏହାର ମୁଖ୍ୟ କାରଣ। ଇରାନ-ଆମେରିକା ଯୁଦ୍ଧ ତ ଏଇ ଏପ୍ରିଲ ମାସରେ ହେଲା, ଯୁଦ୍ଧ ପୂର୍ବରୁ ଦେଶର ଅର୍ଥବ୍ୟବସ୍ଥା ନିମ୍ନଗାମୀ ହୋଇସାରିଥିଲା। ବଡ଼ ବଡ଼ କଥା କହିଲେ, ଅବାସ୍ତବିକ ତଥ୍ୟ ପ୍ରଦାନ କଲେ ଅଥବା ଅତି ଆତ୍ମବିଶ୍ୱାସରେ ଅର୍ଥବ୍ୟବସ୍ଥା ଚାଲେ ନାହିଁ। ଟଙ୍କା ଏବେ ଡଲାର ଏବଂ ୟୁରୋ ତୁଳନାରେ ତଳକୁ ଖସିଗଲାଣି– ଯାହାକୁ ଦେଖି ଡ଼ରଲାଗିଲାଣି। ଭିତ୍ତିଭୂମି ପାଇଁ ଖର୍ଚ୍ଚ ବଦଳରେ ସରକାରଙ୍କ ମାଗଣା ଯୋଜନା ବାବଦ ଖର୍ଚ୍ଚ ଯେକୌଣସି ସୁସ୍ଥ ଅର୍ଥବ୍ୟବସ୍ଥା ପାଇଁ କେତେ ଘାତକ ସେକଥା ସରକାର ବୁଝିପାରୁ ନାହାଁନ୍ତି ନା ଋଣ କୃତ୍ୱ ଘୃତଂ ପିବେତ୍ ନୀତି ଆପଣେଇଛନ୍ତି ?

ଅର୍ଥବ୍ୟବସ୍ଥାର ସୁଧାର ଭାଷଣରେ ତାଳି ବାଜିଲେ ହୋଇ ପାରିବ ନାହିଁ କିମ୍ବା ଲୋକଙ୍କୁ କମ୍ ଖର୍ଚ୍ଚ କରିବା ପାଇଁ ନିବେଦନ କଲେ ହୋଇପାରିବ ନାହିଁ। ଅର୍ଥବ୍ୟବସ୍ଥାକୁ ସୁଧାରିବା ପାଇଁ ଠୋସ୍ ଏବଂ ଦୀର୍ଘକାଳୀନ ଉପାୟର ଆବଶ୍ୟକତା ରହିଛି। ଭାରତର ନିମ୍ନ ଏବଂ ମଧ୍ୟ ବର୍ଗଙ୍କ ପାଖରେ ମଧ୍ୟ ପର୍ଯ୍ୟାପ୍ତ ପଇସାର ଅଭାବ ରହିଛି। ଏଭଳି ସମୟରେ ଖର୍ଚ୍ଚ କମ୍ କରିବା ପାଇଁ ନିବେଦନର ଅର୍ଥ ସେମାନଙ୍କୁ ଉପହାସ କରିବା। ବ୍ୟବସାୟୀ ଏବଂ ଉଦ୍ୟୋଗପତି ଆର୍ଥୀକ ମାନ୍ଦାବସ୍ଥା ପାଇଁ ଆଶଙ୍କାରେ। କେହିବି ସୁସ୍ଥିର ବା ଭଲରେ ନାହାଁନ୍ତି। ଅନେକ ଅର୍ଥଶାସ୍ତ୍ରୀଙ୍କ ମତରେ ଦେଶର ଅର୍ଥବ୍ୟବସ୍ଥାର ବିକାଶ ହାର ଏବେ ୪ରୁ ୫ ପ୍ରତିଶତରେ ପହଞ୍ଚିଗଲାଣି। ଏହାର କାରଣ ହେଉଛି ସେବାକ୍ଷେତ୍ର ଏବଂ ଉତ୍ପାଦନ କ୍ଷେତ୍ରର ଅବ୍ୟବସ୍ଥା। ସରକାର ବିକାଶ ହାର ୬ରୁ୮ପ୍ରତିଶତ ବୋଲି କହୁଛନ୍ତି। କିନ୍ତୁ ଭାରତର ଜିଡିପିରୁ ଯଦି ବେରୋଜଗାରୀ ଭାଲ୍ୟୁକୁ ହଟାଇ ଦିଆଯାଏ ତେବେ ବିକାଶ ହାର ନକାରାତ୍ମକ ସାବ୍ୟସ୍ତ ହୋଇପାରେ। ବିଶ୍ୱରେ ଏବେ ଯେଉଁ ଅବ୍ୟବସ୍ଥା ଦେଖାଦେଇଛି ସେହି ସଙ୍କଟ ସମୟରେ କୃଷି କ୍ଷେତ୍ର ହିଁ ଦେଶର ଅର୍ଥବ୍ୟବସ୍ଥାକୁ କିଛି ପରିମାଣରେ ସୁଧାରିବାରେ ସକ୍ଷମ ହୋଇଛି। କାରଣ କୃଷି କ୍ଷେତ୍ର କେବଳ ଯେ ସ୍ଥିର ତାହା ନୁହେଁ ଏହାର ବିକାଶ ହାର କେବେ ନିମ୍ନଗାମୀ ନୁହେଁ। କିନ୍ତୁ ସରକାର ଏହି କ୍ଷେତ୍ରକୁ ସବୁବେଳେ ଉପେକ୍ଷା କରି ଚାଲିଛନ୍ତି। ଭାରତୀୟ ଅର୍ଥବ୍ୟବସ୍ଥା ପାଇଁ ସଙ୍କଟ ଯେ ଏବେ ଆସିଛି ତା ନୁହେଁ। ଚନ୍ଦ୍ରଶେଖର ଓ ପି ଭି ନରସିଂହା ରାଓଙ୍କ ସରକାର ସମୟରେ ମଧ୍ୟ ଏଭଳି ସଙ୍କଟ ଆସିଥିଲା କିନ୍ତୁ ଆର୍ଥୀକ ସଙ୍କଟକୁ ଏଡ଼ାଇବାରେ ସେତେବେଳର ସରକାରମାନେ ସକ୍ଷମ ହୋଇଥିଲେ। ଯଶବନ୍ତ ସିହ୍ନା ଓ ମନମୋହନ ସିଂହ ସେତେବେଳର ସରକାରରେ ଅର୍ଥମନ୍ତ୍ରୀ ଥିଲେ। ଆଶାକରାଯାଇପାରେ ଯେ ବର୍ତ୍ତମାନର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏବଂ ବାଣିଜ୍ୟ ମନ୍ତ୍ରୀ ପିୟୁଷ ଗୋୟଲ କିଛି ଚମତ୍କାର ଦେଖାଇ ପରିସ୍ଥିତିକୁ ଠିକ୍ କରିବେ। ଅଧିକ ମାତ୍ରାରେ କୃତ୍ରିମ ମେଧା ବା ଆର୍ଟିଫିସିଆଲ ଇଣ୍ଟେଲିଜେନସିର ପ୍ରୟୋଗ କାରଣରୁ ବେରୋଜଗାରୀ ଅଧିକ ହେବ ଯାହାର ଝଲକ୍ ଏବେ ଦେଖାଗଲାଣି। ଆଇଟି କ୍ଷେତ୍ରରେ ଭାରତୀୟ ମାନେ ସାରା ବିଶ୍ୱରେ ସେମାନଙ୍କ ଦକ୍ଷତା ଦେଖାଉଛନ୍ତି। ଏଣୁ ଏହାକୁ ଅର୍ଥବ୍ୟବସ୍ଥା ସହ ଯୋଡିବା ପାଇଁ ବ୍ୟବସ୍ଥା କରାଯିବା ନିହାତି ଆବଶ୍ୟକ। ଭାରତର ଅଣଉତ୍ପାଦକ ପ୍ରଶାସନିକ ବ୍ୟୟ ଅଧିକ। ଏହାକୁ ମଧ୍ୟ ସିମୀତ କରାଯିବାର ଆବଶ୍ୟକତା ରହିଛି। ଭାରତର ପ୍ରତିରକ୍ଷା ସରଞ୍ଜାମ ଆମଦାନୀ ବିଶ୍ୱସ୍ତରରେ ୨ୟ ସ୍ଥାନରେ ରହିଛି। ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭର ହେବାପାଇଁ ସରକାର କେତେକ ପଦକ୍ଷେପ ନେଇଛନ୍ତି। ବେରୋଜଗାରୀ ବଢ଼ିଲେ ଅର୍ଥବ୍ୟବସ୍ଥା ଧିମେଇ ଯାଇଥାଏ। ଭାରତରେ ବେରୋଜଗାରୀ ଅଧିକ କିନ୍ତୁ କେହିବି ସରକାର ଏ ପ୍ରସଙ୍ଗକୁ ଗୁରୁତ୍ୱ ଦେଉନାହାଁନ୍ତି। ଜନସଂଖ୍ୟା ନିୟନ୍ତ୍ରଣ ଏବଂ ରୋଜଗାର ମୁଖୀ ଶିକ୍ଷା ଏ ଦିଗରେ ସହାୟକ ହୋଇପାରିବ। ଇନ୍ଧନର ବିକଳ୍ପ ପାଇଁ ବିକଳ୍ପ ସ୍ରୋତ ଖୋଜିବା ଓ ଏହାର ବିକାଶ କରାଯିବା ଏପରିକି ବିକଳ୍ପ ଇନ୍ଧନକୁ ଶସ୍ତା ଦରରେ ଯୋଗାଇ ଦିଆଯିବା ମଧ୍ୟ ଆବଶ୍ୟକ। ପେଟ୍ରୋଲ- ଡିଜେଲର ଉପଯୋଗ କମ୍ କରିବା ପାଇଁ ମଧ୍ୟ ବିକଳ୍ପ ବ୍ୟବସ୍ଥା କରାଯିବା ଉଚିତ୍। ଏଥିପାଇଁ ଆବଶ୍ୟକ ହେଉଛି ସରକାରଙ୍କ ଇଚ୍ଛା ଶକ୍ତି ଏବଂ ସେମାନଙ୍କର ଆର୍ଥୀକ ଦୃଷ୍ଟିଭଙ୍ଗୀ। ଦେଶର ଅର୍ଥବ୍ୟବସ୍ଥାକୁ ସୁଧାରିବା ପାଇଁ ସରକାରଙ୍କୁ ଠୋସ୍ ପଦକ୍ଷେପ ନେବାକୁ ପଡିବ।

## କେବେ ପୂରଣ ହେବ ଭାରତର ବିଶ୍ୱକପ୍ ସ୍ୱପ୍ନ

ବରୁଣ କୁମାର ମହାପାତ୍ର
ବ୍ରହ୍ମପୁର,
ମୋ - ୭୦୦୮୦୭୮୩୯୬

ବିଶ୍ୱର ସବୁଠାରୁ ଲୋକପ୍ରିୟ ଖେଳ ଫୁଟବଲ୍। ଫିଫା ବିଶ୍ୱକପ୍‌ରେ ଖେଳିବା ପ୍ରତ୍ୟେକ ଦେଶର ସ୍ୱପ୍ନ ହୋଇଥାଏ। ତେବେ ଫୁଟବଲର ଏହି ମହାକୁମ୍ଭରେ ୧୪୦ କୋଟି ଜନସଂଖ୍ୟା ବିଶିଷ୍ଟ ଭାରତର ଅନୁପସ୍ଥିତି ଦେଶର ଫୁଟବଲପ୍ରେମୀଙ୍କ ପାଇଁ ନିରାଶାର କାରଣ ହୋଇଆସିଛି । ବିଶ୍ୱକପ୍ ଯୋଗ୍ୟତା ଅର୍ଜନ କରିବାରେ ଭାରତର ଏପରି ବାରମ୍ବାର ବିଫଳତା ବିଶେଷଜ୍ଞମାନଙ୍କୁ ମଧ୍ୟ ବିସ୍ମିତ କରିଛି । ଆମ ଦେଶରେ ଫୁଟବଲ୍ ପ୍ରତିଭାଙ୍କ ଅଭାବ ନାହିଁ। ଅଥଚ ଭାରତ ବିଶ୍ୱକପ ପାଇଁ ଯୋଗ୍ୟତା ହାସଲ କରିବାରେ ସଂଘର୍ଷ କରୁଛି । ଫିଫା ବିଶ୍ୱକପର ଆଉ ଏକ ସଂସ୍କରଣ ଉପନୀତ ହୋଇସାରିଥିବା ବେଳେ ଭାରତ ପୁଣି ଏଥିରେ ସ୍ଥାନ ପାଇବାରେ ବିଫଳ ହୋଇଛି । ପ୍ରଶ୍ନ ଉଠୁଛି – ଦିଲ୍ଲୀ ଠାରୁ ବି ଛୋଟ କ୍ୟୁରାସାଓ ଓ କେପ୍ ଭର୍ଡେ ଭଳି ଦେଶ ଚଳିତ ବିଶ୍ୱକପ୍‌ରେ ଖେଳୁଥିବା ବେଳେ ବିଶ୍ୱର ସବୁଠାରୁ ଜନବହୁଳ ରାଷ୍ଟ୍ର କାହିଁକି ଯୋଗ୍ୟତା ଅର୍ଜନ କରିପାରୁ ନାହିଁ ? ଭାରତର ଏଭଳି ବିଫଳତାର କାରଣ କ'ଣ ? କୋଉଠି ରହୁଛି ଅଭାବ ? କେବେ ପୂରଣ ହେବ ଭାରତର ବିଶ୍ୱକପ୍ ସ୍ୱପ୍ନ ? ଏକଦା ଏସିଆରେ ଭାରତୀୟ ଫୁଟବଲର ଏକ ସ୍ୱତନ୍ତ୍ର ପରିଚୟ ଥିଲା। ଭାରତ ୧୯୬୨ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲା ଏବଂ ଏସିଆର ଅନ୍ୟତମ ଶକ୍ତିଶାଳୀ ଦଳ ଭାବେ ପରିଗଣିତ ହେଉଥିଲା। ଏପରିକି ୧୯୫୦ ଫିଫା ବିଶ୍ୱକପ୍ ପାଇଁ ଭାରତ ଯୋଗ୍ୟତା ଅର୍ଜନ କରିଥିଲା । କିନ୍ତୁ ଆର୍ଥିକ ପ୍ରତିବନ୍ଧକ ଏବଂ ଅନ୍ତର୍ଜାତୀୟ ଯାତ୍ରା ସମ୍ପର୍କରେ ସଚେତନତାର ଅଭାବ ଯୋଗୁଁ ଦଳ ବିଶ୍ୱକପରୁ ଓହରି ଯାଇଥିଲା। ସମୟ କ୍ରମେ ଅନ୍ୟ ଦେଶ ଗୁଡ଼ିକ ଦ୍ରୁତ ଅଗ୍ରଗତି କରିଥିବାବେଳେ ଭାରତ ପଛରେ ପଡ଼ିଯାଇଥିଲା । ଆଜି ଜାପାନ, ଦକ୍ଷିଣ କୋରିଆ, ଅଷ୍ଟ୍ରେଲିଆ, ସାଉଦି ଆରବ, କତାର ଭଳି ଦେଶ ବିଶ୍ୱକପ୍‌ରେ ନିୟମିତ ଖେଳୁଛନ୍ତି, କିନ୍ତୁ ଭାରତ ଏବେ ମଧ୍ୟ ଯୋଗ୍ୟତା ପର୍ଯ୍ୟାୟ ବାଧା ଅତିକ୍ରମ କରିପାରୁନାହିଁ। ଭାରତୀୟ ଫୁଟବଲର ଏହି ଅନ୍ତହୀନ ଦୁର୍ଦ୍ଦଶାର ପ୍ରମୁଖ କାରଣ ହେଉଛି ତୃଣମୂଳ ସ୍ତରରେ ଫୁଟବଲର ଦୁର୍ବଳ ଭିତ୍ତି। ବିଶ୍ୱର ସଫଳ ଫୁଟବଲ ଦେଶଗୁଡ଼ିକରେ ୫-୬ ବର୍ଷ ବୟସରୁ ହିଁ ପିଲାମାନଙ୍କୁ ବୈଜ୍ଞାନିକ ଢଙ୍ଗରେ ପ୍ରଶିକ୍ଷଣ ଦିଆଯାଏ। ସ୍କୁଲ, କ୍ଲବ ଓ ସ୍ଥାନୀୟ ଲିଗ୍ ମଧ୍ୟରେ ସୁଦୃଢ଼ ସମନ୍ୱୟ ରହିଥାଏ। ଭାରତରେ ଏପରି ସୁବ୍ୟବସ୍ଥିତ ଏକାଡେମୀ ଓ ଦକ୍ଷ ପ୍ରଶିକ୍ଷକଙ୍କ ସଂଖ୍ୟା କେବଳ କିଛି ରାଜ୍ୟ ତଥା ସହରରେ ସୀମିତ। ଫଳରେ ପ୍ରତିଭାର ଅଭାବ ନଥିଲେ ମଧ୍ୟ ଅନେକ ଖେଳାଳି ସଠିକ୍ ମାର୍ଗଦର୍ଶନ ପାଇନଥାନ୍ତି। ଆବଶ୍ୟକ ସୁଯୋଗ, ପ୍ରଶିକ୍ଷଣ ଓ ଆର୍ଥିକ ସହାୟତା ଅଭାବରୁ ବହୁ ଫୁଟବଲ ପ୍ରତିଭାଙ୍କ ଅବସ୍ଥା ବଣମଲ୍ଲୀ ସଦୃଶ ହୋଇଥାଏ। ଦ୍ୱିତୀୟ ବଡ଼ ସମସ୍ୟା ହେଉଛି ଭିତ୍ତିଭୂମିର ଅଭାବ। ଉନ୍ନତ ମାନର ଫୁଟବଲ ପଡ଼ିଆ, ପ୍ରଶିକ୍ଷଣ କେନ୍ଦ୍ର, କ୍ରୀଡ଼ା ବିଜ୍ଞାନ, ଫିଟନେସ୍ ବ୍ୟବସ୍ଥା, ଫିଜିଓଥେରାପି ଓ ଆଧୁନିକ କୋଚିଂ ସୁବିଧା ଏପର୍ଯ୍ୟନ୍ତ ସମଗ୍ର ଦେଶରେ ଉପଲବ୍ଧ ନୁହେଁ। ଆଜିର ଫୁଟବଲ କେବଳ ଦକ୍ଷତାର ଖେଳ ନୁହେଁ; ବରଂ ଏହା ବୈଜ୍ଞାନିକ ଢ଼ଙ୍ଗରେ ପ୍ରସ୍ତୁତି, ଶାରୀରିକ କ୍ଷମତା ଓ ମାନସିକ ଦୃଢ଼ତାର ମଧ୍ୟ ଏକ ପରୀକ୍ଷା। ଏହି ସବୁ ମାନଦଣ୍ଡରେ ଆମର ଖେଳାଳି ଅନ୍ୟ ଦେଶମାନଙ୍କ ଠାରୁ ଅପେକ୍ଷାକୃତ ପଛରେ ରହିଛନ୍ତି। ଆମ ଦେଶରେ କ୍ରିକେଟ୍ ଖେଳର ଲୋକପ୍ରିୟତା ମଧ୍ୟ ଫୁଟବଲର ବିକାଶରେ କିଛି ମାତ୍ରାରେ ଅନ୍ତରାୟ ସୃଷ୍ଟି କରୁଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଆଇପିଏଲ୍ ଯୁଗରେ ପ୍ରତିଭାଶାଳୀ ଯୁବକମାନେ ଅଧିକ ରୋଜଗାର, ଖ୍ୟାତି ଓ କ୍ୟାରିୟର ସୁରକ୍ଷା ପାଇଁ କ୍ରିକେଟକୁ ପସନ୍ଦ କରନ୍ତି। ଫୁଟବଲରେ ଏପର୍ଯ୍ୟନ୍ତ ସେହି ସ୍ତରର ଆର୍ଥିକ ସୁରକ୍ଷା ଓ ପେଶାଦାର ସୁଯୋଗ ସୃଷ୍ଟି ହୋଇନାହିଁ। ଆଇପିଏଲ୍ ଢାଞ୍ଚାରେ ୨୦୧୪ରେ ଇଣ୍ଡିଆନ୍ ସୁପର ଲିଗ୍ (ଆଇଏସ୍ଏଲ୍) ଆରମ୍ଭ ହେବା ପରେ ଭାରତୀୟ ଫୁଟବଲ୍ ପାଇଁ ଆଶା ସଞ୍ଚାର ହୋଇଥିଲା। ହେଲେ ଭାରତୀୟ ଫୁଟବଲ୍ ସଂଘ (ଏଆଇଏଫ୍ଏଫ୍)ର ଅଣପେଶାଦାର ମନୋବୃତ୍ତି ଯୋଗୁଁ ଏହି ଲିଗ୍ ପାଇଁ ଏବେ ପ୍ରାୟୋଜକ ଖୋଜିବା କଷ୍ଟକର ହୋଇପଡିଛି। ଭାରତୀୟ ଦଳ ପ୍ରାୟତଃ ଅନ୍ତର୍ଜାତୀୟ ସ୍ତରରେ କମ୍ ମ୍ୟାଚ୍ ଖେଳେ। ବିଶ୍ୱର ଏକ ଅଗ୍ରଣୀ ଫୁଟବଲ୍ ଦେଶ ହେବାକୁ ହେଲେ ଭାରତକୁ କେବଳ ଏସିଆର ଶ୍ରେଷ୍ଠ ଦଳଗୁଡ଼ିକ ବିପକ୍ଷରେ ନିୟମିତ ଭାବେ ଖେଳିବାକୁ ପଡ଼ିବନି ବରଂ ସେମାନଙ୍କର ବୈଷୟିକ ମାନଦଣ୍ଡ ଏବଂ ଗତି ସହିତ ତାଳ ଦେଇ ଆଗକୁ ବଢ଼ିବାକୁ ହେବ । ବିଶ୍ୱର ଶ୍ରେଷ୍ଠ ତଥା ତୀବ୍ର ପ୍ରତିଯୋଗିତାମୂଳକ ଲିଗ୍ ଭାବେ ବିବେଚିତ ୟୁରୋପୀୟ ଏବଂ ଦକ୍ଷିଣ ଆମେରିକୀୟ ଫୁଟବଲ୍ ଲିଗ୍‌ରେ ଆମ ଖେଳାଳିମାନଙ୍କର ଖେଳିବାର ଅଭିଜ୍ଞତା ସୀମିତ। ଏହାଛଡ଼ା ଭାରତୀୟ ଫୁଟବଲ ପ୍ରଶାସନରେ ସ୍ୱଚ୍ଛତା, ସ୍ପଷ୍ଟ ରୋଡମ୍ୟାପ୍‌ର ଅଭାବ ଓ ବାରମ୍ବାର ନୀତି ପରିବର୍ତ୍ତନ ମଧ୍ୟ ଏହି ଖେଳର ବିକାଶରେ ବାଧକ ସାଜିଛି। କୌଣସି ଦେଶ ବର୍ଷେ କିମ୍ବା ଦୁଇ ବର୍ଷରେ ବିଶ୍ୱକପ୍ ଦଳ ପ୍ରସ୍ତୁତ କରିନଥାଏ। ଏଥିପାଇଁ ୧୦ରୁ ୧୫ ବର୍ଷର ନିରନ୍ତର ଯୋଜନା, ଧୈର୍ଯ୍ୟ ଓ ସୁସଂଗଠିତ କାର୍ଯ୍ୟକ୍ରମ ଆବଶ୍ୟକ। ଫୁଟବଲ୍ ପ୍ରଶାସନ ପେଶାଦାର ଏବଂ ଦୂରଦୃଷ୍ଟିସମ୍ପନ୍ନ ନହେବା ଯାଏଁ ବିଶ୍ୱକପ୍ ଖେଳିବା ଲକ୍ଷ୍ୟ ଅଧୁରା ରହିବ। ତେବେ ଭାରତୀୟ ଫୁଟବଲ ଦୁର୍ଦ୍ଦଶାର ଅନ୍ତ କେବେ ? ଏହାର ସମାଧାନ କ'ଣ ? ପ୍ରଥମେ ସ୍କୁଲ ସ୍ତରରୁ ଫୁଟବଲକୁ ଏକ ସଂଗଠିତ ଆନ୍ଦୋଳନରେ ପରିଣତ କରିବାକୁ ପଡ଼ିବ। ପ୍ରତ୍ୟେକ ଜିଲ୍ଲାରେ ଫୁଟବଲ ଏକାଡେମୀ, ନିୟମିତ ଯୁବ ଲିଗ୍ ଓ ପ୍ରତିଭା ଚିହ୍ନଟ ବ୍ୟବସ୍ଥା ଗଢ଼ି ଉଠିବା ଦରକାର। ଅଭିଜ୍ଞ ଦେଶୀ ଓ ବିଦେଶୀ ପ୍ରଶିକ୍ଷକଙ୍କ ସହାୟତାରେ ଯୁବ ଖେଳାଳିଙ୍କୁ ବୈଜ୍ଞାନିକ ପ୍ରଶିକ୍ଷଣ ଦେବା ଆବଶ୍ୟକ। ଦ୍ୱିତୀୟତଃ, ଜାତୀୟ ଲିଗ୍‌କୁ ଅଧିକ ପ୍ରତିଯୋଗିତାମୂଳକ କରିବା ସହ ଯୁବ ଭାରତୀୟ ଖେଳାଳିଙ୍କୁ ନିୟମିତ ସୁଯୋଗ ଦେବା ଦରକାର। ଏହାଛଡ଼ା ଶକ୍ତିଶାଳୀ ଦଳମାନଙ୍କ ସହ ନିୟମିତ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବା ଦ୍ୱାରା ଆମ ଖେଳାଳିଙ୍କ ଦକ୍ଷତା ଓ ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ସେମାନେ ଅନ୍ତର୍ଜାତୀୟ ସ୍ତରରେ ଅଭିଜ୍ଞତା ହାସଲ କରିବେ। ଭାରତୀୟ ଫୁଟବଲ ସଂଘକୁ ଏପରି ପ୍ରତିଯୋଗିତାମୂଳକ ମ୍ୟାଚ୍ ସଂଖ୍ୟା ବୃଦ୍ଧି କରିବା ଆବଶ୍ୟକ । ସରକାର, ଫୁଟବଲ ସଂଘ, କର୍ପୋରେଟ୍ ସଂସ୍ଥା, ଶିକ୍ଷାନୁଷ୍ଠାନ ଏବଂ ସମାଜର ସମସ୍ତ ଅଂଶୀଦାର ଏକାଠି କାମ କଲେ ଭାରତୀୟ ଫୁଟବଲରେ ନୂଆ ଅଧ୍ୟାୟ ଆରମ୍ଭ ହୋଇପାରିବ। କେବଳ ସ୍ୱଳ୍ପକାଳୀନ ସଫଳତା ନୁହେଁ, ବରଂ ଦୀର୍ଘମିଆଦି ଲକ୍ଷ୍ୟକୁ ଆଖିଆଗରେ ରଖି ଏଥିରେ ନିବେଶ କରିବାକୁ ହେବ। ବିଶ୍ୱକପ୍‌ରେ ଭାରତ ଖେଳିବା କଷ୍ଟକର ହୋଇଥିଲେ ମଧ୍ୟ ଅସମ୍ଭବ ନୁହେଁ। ଜାପାନ ହେଉ ଅବା ଦକ୍ଷିଣ କୋରିଆ କିମ୍ବା କତାର ଯେପରି ଯୋଜନାବଦ୍ଧ ପ୍ରୟାସ ମାଧ୍ୟମରେ ବିଶ୍ୱ ଫୁଟବଲରେ ନିଜ ସ୍ଥାନ ସୃଷ୍ଟି କରିଛନ୍ତି ଭାରତ ମଧ୍ୟ ତାହା କରିପାରିବ। ଆବଶ୍ୟକ କେବଳ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ, ସ୍ୱଚ୍ଛ ପ୍ରଶାସନ, ନିରନ୍ତର ପରିଶ୍ରମ ଓ ଦୀର୍ଘମିଆଦି ଯୋଜନା। ସେହି ଦିନ ଦୂର ନୁହେଁ, ଯେବେ ଫିଫା ବିଶ୍ୱକପ୍‌ର ମଞ୍ଚରେ ତ୍ରିରଙ୍ଗା ଉଡ଼ିବ ଏବଂ ଭାରତୀୟ ଫୁଟବଲପ୍ରେମୀଙ୍କ ସ୍ୱପ୍ନ ସାକାର ହେବ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୮ ଜୁଲାଇ ୨୦୨୬ ବୁଧବାର



# ଆରମ୍ଭ ହେବ ଚଳିତ ବର୍ଷର ଶ୍ରାବଣ ମାସ : ସୋମବାରର ମହତ୍ତ୍ୱ

୨୦୨୬ରେ ଶ୍ରାବଣ ମାସକୁ ନେଇ ସାମାନ୍ୟ ଦ୍ୱନ୍ଦ୍ୱ ରହିପାରେ। କାହିଁକି ନା ପଞ୍ଜାଙ୍ଗ ଅନୁସାରେ ଜୁଲାଇ ୩୦, ୨୦୨୬ (ଗୁରୁବାର) ରୁ ଶ୍ରାବଣ ମାସ ଆରମ୍ଭ ହେଉଛି। ଜୁଲାଇ ୨୯ ତାରିଖରେ ଆଷାଢ଼ ପୂର୍ଣ୍ଣିମା ବା ଗୁରୁ ପୂର୍ଣ୍ଣିମା ପଡୁଥିବାରୁ, ତା' ପରଦିନ ଅର୍ଥାତ୍ ୩୦ ଜୁଲାଇରୁ ଶ୍ରାବଣ ମାସର ପ୍ରତିପଦା ତିଥି ଆରମ୍ଭ ହେବ। ଏହି ପବିତ୍ର ମାସ ଅଗଷ୍ଟ ୨୮, ୨୦୨୬ (ଶୁକ୍ରବାର) ପର୍ଯ୍ୟନ୍ତ ଚାଲିବ। ଯେଉଁଦିନ ଶ୍ରାବଣ ପୂର୍ଣ୍ଣିମା ବା ରକ୍ଷାବନ୍ଧନ ପର୍ବ ପାଳନ କରାଯିବ। ଶ୍ରାବନ ମାସରେ ସୋମବାର ବ୍ରତର ବିଶେଷ ଗୁରୁତ୍ୱ ରହିଛି। ଏଥର ମୋଟ ୪ଟି ସୋମବାର ପଡୁଛି।

୧. ପ୍ରଥମ ସାବନ ସୋମବାର: ୩ ଅଗଷ୍ଟ ୨୦୨୬।
୨. ଦ୍ୱିତୀୟ ସାବନ ସୋମବାର: ୧୦ ଅଗଷ୍ଟ ୨୦୨୬।
୩. ତୃତୀୟ ସାବନ ସୋମବାର: ୧୭ ଅଗଷ୍ଟ ୨୦୨୬।
୪. ଚତୁର୍ଥ ସାବନ ସୋମବାର: ୨୪ ଅଗଷ୍ଟ ୨୦୨୬।




ଏହି ସମସ୍ତ ଦିନରେ ଶିବ ମନ୍ଦିରଗୁଡ଼ିକରେ ପ୍ରବଳ ଭିଡ଼ ଦେଖିବାକୁ ମିଳେ। ବିଶେଷ କରି ଓଡ଼ିଶାରେ କାଉଡ଼ିଆମାନେ ବିଭିନ୍ନ ପବିତ୍ର ନଦୀରୁ ଜଳ ଆଣି ଶିବଲିଙ୍ଗରେ ଅର୍ପଣ କରିଥାନ୍ତି। ପୁରାଣ ଅନୁସାରେ, ସମୁଦ୍ର ମନ୍ଥନ ସମୟରେ ବାହାରିଥିବା ବିଷକୁ ଭଗବାନ ଶିବ ପାନ କରିଥିଲେ। ଯାହାଫଳରେ ତାଙ୍କ କଣ୍ଠ ନୀଳ ହୋଇଯାଇଥିଲା ଏବଂ ସେ 'ନୀଳକଣ୍ଠ' ନାମରେ ପରିଚିତ ହେଲେ। ବିଷର ଜ୍ୱାଳାକୁ ଶାନ୍ତ କରିବା ପାଇଁ ସମସ୍ତ ଦେବତା ଶିବଙ୍କ ଉପରେ ଜଳ ଅର୍ପଣ କରିଥିଲେ। ସେହି ସମୟରୁ ଶ୍ରାବଣ ମାସରେ ଶିବଙ୍କୁ ଜଳାଭିଷେକ କରିବାର ପରମ୍ପରା ରହିଆସିଛି। ମାନ୍ୟତା ଅଛି ଯେ, ଯେଉଁ ଅବିବାହିତ କନ୍ୟାମାନେ ଶ୍ରାବଣ ସୋମବାର ବ୍ରତ ପାଳନ କରନ୍ତି, ସେମାନଙ୍କୁ ମନମୁତାବକ ବର ପ୍ରାପ୍ତି ହୁଏ। ସେହିପରି ବିବାହିତ ମହିଳାମାନେ ନିଜ ସ୍ୱାମୀଙ୍କ ଦୀର୍ଘାୟୁ ଏବଂ ପରିବାରର ସୁଖ-ଶାନ୍ତି ପାଇଁ ଏହି ବ୍ରତ ରଖନ୍ତି।

ବ୍ରାହ୍ମ ମୁହୂର୍ତ୍ତରେ ସ୍ନାନ: ଶ୍ରାବଣ ମାସରେ ପ୍ରତିଦିନ ସକାଳୁ ଶୀଘ୍ର ଉଠି ସ୍ନାନ କରିବା ଉଚିତ୍। ବିଶେଷ କରି ସୋମବାର ଦିନ ସ୍ନାନ ପରେ ଶୁଭ୍ର ବସ୍ତ୍ର ପରିଧାନ କରିବା ଶୁଭ ମନାଯାଏ।

ଶ୍ରାବଣ ମାସର ଦ୍ୱିତୀୟ ସୋମବାର: ମହାକାଳେଶ୍ୱର ଧାମରେ ଶିବଭକ୍ତଙ୍କ ଜଳାଭିଷେକ

ଜଳାଭିଷେକ: ଶିବଲିଙ୍ଗରେ ଗଙ୍ଗାଜଳ, କ୍ଷୀର, ଦହି, ମହୁ ଓ ଘିଅ (ପଞ୍ଚାମୃତ) ରେ ଅଭିଷେକ କରନ୍ତୁ।

ପ୍ରିୟ ବସ୍ତୁ ଅର୍ପଣ: ଭଗବାନ ଶିବଙ୍କୁ ବେଲପତ୍ର, ଦୁଦୁରା ଫୁଲ, ଅରଖ ଫୁଲ ଓ ଚନ୍ଦନ ଅର୍ପଣ କରନ୍ତୁ। ମନେରଖନ୍ତୁ, ଶିବଙ୍କ ପୂଜାରେ କେବେ ବି କେତକୀ ଫୁଲ ବା ହଳଦୀ ବ୍ୟବହାର କରନ୍ତୁ ନାହିଁ। ମନ୍ତ୍ର ଜପ: 'ଓଁ ନମଃ ଶିବାୟ' ମନ୍ତ୍ରକୁ ଅତିକମରେ ୧୦୮ ଥର ଜପ କରନ୍ତୁ।

ଖାଦ୍ୟପାନୀୟ: ଶ୍ରାବନ ମାସରେ ସାତ୍ତ୍ୱିକ ଆହାର ଗ୍ରହଣ କରିବା ଉଚିତ୍। ଆମିଷ, ପିଆଜ ଓ ରସୁଣ ଖାଇବା ବର୍ଜନୀୟ। ଅନେକ ଭକ୍ତ ଏହି ମାସରେ ଶାଗ ଖାଇବାକୁ ମଧ୍ୟ ବାରଣ କରନ୍ତି। ୨୦୨୬ ମସିହାର ଶ୍ରାବଣ ମାସ ଭକ୍ତମାନଙ୍କ ପାଇଁ ଶୁଭଫଳ ନେଇ ଆସୁ। ଜୁଲାଇ ୩୦ ରୁ ଆରମ୍ଭ ହେଉଥିବା ଏହି ମାସରେ ନିଷ୍ଠାର ସହ ମହାଦେବଙ୍କ ଆରାଧନା କଲେ ସମସ୍ତ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ରହିଛି।

# ଇତିହାସ ପୃଷ୍ଠାରେ ରଥଯାତ୍ରା

## ଗୁଣ୍ଡିଚା ମନ୍ଦିର ପାଖେ ରଥ ପହଞ୍ଚିବାକୁ ୬ଦିନ

ସେତେବେଳେ ମାଳିନୀ ନଦୀ ନଥିଲା, କି ୬ ରଥ ହେଉନଥିଲା। କିନ୍ତୁ ୧୮୮୯ ମସିହାର ରଥଯାତ୍ରାରେ ରଥ ଶ୍ରୀମନ୍ଦିରସ୍ଥ ସିଂହଦ୍ୱାରରୁ ଯାଇ ଶ୍ରୀଗୁଣ୍ଡିଚା ମନ୍ଦିରରେ ପହଞ୍ଚିବାକୁ ଲାଗିଯାଇଥିଲା ଛଅ ଦିନ। ରଥଯାତ୍ରା ପୂର୍ବଦିନ ନବଯୌବନ ଦର୍ଶନ ବ୍ୟବସ୍ଥା ସୁରୁଖୁରୁରେ ହୋଇଥିଲା।

ତତ୍କାଳୀନ ବ୍ରିଟିସ ଜିଲ୍ଲାପାଳ ଓ ପୁଲିସ ଦଳଦଳ ହୋଇ ଅମଲା ଓ ରାଜବାଟୀର ମ୍ୟାନେଜରଙ୍କ ସହଯୋଗରେ ସୂର୍ଯ୍ୟୋଦୟ ପୂର୍ବରୁ ମନ୍ଦିର ନିକଟରେ ପହଞ୍ଚି ଯାଇ ସକାଳ ୮ଟାରୁ ଭକ୍ତଙ୍କ ନିମନ୍ତେ ନବଯୌବନ ଦର୍ଶନର ସୁବିଧା କରାଇଥିଲେ। ପ୍ରାୟ ୫ହଜାର ଭକ୍ତ ଅକ୍ଳେଶରେ ନବଯୌବନ ଦର୍ଶନ କରି ଆନନ୍ଦିତ ହୋଇଥିଲେ। ତା'ପରଦିନ ଅପରାହ୍ନ ୩ଟାରୁ ରଥଗୁଡ଼ିକ ସିଂହଦ୍ୱାରକୁ ଆଣିବା ଆରମ୍ଭ ହୋଇଥିଲା।

ମାତ୍ର ବଡ଼ ରଥ ଆସିବାବେଳେ ପୂର୍ବ ପାର୍ଶ୍ୱରେ ଥିବା ନାଳକୁ ମାଡ଼ିଯିବାରୁ ୧୦ ହାତ ଲମ୍ବରେ ବଡ଼ବଡ଼ ପଥର ସବୁ ଭାଙ୍ଗିଗଲା। ତେଣୁ ରଥ ପହଞ୍ଚିବା ଦୁରୂହ ହେଲା। ତେବେ ଅନ୍ୟ ରଥମାନ ଶ୍ରୀଗୁଣ୍ଡିଚା ଦିନ ସନ୍ଧ୍ୟା ସମୟରେ ସିଂହଦ୍ୱାରରେ ପହଞ୍ଚିଥିଲେ। ସେ ପର୍ଯ୍ୟନ୍ତ ନାଳକୁ ମାଡ଼ି ଯାଇଥିବା ରଥର କାର୍ଯ୍ୟ ଶେଷ ହୋଇନଥିଲା। ସେଦିନ ବର୍ଷା ଜୋର ହେଉଥାଏ। ତେଣୁ ଚତୁର୍ଦ୍ଧା ବିଗ୍ରହଙ୍କୁ ଧାଡ଼ି ପହଣ୍ଡି କରି ରଥାରୋହଣ କରିବା ବେଳକୁ ପ୍ରାୟ ରାତି ଦୁଇ ପ୍ରହର ହୋଇସାରିଥିଲା। ରାତି ଯୋଗୁ ରଥ ଟଣା ହେଲା ନାହିଁ। ତେଣୁ ଭକ୍ତମାନେ କେବଳ ରାଥାରୂଢ଼ ଶ୍ରୀବିଗ୍ରହମାନଙ୍କୁ ଦର୍ଶନ କରି ଚାଲିଯାଇଥିଲେ। ତା'ପରଦିନ ଅର୍ଥାତ୍ ୧୮୮୯ ମସିହା ଜୁଲାଇ ୧ ତାରିଖ ସୋମବାର ରଥଟଣା ଆରମ୍ଭ ହୋଇଥିଲା। ୬ ତାରିଖ ଶନିବାର ଗୁଣ୍ଡିଚା ଦ୍ୱାର ନିକଟରେ ରଥ ପହଞ୍ଚିଥିଲା। ସେଇଦିନ ରାତି ପ୍ରାୟ ୯ଟା ସମୟରେ ପହଣ୍ଡି ବିଜେ ଆରମ୍ଭ ହୋଇଥିଲା। ୭ ତାରିଖ ଦିନ ପାଗ ଭଲ ରହିବାରୁ ଆବାଳ ବୃଦ୍ଧବନିତା ଭଲରେ ସନ୍ଧ୍ୟା ଦର୍ଶନ କରି ଫେରିଥିଲେ। ୮ ତାରିଖ ସୋମବାର ମଧ୍ୟାହ୍ନ ସମୟର ମହାପ୍ରଭୁ ଜଗମୋହନରେ ବିଜେ କରି ରହିଲେ। ସେପର୍ଯ୍ୟନ୍ତ ରଥମାନ ଦକ୍ଷିଣ ମୁଖା ହୋଇନଥିଲା। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରକାଶିତ ଯୁଗେଯୁଗେ ରଥଯାତ୍ରା ପୁସ୍ତକରେ ଏ ସମ୍ପର୍କରେ ଉଲ୍ଲେଖ ରହିଛି।

ଗବେଷକମାନଙ୍କ ମତରେ ଅତୀତରେ ରଥଯାତ୍ରା ସମ୍ପାଦନ ବିଧି ମୁତାବକ ହୋଇ ପାରୁନଥିଲା। ଶ୍ରୀଗୁଣ୍ଡିଚା ଦିନ ମହାପ୍ରଭୁ ରଥ ଉପରକୁ ବିଜେ କରିବା ବେଳକୁ ପ୍ରାୟତଃ ରାତି ହୋଇଯାଉଥିଲା। ତେଣୁ ରଥଯାତ୍ରା ଦିନ କେବଳ ପହଣ୍ଡିରେ ସେଦିନର ଯାତ୍ରା ସୀମିତ ରହୁଥିଲା। ତା' ପରଦିନଠାରୁ ରଥଟଣା ଆରମ୍ଭ ହେଉଥିଲା। ଭକ୍ତମାନଙ୍କ ସହଯୋଗରେ ରଥଟଣା ଯାଉଥିଲେ ହେଁ ରଥଯାତ୍ରା ଦିନ ଭଳି ଆଶାନୁରୂପ ଭିଡ଼ ହେଉନଥିଲା। କାଳକ୍ରମେ ରଥ ଟାଣିବା ପାଇଁ କଳାବେଠିଆମାନଙ୍କୁ ନିୟୋଜିତ କରାଗଲା। ସେମାନଙ୍କ ସହଯୋଗରେ ରଥଯାତ୍ରାରେ ରଥଟଣା ସୁଗମ ହେଲା।

ଏବେ ଯଦି ଗୋଟିଏ ଦିନରେ ତିନି ରଥ ଶ୍ରୀଗୁଣ୍ଡିଚା ମନ୍ଦିରଠାରେ ପହଞ୍ଚି ନପାରେ, ତେବେ ତା'ପରଦିନ ସକାଳେ ୯ଟାରୁ ୧୦ଟା ମଧ୍ୟରେ ରଥଟଣା ହୋଇ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥାଏ। ମାତ୍ର କିଛିବର୍ଷ ହେବ ଗୁଣ୍ଡିଚାଯାତ୍ରା ଦିନ ହିଁ ତିନି ରଥ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିଯାଉଛନ୍ତି।



# ଆକର୍ଷଣୀୟ ଶ୍ରୀଜୀଉଙ୍କ ୩ ବେଶ

### ବଡ଼ସିଂହାର ବେଶ

ରତ୍ନସିଂହାସନରେ ଦୈନନ୍ଦିନ ମହାପ୍ରଭୁଙ୍କର ବଡ଼ସିଂହାର ବେଶ କରାଯାଏ। ମୁଖ୍ୟତଃ ଏହି ବେଶ ହେଉଛି ପୁଷ୍ପବେଶ। ଅର୍ଥାତ୍ ନାନାଦି ପୁଷ୍ପ ଅଳଙ୍କାରରେ ବିମଣ୍ଡିତ ଶ୍ରୀବିଗ୍ରହମାନଙ୍କ ଏହି ବେଶ ସବୁଠୁ ଆକର୍ଷଣୀୟ। ଚନ୍ଦନଲାଗି ବଢ଼ିବା ପରେ ଠାକୁରଙ୍କୁ ଏହି ବେଶ କରାଯାଏ। ଠାକୁରଙ୍କୁ ଗୀତଗୋବିନ୍ଦ ଖଣ୍ଡୁଆ ଲାଗି କରାଯାଏ। ଏହି ବେଶରେ ଦାରୁବିଗ୍ରହ ମୁଖ୍ୟତଃ ଗଭା, ଚନ୍ଦ୍ରିକା, ଅଳକା, ତିଳକ, ଝୁମ୍ପା, ନାକୁଆସୀ, ଦୟଣା, ଅଧରମାଳ, କରପଲ୍ଲବ, ହୃଦୟ ପଦକ ଆଦି ପରିଧାନ କରିଥାନ୍ତି।







### ନାଗାର୍ଜୁନ ବେଶ

ଯେଉଁବର୍ଷ କାର୍ତ୍ତିକ ମାସରେ ପଞ୍ଚକ ପାଞ୍ଚଦିନ ପରିବର୍ତ୍ତେ ଛଅ ଦିନ ପଡ଼ିଥାଏ ଅର୍ଥାତ୍ କାର୍ତ୍ତିକ ଶୁକ୍ଳ ଏକାଦଶୀଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ପଞ୍ଚକର ଯେଉଁ ତିଥି ମଳ ରୁହେ, ସେହି ମଳ ତିଥିରେ ଦାରୁବିଗ୍ରହମାନଙ୍କର ନାଗାର୍ଜୁନ ବେଶ କରାଯାଏ। ଏହି ବେଶରେ ଠାକୁରମାନେ ମୁଖ୍ୟତଃ ସୋଲ, କନା, ଜରି, ବେତରେ ନିର୍ମିତ ହାଣ୍ଡିଆ, ନିଶଦାଢ଼ି, ସୋଲର ଛୁରି, କଟାରୀ, ବାଘଛାଲ, ସ୍ୱର୍ଣ୍ଣ ନିର୍ମିତ ଶ୍ରୀଭୁଜ, ଶ୍ରୀପୟର, ବାଘନଖମାଳି, ହରିଡ଼ାମାଳି ପରିଧାନ କରିଥାନ୍ତି। ଶ୍ରୀଜଗନ୍ନାଥଙ୍କ ହସ୍ତରେ ଶଙ୍ଖ, ଚକ୍ର ଏବଂ ଶ୍ରୀବଳଭଦ୍ରଙ୍କ ହସ୍ତରେ ହଳ, ମୂଷଳ ଧାରଣ କରି ବୀର ବେଶରେ ସଜ୍ଜିତ ହୋଇଥାନ୍ତି।

### ସୁନାବେଶ

ବର୍ଷକୁ ଏହି ବେଶ ପାଞ୍ଚଥର ହୋଇଥାଏ। ରତ୍ନସିଂହାସନରେ ୪ଥର ଏବଂ ଗୋଟିଏ ଥର ରଥ ଉପରେ ଏହି ରାଜାଧିରାଜ ବେଶରେ ଦର୍ଶନ ଦେଇଥାନ୍ତି ମହାପ୍ରଭୁ। ଦଶହରା, ପୌଷ ପୂର୍ଣ୍ଣିମା, ଦୋଳ ପୂର୍ଣ୍ଣିମା, କାର୍ତ୍ତିକ ପୂର୍ଣ୍ଣିମା ଏବଂ ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ରଥ ଉପରେ ଏହି ବେଶ ହୋଇଥାଏ। ମହାପ୍ରଭୁଙ୍କର ସବୁଠୁ ଆକର୍ଷଣୀୟ ତଥା ଦୁର୍ଲ୍ଲଭ ବେଶ ହେଉଛି ସୁନାବେଶ। ଏହି ବେଶରେ ଠାକୁରମାନେ ବିଭିନ୍ନ ପ୍ରକାର ସ୍ୱର୍ଣ୍ଣ ଅଳଙ୍କାରରେ ସଜ୍ଜିତ ହୋଇଥାଆନ୍ତି।

ବଡ଼ ଦେଉଳ ସ୍ଥାପତ୍ୟ

ବଡ଼ ଦେଉଳଟି ପଞ୍ଚରଥ ଶୈଳୀରେ ନିର୍ମିତ। ଦେଉଳ ଚାରିପଟେ 'ମେଘନାଦ ପାଚେରୀ' ରହିଛି। ମେଘନାଦ ପାଚେରୀ ଭିତର ପଟେ 'କୂର୍ମ ପାଚେରୀ' ନାମକ ଆଉ ଏକ ପାଚେରୀ ରହିଛି। କୂର୍ମପାଚେରୀ ମଝିରେ ଥିବା 'କୂର୍ମବେଢ଼ା' ମଝି ଭାଗରେ ବଡ଼ଦେଉଳ। ଦେଉଳଟି ଚାରି ଭାଗରେ ବିଭକ୍ତ। ବିମାନ (ମୁଖ୍ୟ ମନ୍ଦିର ବା ଗର୍ଭଗୃହ), ଜଗମୋହନ ବା ମୁଖଶାଳା, ନାଟମଣ୍ଡପ ଓ ଭୋଗମଣ୍ଡପ। ଭୋଇବଂଶ ପ୍ରଥମ ରାଜା ରାମଚନ୍ଦ୍ର ଦେବଙ୍କ ସମୟରେ ମନସିଂହଙ୍କ ପତ୍ନୀ ଗୌରୀ ମହାଦେବୀ ମୁକ୍ତିମଣ୍ଡପର ନିର୍ମାଣ କରାଇଥିଲେ। ୩୮ ଫୁଟ୍ ଦୈର୍ଘ୍ୟ ଓ ୩୮ ଓସାରରେ ଓ ୧୬ଟି ସ୍ତମ୍ଭ ବିଶିଷ୍ଟ ମୁକ୍ତି ମଣ୍ଡପ ନିର୍ମାଣ କରାଯାଇଥିଲା।

ରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବକୁ ଭବ୍ୟ କରିବା ପାଇଁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏହି କାର୍ଯ୍ୟକ୍ରମରେ ଦେଶ ବିଦେଶର ବିଶିଷ୍ଟ ବ୍ୟକ୍ତି ଯୋଗଦେବାକୁ ଯାଉଥିବାରୁ ସେମାନଙ୍କୁ ଜଗନ୍ନାଥ ସଂସ୍କୃତି ବିଷୟରେ ଅବଗତ କରିବା ଲାଗି ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସହରକୁ ସୁନ୍ଦର ଭାବେ ସଜା ଯାଉଛି। ଶ୍ରୀକ୍ଷେତ୍ରରେ ପାଦ ଦେବା ମାତ୍ରେ ଯେପରି ଯେକେହି ଏକ ଆଧ୍ୟାତ୍ମିକ ଭାବନାରେ ଭିଜିବେ, ସେଥିଲାଗି ସବୁମତେ ଚେଷ୍ଟା ଚାଲିଛି। ସେହିପରି ବିଶ୍ୱନିୟନ୍ତାଙ୍କ ବିଭିନ୍ନ ବେଶ ମଧ୍ୟ ପ୍ରଦର୍ଶନ କରାଯିବ। ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନ ଜଗନ୍ନାଥ ବଲ୍ଲଭ ପରିସରରେ ଏଥିପାଇଁ ଚାଲିଛି ପ୍ରସ୍ତୁତି। ପୁରୀର ବିଶିଷ୍ଟ ବେଶ ଶିଳ୍ପୀ ବସନ୍ତ ରଣା (ଇଲା) ଏହି ବେଶ ତିଆରିର ଦାୟିତ୍ୱ ନେଇଛନ୍ତି। ପ୍ରଶାସନଠାରୁ ନିର୍ଦ୍ଦେଶ ପାଇବା ପରେ ପ୍ରାୟ ଅଢ଼େଇ ମାସ ପୂର୍ବରୁ ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି। ଗଙ୍ଗାମାତା ମଠ ପରିସରରେ ବେଶ ତିଆରି କରୁଛନ୍ତି। ସେ ତିଆରି କରୁଥିବା ବେଶଗୁଡ଼ିକ ମଧ୍ୟରେ ରହିଛି, ଅବକାଶ ବେଶ (ତଡ଼ପ ଉଚ୍ଚରି ବେଶ), ଜାମାଲାଗି ବେଶ, ନବାଙ୍କ ବେଶ, ସାଧା ବେଶ, ରାଧାଦାମୋଦର ବେଶ, ଲକ୍ଷ୍ମୀନାରାୟଣ ବେଶ (ଠିଆକିଆ), ବାଙ୍କଚୂଡ଼ ବେଶ, ତ୍ରିବିକ୍ରମ ବେଶ (ଡାଳିକିଆ ବେଶ), ଘୋଡ଼ାଲାଗି ବେଶ, ପଦ୍ମମୁଖ ବେଶ, ଗଜଉଦ୍ଧାରଣ ବେଶ, ଚାଚେର୍ଢ଼ି ବେଶ, ବଡ଼ସିଂହାର ବେଶ, ଗଜାନନ ବା ହାତୀବେଶ, ରାଜାଧିରାଜ ବେଶ (ସୁନାବେଶ), ବନ ଭୋଜି ବେଶ, କାଳୀୟଦଳନ ବେଶ, ପ୍ରଳମ୍ବାସୁର ବଧ ବେଶ, କୃଷ୍ଣ ବଳରାମ ବେଶ, ବାମନ ବେଶ, ଲକ୍ଷ୍ମୀନୃସିଂହ ବେଶ (ଆଡ଼କିଆ ବେଶ), ନାଗାର୍ଜୁନ ବେଶ, ଶ୍ରାଦ୍ଧ ବେଶ, ରଘୁନାଥ ବେଶ (ରାମାଭିଷେକ) ବେଶ ଓ ଚନ୍ଦନଲାଗି ବେଶ।

# ନାମକୁ ମାତ୍ର ଗାଁ: ବିଏମ୍‌ସିରେ ମିଶିବା ନେଇ କଥା ଆଗାଉନି





ଗାଁ'ଟିର ନାଁ 'ନାରଗୋଦା'। ଜାତୀୟ ରାଜପଥ-୧୬ ଠାରୁ ମାତ୍ର ୩୦୦ ମିଟର ଦୂର। ଗ୍ରାମକୁ ପ୍ରବେଶ କରିବା ବେଳେ ବଡ଼ ବଡ଼ ଅକ୍ଷରରେ ଲେଖା ଯାଇଛି 'ସ୍ୱାଗତମ୍ ଆମ ଗ୍ରାମ ନାରଗୋଦା'। ମାତ୍ର କୌଣସି ଦୃଷ୍ଟିରୁ ଗ୍ରାମ ଭଳି ଦୃଶ୍ୟମାନ ହେଉନାହିଁ। ଗାଁ ପ୍ରବେଶଠାରୁ ପ୍ରସ୍ଥାନ ଯାଏଁ ସବୁଠି ବହୁତଳ କୋଠା। କାଁଭାଁ ସ୍ଥାନରେ ଆଜବେଷ୍ଟସ ଘର ଦେଖିବାକୁ ମିଳୁଛି। ଯୁଆଡ଼େ ଚାହିଁଲେ ଅଳିଆ ଆବର୍ଜନା ଗଦା ହୋଇଛି। ସହର ଉପକଣ୍ଠର ଗାଁ ଭଳି ନଲାଗି ସହରୀ ସହରୀ ବାସୁଛି। ହେଲେ ଭିତ୍ତିଭୂମିରେ ବିକାଶ ହୋଇପାରିନି। ଅଣଓସାରିଆ ରାସ୍ତାରେ ଚଳପ୍ରଚଳ କରିବା ଲୋକଙ୍କ ପାଇଁ କଷ୍ଟକର। ପାଣି ସମସ୍ୟା ଉତ୍କଟ। ଜବରଦଖଲ ଗାଁକୁ ଖାଇଗଲାଣି। ବର୍ଜ୍ୟବସ୍ତୁ ପରିଚାଳନା କଥା ନ କହିବା ଭଲ। କେତେବେଳେ କେମିତି ପଞ୍ଚାୟତ ଅର୍ଥ ମିଳିଲେ ସଫେଇ ହେଉଛି ନହେଲେ ସେମିତି ପୂତିଗନ୍ଧମୟ ପରିବେଶରେ ରହୁଛନ୍ତି ଲୋକେ। ସେହିଭଳି ରଣସିଂହପୁର ଗ୍ରାମ ଅଳିଆରେ ଭରିଗଲାଣି। କେବଳ ଏହି ୨ ଗ୍ରାମ ନୁହେଁ, ଭୁବନେଶ୍ୱର ଉପକଣ୍ଠରେ ଥିବା ସମସ୍ତ ଗାଁ ଅବସ୍ଥା ଏବେ ଏମିତି। ସିଜୁଆ, ସିଜିପୁଟ, ନାରଗୋଦା, ସହଜପୁର, ତମାଣ୍ଡୋଠାରୁ ରଣସିଂହପୁର, ଅଣ୍ଡିଲୋ ପର୍ଯ୍ୟନ୍ତ ସମସ୍ତଙ୍କ ସ୍ଥିତି ସମାନ। ସହର ପାଖରେ ରହିଥିବା ଏହି ଗାଁଗୁଡ଼ିକର ବିକାଶ ଏବେ ସାତସପନ ପାଲଟିଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଭୁବନେଶ୍ୱରେ ମହାନଗର ନିଗମରେ ମିଶିବାକୁ ଉପକଣ୍ଠର ୭ଟି ଗ୍ରାମ ପଞ୍ଚାୟତର ୨୬ଟି ଗ୍ରାମବାସୀ ଚାହିଁ ବସିଛନ୍ତି। ୨୦୨୫ ଡିସେମ୍ବର ମାସରୁ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଏମ୍‌ସିରେ ମିଶିବା ନେଇ ସରକାରଙ୍କ ସବୁଜ ସଙ୍କେତ ଦିଆଯାଇ ବିଜ୍ଞପ୍ତି ପ୍ରକାଶ ପାଇ ମିଳିଥିଲେ ମଧ୍ୟ ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ। ଯାହା ଏବେ ଅଞ୍ଚଳବାସୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ତେଣୁ ୨୦୨୭ ପ୍ରଥମାର୍ଦ୍ଧରେ ସମ୍ଭବତଃ ହେବାକୁ ଥିବା ନିର୍ବାଚନ ବେଳେ ସେମାନେ କେଉଁ ଆଡ଼େ ରହିବେ ତାହାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଚିହ୍ନଟ ହୋଇଥିବା ଗ୍ରାମ ତାଲିକାରେ ଭୁବନେଶ୍ୱର ବ୍ଲକ୍‌ର ରଣସିଂହପୁର ପଞ୍ଚାୟତର ସିଜୁଆ, ତମାଣ୍ଡୋ ପଞ୍ଚାୟତର ସିଜିପୁଟ, ନାରଗୋଦା, ସହଜପୁର, ତମାଣ୍ଡୋ, ବିଜିପୁର, ଦାସବାଟିଆ, ବାଲିଆପଡ଼ା, କାଶୀପୁର, ବେଗୁନିଆବରହି ଓ ବଡ଼ଧାନପୁର, ଶିଶୁପାଳଗଡ଼ ପଞ୍ଚାୟତର ବଡ଼ଧାନପୁର, ଶିଶୁପାଳଗଡ଼ ଓ ମହାଭୋଇଶାସନ, ଅନ୍ଧାରୁଆ ପଞ୍ଚାୟତର ଜଗନ୍ନାଥପ୍ରସାଦ, ଅନ୍ଧାରୁଆ, ଦାସପୁର, ଚୁନୁକୋଳି ଓ ଗୋଡ଼ିବାରି, ବାସୁଆଘାଇ ପଞ୍ଚାୟତର ଦୁର୍ଗାପୁରପାଟଣା, ବାସୁଆଘାଇ, କେଶୁରା, କୋରଡ଼କଣ୍ଟା ଓ ବାଙ୍କୁଆଳ, ଲିଙ୍ଗିପୁର ପଞ୍ଚାୟତର ରଘୁନାଥପୁର ଓ ଲିଙ୍ଗିପୁର ଏବଂ ବାଲିଅନ୍ତା ବ୍ଲକ୍ ବାଲିଅନ୍ତା ପଞ୍ଚାୟତର ଅଣ୍ଡିଲୋ ଗାଁ ରହିଥିଲା। ଏହି ଗାଁଗୁଡ଼ିକ କିଭଳି ଭାବେ ବିଏମ୍‌ସିରେ ମିଶିବେ ତାହା ଚୂଡ଼ାନ୍ତ ହୋଇପାରିନାହିଁ। କୌଣସି ୱାର୍ଡରେ ସାମିଲ ହେବେ କି ନିଜର ଗୋଟିଏ ୱାର୍ଡ ହେବ ତାହା ସ୍ଥିର ହୋଇ ନ ଥିବାରୁ ଲୋକେ ଚିନ୍ତାରେ ଅଛନ୍ତି। ୨୦୨୭ ପୌର ଓ ପଞ୍ଚାୟତ ନିର୍ବାଚନରେ ଲଢ଼ିବାକୁ ଥିବା ଆଶାୟୀମାନେ ଏହାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ପଞ୍ଚାୟତ ଉପରେ ଫୋକସ୍ କରିବେ ନା ବିଏମ୍‌ସି ଅଞ୍ଚଳକୁ ଗୁରୁତ୍ୱ ଦେବେ ସେନେଇ ଆଶା ଆଶଙ୍କାରେ ରହିଛନ୍ତି। କେତେଜଣ ଏବେଠାରୁ ଶୁଭେଚ୍ଛା ବ୍ୟାନର ପୋଷ୍ଟର ଲଗାଇ ଲୋକଙ୍କ ନିକଟତର ହେବାକୁ ଲାଗି ପଡ଼ିଛନ୍ତି।

# ଭାରତର ସବୁଠୁ ଭୟଙ୍କର ବେଳାଭୂମି

## ବୁଲୁଛନ୍ତି ଆତ୍ମା, ସୂର୍ଯ୍ୟାସ୍ତ ପରେ ଯିବାକୁ ମନା

ଭାରତର ବେଳାଭୂମି ବିଷୟରେ କଥା ଉଠିଲେ, ସାଧାରଣତଃ ଲୋକଙ୍କ ମନରେ ପ୍ରଥମେ ଗୋଆ କିମ୍ବା ମୁମ୍ବାଇ ଭଳି ନାମ ଆସେ। କିନ୍ତୁ, ଗୁଜରାଟର ଡୁମାସ୍ ବେଳାଭୂମି ଏହାର ସୌନ୍ଦର୍ଯ୍ୟ ଅପେକ୍ଷା ଏହାର ରହସ୍ୟମୟ କାହାଣୀ ପାଇଁ ଅଧିକ ଜଣାଶୁଣା। ସୁରତ ସହରରୁ ପ୍ରାୟ ୨୦ କିଲୋମିଟର ଦୂରରେ ଅବସ୍ଥିତ, ଏହି ବେଳାଭୂମି ଦିନରେ ଶାନ୍ତ ଏବଂ ସୁନ୍ଦର ଦେଖାଯାଏ କିନ୍ତୁ ରାତି ହେଲେ ଏକ ଭୟଙ୍କର ପରିବେଶ ସୃଷ୍ଟି କରେ। ଏହି କାରଣରୁ ଏହାକୁ ଭାରତର ସବୁଠାରୁ ଭୟଙ୍କର ବେଳାଭୂମି ମଧ୍ୟରେ ଗଣନା କରାଯାଏ। ଡୁମାସ୍ ବେଳାଭୂମିର ସବୁଠୁ ଅନନ୍ୟ ପରିଚୟ ହେଉଛି ଏହାର କଳା ବାଲି । ଏଠାକାର ବାଲି ଗଭୀର କଳା। ସମୁଦ୍ର ଲହରୀ, କଳା ବାଲିର ବିସ୍ତୃତ ବିସ୍ତାର ଏବଂ ସନ୍ଧ୍ୟା ପରେ ନୀରବତା ଏହି ସ୍ଥାନକୁ ଏକ ଭୟଙ୍କର ପରିବେଶ ପ୍ରଦାନ କରେ। ସ୍ଥାନୀୟ ଲୋକଙ୍କ ଅନୁଯାୟୀ, ଏହି ଅଞ୍ଚଳଟି ପୂର୍ବରୁ ଏକ ହିନ୍ଦୁ ଶ୍ମଶାନ ଭୂମି ଥିଲା। କୁହାଯାଏ ଯେ ବର୍ଷ ବର୍ଷ ପୂର୍ବରୁ ଏଠାରେ ଅନ୍ତିମ ସଂସ୍କାର କରାଯାଉଥିଲା, ଏବଂ ସେହି ସମୟରୁ ଏହି ସ୍ଥାନଟି ରହସ୍ୟମୟ ଘଟଣା ପାଇଁ କୁଖ୍ୟାତ ହୋଇଗଲା। ଅନେକ ଲୋକ ରାତିରେ ଏଠାରେ ଅଜବ ଶବ୍ଦ ଶୁଣିଥିବାର ଦାବି କରନ୍ତି। କିଛି ପର୍ଯ୍ୟଟକ ସନ୍ଧ୍ୟା ପରେ ଏପରି ଅନୁଭବ କରନ୍ତି ଯେପରି ସେମାନଙ୍କୁ କେହି ଅନୁସରଣ କରୁଛି କିମ୍ବା ନିରନ୍ତର ନଜର ରଖୁଛି। ପ୍ରାୟତଃ, ଅଞ୍ଚଳରେ ବୁଲୁଥିବା କୁକୁରମାନେ ଅନ୍ଧାରରେ ହଠାତ୍ ଭୁକିବା ଆରମ୍ଭ କରନ୍ତି, ଯାହା ଲୋକଙ୍କ ଭୟକୁ ଆହୁରି ବଢ଼ାଇ ଦିଏ। ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏହା ମଧ୍ୟ ଆଲୋଚନା ହେଉଛି ଯେ କିଛି ଲୋକ ଏଠାରୁ ରହସ୍ୟମୟ ଭାବରେ ନିଖୋଜ ହୋଇଯାଇଛନ୍ତି। ଯଦିଓ ଏହି ଦାବିର କୌଣସି ବୈଜ୍ଞାନିକ ପ୍ରମାଣ ନାହିଁ, କିନ୍ତୁ ଡୁମାସ୍ ବିଚ୍ ଚାରିପାଖରେ ଥିବା କାହାଣୀଗୁଡ଼ିକ ଲୋକଙ୍କ ମଧ୍ୟରେ ରୋମାଞ୍ଚ ଏବଂ ଭୟର ମିଶ୍ରଣ ସୃଷ୍ଟି କରିଚାଲିଛି। ସେଥିପାଇଁ ଅଧିକାଂଶ ଲୋକ ସୂର୍ଯ୍ୟାସ୍ତ ପରେ ଏଠାରେ ଅଧିକ ସମୟ ରହିବାକୁ ଏଡ଼ାଇ ଦିଅନ୍ତି।



# କଟକର ଶ୍ରେଷ୍ଠ ପାଠାଗାର

ତିନିକୋଣିଆ ବଗିଚା ଅଞ୍ଚଳରେ ରହିଛି ରବୀନ୍ଦ୍ର ପାଠାଗାର। ୧୯୪୯ ଏପ୍ରିଲ ୧୭ରେ ବ୍ୟବସାୟୀ ନରେନ୍ଦ୍ର କୁମାର ମିତ୍ର ତାଙ୍କ ବଡ଼ପୁଅ ରବୀନ୍ଦ୍ରଙ୍କ ସ୍ମୃତିରେ ପ୍ରତିଷ୍ଠା କରିଥିବା ଏହି ପାଠାଗାରରେ ବିଭିନ୍ନ ଭାଷାର ୧୦ ହଜାର ପୁସ୍ତକ ଉପଲବ୍ଧ। ସ୍ଥାନୀୟ ଅଞ୍ଚଳର ଲୋକେ ପୁସ୍ତକଗୁଡ଼ିକୁ କାର୍ଡ ମାଧ୍ୟମରେ ଘରକୁ ନେଇ ପଢ଼ିଥାନ୍ତି। ପ୍ରତ୍ୟହ ସନ୍ଧ୍ୟା ୬ଟା ୩୦ରୁ ରାତି ୮ଟା ୩୦ ଯାଏ ବହୁ ପାଠକ ପାଠାଗାରରେ ବସି ବିଭିନ୍ନ ପୁସ୍ତକ ଓ ପତ୍ରପତ୍ରିକା ପଢ଼ିଥାନ୍ତି । ମଧୁସୂଦନ ନଗରଠାରେ ସ୍ଥାନୀୟ ଅଧିବାସୀଙ୍କ ଅନୁଦାନରେ ପରିଚାଳିତ ହେଉଛି ମଧୁସୂଦନ ପାଠାଗାର। ୧୯୭୫ ମସିହାରେ ପ୍ରତିଷ୍ଠିତ ଏହି ପାଠାଗାରରେ ରହିଛି ଓଡ଼ିଆ, ଇଂଲିଶ, ହିନ୍ଦୀ, ବଙ୍ଗଳା ଭାଷାରେ ପ୍ରାୟ ୧୪ ହଜାର ବିଭିନ୍ନ ପ୍ରକାର ପୁସ୍ତକ। ସବୁଦିନ ଅପରାହ୍ନ ୪ଟାରୁ ରାତି ୯ଟା ଯାଏ ଏହା ଖୋଲା ରହେ । ପ୍ରତି ମାସର ପ୍ରଥମ ଶନିବାର ସ୍ଥାନୀୟ ଅଧିବାସୀମାନେ ଏଠାରେ ଏକତ୍ରିତ ହୋଇ ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗରେ ଆଲୋଚନା କରନ୍ତି । ଚୌଧୁରୀବଜାର ଗୌରୀଶଙ୍କର ପାର୍କ ନିକଟରେ ରହିଛି ପଢିହାରୀ ପାଠାଗାର। ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧୀନରେ ପରିଚାଳିତ ତଥା ସ୍ୱାଧୀନତା ସଂଗ୍ରାମୀ ପ୍ରାଣକୃଷ୍ଣ ପଢିହାରୀଙ୍କ ସ୍ମୃତିରେ ସ୍ଥାପିତ ଏହି ପାଠାଗାର ରବିବାର ଓ ସରକାରୀ ଛୁଟି ଦିନ ବ୍ୟତୀତ ପ୍ରତିଦିନ ସକାଳ ୮ଟାରୁ ପୂର୍ବାହ୍ନ ୧୧ଟା ଓ ଅପରାହ୍ନ ୫ଟାରୁ ରାତି ୮ଟା ଯାଏ ଖୋଲା ରହେ । ଏଠାରେ ଓଡ଼ିଆ, ଇଂଲିଶ ଭାଷାରେ ପ୍ରାୟ ୧୯ ହଜାରରୁ ଉର୍ଦ୍ଧ୍ୱ ପୁସ୍ତକ ରହିଛି । ଖାନନଗର କାଠଯୋଡ଼ି ନଦୀ ବନ୍ଧ ପାର୍ଶ୍ୱରେ ଅବସ୍ଥିତ ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ପାଠାଗାର । ପ୍ରତ୍ୟହ ସକାଳ ୮ଟାରୁ ରାତି ୮ଟା ପର୍ଯ୍ୟନ୍ତ ପାଠାଗାର ଖୋଲା ରହେ। କଟକ ମହାନଗର ନିଗମ ଦ୍ୱାରା ପରିଚାଳିତ ଏହି ପାଠାଗାରରେ ଓଡ଼ିଆ, ସଂସ୍କୃତ, ଇଂଲିଶ, ହିନ୍ଦୀ ଭାଷାର ପ୍ରାୟ ୫୫ ହଜାରରୁ ଅଧିକ ପୁସ୍ତକ ରହିଛି । ଏଥିସହ ବିଭିନ୍ନ ପତ୍ରିକା, ଖବରକାଗଜ ମଧ୍ୟ ଏଠାରେ ଉପଲବ୍ଧ । ରାଜ୍ୟର ସବୁଠୁ ବଡ଼ ଓ ପ୍ରାଚୀନ ପାଠାଗାର ଭାବେ ପରିଚିତ କନିକା ପାଠାଗାର। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଏହି ପାଠାଗାରଟି ୯ ହଜାର ବର୍ଗଫୁଟ ଜମିରେ ତତ୍କାଳୀନ ବିହାର, ଓଡ଼ିଶା ଲ୍ୟଟ୍‌ନାଣ୍ଟ ଗଭର୍ନରଙ୍କ ଦ୍ୱାରା ଖୋଲାଯାଇଥିଲା । କନିକା ମହାରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ ସେତେବେଳେ ୫୫ ହଜାର ଟଙ୍କା ଏହାର ନିର୍ମାଣ ପାଇଁ ଦାନ କରିଥିଲେ। ଏଠାରେ ବହୁ ପୁରୁଣା ଓ ଚିରା ପୁସ୍ତକ ସମେତ ବିରଳ ତଥା ଐତିହାସିକ ପତ୍ରିକା, ପୁସ୍ତକ ରହିଛି।

# ରୋନାଲ୍ଡୋଙ୍କ ବିଶ୍ୱକପ୍ ସ୍ୱପ୍ନ ଶେଷ
## ବିଶ୍ୱକପ୍‌ରୁ ବିଦା ହେଲା ପର୍ତ୍ତୁଗାଲ



**ଆର୍ଲିଂଟନ**

ଇଞ୍ଜୁରି ଟାଇମ୍‌ରେ ମିକେଲ ମେରିନୋଙ୍କ ଗୋଲ ବଳରେ ଚଳିତ ବିଶ୍ୱକପ୍‌ର ଏକ ପ୍ରି-କ୍ୱାର୍ଟର ଫାଇନାଲରେ ସ୍ପେନ ୧-୦ ଗୋଲରେ ପର୍ତ୍ତୁଗାଲକୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ୨୦୧୦ ପରେ ପୂର୍ବତନ ଚାମ୍ପିଅନ ସ୍ପେନ ପ୍ରଥମ ଥର ପାଇଁ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛି। ଅନ୍ୟପକ୍ଷରେ ଏହି ପରାଜୟ ସହ ମହାନ ଫୁଟବଲର କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ବିଶ୍ୱକପ୍ ସ୍ୱପ୍ନ ଶେଷ ହୋଇଛି। ସ୍ପେନ ଆସନ୍ତା ଶନିବାର ତା'ର କ୍ୱାର୍ଟର ଫାଇନାଲ ମ୍ୟାଚ୍ ଇଙ୍ଗଲେଉଡ୍‌ଠାରେ ଖେଳିବ। ପ୍ରାୟ ୮୦ ହଜାର ଦର୍ଶକରେ ପରିପୂର୍ଣ୍ଣ ଡଲାସ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ରହିଥିଲା। ଉଭୟ ଦଳକୁ କିଛି ସୁବର୍ଣ୍ଣ ସୁଯୋଗ ମିଳିଥିଲା। ଦୁଇ ଦଳର ଗୋଲକିପର ଡିଓଗୋ କୋଷ୍ଟା ଓ ଉନାଇ ସିମନ ପ୍ରତ୍ୟେକ ଶଟ୍ ସେଭ କରିଥିଲେ। ପର୍ତ୍ତୁଗାଲ ପାଇଁ କ୍ରିଷ୍ଟିଆନୋ ରୋନାଲ୍ଡୋ ଓ ନୁନୋ ମେଣ୍ଡେସ ସୁଯୋଗ ହାତଛଡ଼ା କରିଥିବା ବେଳେ ସ୍ପେନ ପକ୍ଷରୁ ମିକେଲ ଓୟାର୍ଜାବଲ ସୁବର୍ଣ୍ଣ ସୁଯୋଗର ଫାଇଦା ଉଠାଇବାରେ ବିଫଳ ହୋଇଥିଲେ। ଦ୍ୱିତୀୟାର୍ଦ୍ଧର ୯୦ ମିନିଟ୍ ପର୍ଯ୍ୟନ୍ତ ମ୍ୟାଚ୍ ଗୋଲ ଶୂନ୍ୟ ରହିଥିଲା। ଇଞ୍ଜୁରି ଟାଇମ୍‌ରେ ଫେରାନ ଟୋରେସଙ୍କଠାରୁ ପାଇଥିବା ପାସ୍‌କୁ ମିକେଲ ମେରିନୋ (୯୦+୧) ଗୋଲରେ ପରିଣତ କରିଥିଲେ। ସ୍କୋର ବରାବର କରିବା ପାଇଁ ଅନ୍ତିମ ମିନିଟ୍‌ରେ ପର୍ତ୍ତୁଗାଲକୁ ଏକ ସୁଯୋଗ ମିଳିଥିଲା। ହେଲେ ଜୋଆଓ ନେଭେସଙ୍କ ହେଡର ଗୋଲ ପୋଷ୍ଟ ବାହାରକୁ ଚାଲି ଯାଇଥିଲା।

## ଜିମ୍ବାୱେ ଟି-ଟ୍ୱେଣ୍ଟି ସିରିଜ ପାଇଁ ଭାରତୀୟ ଦଳ ଘୋଷଣା
# ସଞ୍ଜୁ ଆଉଟ୍ : ମୟଙ୍କ-ରିଙ୍କୁଙ୍କ କମ୍‌ବ୍ୟାକ୍, ୪ ନୂଆ ମୁହଁ ସାମିଲ

**ମୁମ୍ବାଇ**

ଚଳିତ ଜୁଲାଇ ଶେଷ ସପ୍ତାହରେ ଖେଳାଯିବାକୁ ଥିବା ଜିମ୍ବାୱେ ବିପକ୍ଷ ତିନି ମ୍ୟାଚ୍ ବିଶିଷ୍ଟ ଟ୍ୱେଣ୍ଟି-୨୦ ଶୃଙ୍ଖଳା ପାଇଁ ଘୋଷିତ ଭାରତୀୟ ଦଳରୁ ୱିକେଟ୍‌ରକ୍ଷକ ବ୍ୟାଟର ସଞ୍ଜୁ ସାମସନ ବାଦ୍ ପଡ଼ିଛନ୍ତି। ଆୟର୍ଲାଣ୍ଡ ବିପକ୍ଷ ଦୁଇଟି ଏବଂ ଇଂଲଣ୍ଡ ବିପକ୍ଷ ଗୋଟିଏ ଟ୍ୱେଣ୍ଟି-୨୦ରେ ଅତ୍ୟନ୍ତ ଖରାପ ପ୍ରଦର୍ଶନ କରି ସଞ୍ଜୁ ଯଥାକ୍ରମେ ୫, ୦ ଓ ୧ ରନ୍ କରିବା ପରେ ଚୟନକର୍ତ୍ତାଙ୍କ ଭରସା ତାଙ୍କ ଉପରୁ ଉଠି ଯାଇଛି। ସାମସନଙ୍କ ସ୍ଥାନରେ ଆଇପିଏଲ୍ ଦଳ ପଞ୍ଜାବ କିଙ୍ଗ୍ସର ୱିକେଟ୍ ରକ୍ଷକ ପ୍ରଭସିମରନ୍ ସିଂହ ପ୍ରଥମ ଥର ଲାଗି ଭାରତୀୟ ଟ୍ୱେଣ୍ଟି-୨୦ ଦଳରେ ସୁଯୋଗ ପାଇଛନ୍ତି। ଆଇପିଏଲ୍-୨୦୨୬ରେ ସେ ୧୬୮.୮୭ ଷ୍ଟ୍ରାଇକ୍‌ରେଟ୍‌ରେ



୫୧୦ ରନ୍ କରିଥିଲେ। ସେହିଭଳି ଅଲରାଉଣ୍ଡର ଅକ୍ଷର ପଟେଲଙ୍କ ସ୍ଥାନ ଯୁବ ସ୍ପିନ୍ ଅଲରାଉଣ୍ଡର ହର୍ଷ ଦୁବେ ନେଇଥିଲା ବେଳେ ୱାସିଂଟନ୍ ସୁନ୍ଦରଙ୍କ ସ୍ଥାନରେ ରିଙ୍କୁ ସିଂହ ଭାରତୀୟ ଦଳକୁ ଫେରିଛନ୍ତି। ପେସ୍ ଆକ୍ରମଣରେ ଯୁବ ଖେଳାଳିଙ୍କ ଉପରେ ଭରସା କରିଛନ୍ତି ଚୟନ କର୍ତ୍ତା। ଇଂଲଣ୍ଡ ବିପକ୍ଷ ଶୃଙ୍ଖଳା ଖେଳୁଥିବା ପ୍ରିନ୍ସ ଯାଦବଙ୍କ ସହ ଦୀର୍ଘ ବ୍ୟବଧାନ ପରେ ଆହତ ଜର୍ଜରିତ ଦ୍ରୁତ ବୋଲର ମୟଙ୍କ ଯାଦବ ଦଳକୁ ଫେରିଛନ୍ତି। ସେହିପରି ଯଶ ଠାକୁର ଓ ଆଶୋକ ଶର୍ମା ପ୍ରଥମ ଥର ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ଶ୍ରେୟସ ଆୟର ଦଳର ଅଧିନାୟକ ହୋଇଥିବା ବେଳେ ତିଳକ ବର୍ମାଙ୍କୁ ଉପଅଧିନାୟକ ଦାୟିତ୍ୱ ଦିଆଯାଇଛି। ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ ନିଜ ସ୍ଥାନ ବଜାୟ ରଖିଛନ୍ତି। ଏହି ଅବସରରେ ବିସିସିଆଇ ଇଂଲଣ୍ଡ ବିପକ୍ଷ ଦିନିକିଆ ଦଳରୁ ଆହତ ଯୋଗୁଁ ନୀତୀଶ କୁମାର ରେଡ୍ଡୀଙ୍କୁ ବାଦ୍ ଦେଇ ଶିବମ୍ ଦୁବେଙ୍କୁ ସାମିଲ କରିଥିବା ଘୋଷଣା କରିଛି।

ଭାରତୀୟ ଦଳ : ଶ୍ରେୟସ ଆୟର (ଅଧିନାୟକ), ବୈଭବ ସୂର୍ଯ୍ୟବଂଶୀ, ଅଭିଷେକ ଶର୍ମା, ତିଳକ ବର୍ମା (ଉପଅଧିନାୟକ), ଈଶାନ କିଶନ (ୱିକେଟକିପର), ଶିବମ ଦୁବେ, ସୂର୍ଯ୍ୟାଂଶ ଶେଡଗେ, ରିଙ୍କୁ ସିଂହ, ହର୍ଷ ଦୁବେ, ବରୁଣ ଚକ୍ରବର୍ତ୍ତୀ, ପ୍ରିନ୍ସ ଯାଦବ, ଯଶ ଠାକୁର, ଆଶୋକ ଶର୍ମା, ମୟଙ୍କ ଯାଦବ ଏବଂ ପ୍ରଭସିମ୍ରନ ସିଂହ (ୱିକେଟକିପର)।

# ଯୁବ ଫୁଟବଲ୍ ପ୍ରତିଭାମାନଙ୍କୁ ନୂତନ ପରିଚୟ ଦେବ ଡୁରାଣ୍ଡ କପ୍ : ରାଷ୍ଟ୍ରପତି

**ନୂଆଦିଲ୍ଲୀ**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ଦିନ ଡୁରାଣ୍ଡ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ-୨୦୨୬ର ଟ୍ରଫି ଉନ୍ମୋଚନ କରି କହିଛନ୍ତି ଯେ ବିଶ୍ୱ ଫୁଟବଲ ଜଗତରେ ନିଜର ଦୃଢ଼ ପରିଚୟ ପ୍ରତିଷ୍ଠା କରିବା ପାଇଁ ଭାରତକୁ ଆହୁରି ଅନେକ ବାଟ ଯିବାକୁ ଅଛି। ସେ ଆତ୍ମବିଶ୍ୱାସ ବ୍ୟକ୍ତ କରିଥିଲେ ଯେ ଡୁରାଣ୍ଡ କପ୍ ଭଳି ଐତିହାସିକ ଟୁର୍ଣ୍ଣାମେଣ୍ଟ ଦେଶରେ ନୂତନ ଫୁଟବଲ୍ ପ୍ରତିଭାର ପୋଷଣରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଡୁରାଣ୍ଡ କପ୍ ଟୁର୍ଣ୍ଣାମେଣ୍ଟ-୨୦୨୬ର ଟ୍ରଫିଗୁଡ଼ିକୁ ଉନ୍ମୋଚନ ଏବଂ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଉଦ୍‌ବୋଧନ ଦେଇ ସେ ଡୁରାଣ୍ଡ କପ୍ ସହ ଜଡ଼ିତ ବର୍ତ୍ତମାନର ଏବଂ ପୂର୍ବତନ ଅଧିକାରୀ ଏବଂ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇ କହିଥିଲେ ଯେ ଏହି ସମ୍ମାନଜନକ ପ୍ରତିଯୋଗିତା ବର୍ଷ ବର୍ଷ ଧରି ଅନେକ ପ୍ରତିଭାବାନ ଫୁଟବଲ୍ ଖେଳାଳିଙ୍କୁ ସେମାନଙ୍କ ସାମର୍ଥ୍ୟ ପ୍ରଦର୍ଶନ କରିବା ପାଇଁ ଏକ ମଞ୍ଚ ପ୍ରଦାନ କରିଛି।

ସେ ଖୁସି ବ୍ୟକ୍ତ କରିଥିଲେ ଯେ ଚଳିତ ବର୍ଷ ଶ୍ରୀଲଙ୍କାର ଗୋଟିଏ ଦଳ ସମେତ କିଛି ନୂଆ ଦଳ ଡୁରାଣ୍ଡ କପ୍, ପ୍ରେସିଡେଣ୍ଟ୍ କପ୍ ଏବଂ ସିମଲା ଟ୍ରଫି ପାଇଁ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା କରିବେ। ନୂତନ ଦଳ ଯୋଗ ହେବା ଦ୍ୱାରା ଏହି ଐତିହାସିକ ପ୍ରତିଯୋଗିତାର ଲୋକପ୍ରିୟତା ଆହୁରି ବୃଦ୍ଧି ପାଇବ। ରାଷ୍ଟ୍ରପତି ସମସ୍ତ ଅଂଶଗ୍ରହଣକାରୀ ଦଳ ଏବଂ ଖେଳାଳିମାନଙ୍କୁ ଏକ ଚମତ୍କାର ପ୍ରଦର୍ଶନ ପାଇଁ ଶୁଭେଚ୍ଛା ଜଣାଇଥିଲେ। ଡୁରାଣ୍ଡ କପ୍ର ମ୍ୟାଚ୍ ଏଥର କୋଲକାତା, ଗୌହାଟୀ, ଇମ୍ଫାଲ ଏବଂ ଶିଲଂ ସହିତ ପ୍ରଥମ ଥର ପାଇଁ ରାଞ୍ଚିରେ ଅନୁଷ୍ଠିତ ହେବ।

ରାଷ୍ଟ୍ରପତି କହିଲେ ଯେ ଫୁଟବଲ ହେଉଛି ବିଶ୍ୱର ସବୁଠାରୁ ଲୋକପ୍ରିୟ ଖେଳ ମଧ୍ୟରୁ ଗୋଟିଏ ଏବଂ ଏହା ଉତ୍କର୍ଷତା, ଏକତା ଏବଂ କ୍ରୀଡ଼ାବିତ୍ୱର ଏକ ଅନନ୍ୟ ଉଦାହରଣ ଉପସ୍ଥାପନ କରେ। ସେ କହିଛନ୍ତି ଯେ ବର୍ତ୍ତମାନ ଚାଲିଥିବା ଫିଫା ବିଶ୍ୱକପରେ ବିଶ୍ୱର ଶ୍ରେଷ୍ଠ ଦଳ ଏବଂ ଖେଳାଳିମାନେ ନିଜ ନିଜ ଦେଶର ମର୍ଯ୍ୟାଦା ବଢ଼ାଇବା ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

# ଆମେରିକାକୁ ହରାଇ କ୍ୱାର୍ଟରରେ ପହଞ୍ଚିଲା ବେଲଜିୟମ୍

**ସିଆଟେଲ**

ଚାର୍ଲସ ଡି କେଟେଲେରେଙ୍କ ଦ୍ୱିତୀୟ ଗୋଲ ବଳରେ ଫିଫା ବିଶ୍ୱକପ୍‌ରେ ମଙ୍ଗଳବାର ଖେଳାଯାଇଥିବା ପ୍ରି-କ୍ୱାର୍ଟର ଫାଇନାଲରେ ବେଲଜିୟମ ୪-୧ ଗୋଲରେ ଆମେରିକାକୁ ପରାସ୍ତ କରିଛି। ଡିଫେଣ୍ଡର ଓ ଗୋଲକିପର ମ୍ୟାଟ ଫ୍ରିସେ ଗାଫେଙ୍କ ତ୍ରୁଟି କାରଣରୁ ବେଲଜିୟମ ପ୍ରଥମ ୩ଟି ଗୋଲ କରିଥିଲା। ବିବାଦୀୟ ଭାବେ ଫିଫା ଦ୍ୱାରା ରେଡ୍ କାର୍ଡ ପ୍ରତ୍ୟାହାର କରାଯିବା ପରେ ଖେଳୁଥିବା ଆମେରିକୀୟ ଫରୱାର୍ଡ ଫୋଲାରିନ ବାଲୋଗନଙ୍କ ଉପସ୍ଥିତି ମ୍ୟାଚ୍‌ରେ କୌଣସି ପ୍ରଭାବ ପକାଇ ପାରି ନ ଥିଲା। ଏହି ପରାଜୟ ଯୋଗୁ ୨୦୦୨ ପରେ ଆମେରିକାର ପ୍ରଥମ ଥର ପାଇଁ ବିଶ୍ୱକପ୍ କ୍ୱାର୍ଟର ଫାଇନାଲ ଖେଳିବା ଆଶା ଆଶାରେ ରହିଛି। ବେଲଜିୟମଠାରୁ ବିଶ୍ୱକପ୍‌ରେ ଏହା ଆମେରିକାର କ୍ରମାଗତ ଷଷ୍ଠ ପରାଜୟ। ପ୍ରଥମ ବିଶ୍ୱକପ୍ ଟ୍ରଫି ଲକ୍ଷ୍ୟରେ ଥିବା ବେଲଜିୟମ ଗତ ୧୨ ବର୍ଷରେ ଦ୍ୱିତୀୟ ଥର ପାଇଁ ଆମେରିକାକୁ ରାଉଣ୍ଡ ଅଫ୍-୧୬ରୁ ବିଦା କରିଛି। ଏହି ବିଜୟ ସହ ବେଲଜିୟମ ଦଳର ଅପରାଜେୟ ଧାରା ୧୮ ମ୍ୟାଚ୍‌ରେ ପହଞ୍ଚିଛି। ଏହି ଦଳ ଆସନ୍ତା ଶନିବାର କାଲିଫର୍ଣ୍ଣିଆର ଇଙ୍ଗଲେଉଡ୍‌ଠାରେ ୨୦୧୦ ସଂସ୍କରଣ ଚାମ୍ପିୟନ ସ୍ପେନକୁ ଭେଟିବ।

ଦର୍ଶକଙ୍କ ଉପସ୍ଥିତିରେ ସିଆଟେଲ ଷ୍ଟାଡିୟମରେ ଖେଳାଯାଇ ଥିବା ମ୍ୟାଚ୍‌ର ୯ମ ମିନିଟ୍‌ରେ ଗୋଲପୋଷ୍ଟ ସମ୍ମୁଖରେ କର୍ଣ୍ଣର ଏରିଆରୁ ନିକୋଲାସ ରାସ୍କିନଙ୍କଠାରୁ ପାଇଥିବା ପାସକୁ ଚାର୍ଲସ ଡି କେଟେଲେରେ ସହଜରେ ଗୋଲ କରିଥିଲେ। ଚଳିତ ବିଶ୍ୱକପ୍‌ରେ ଏହା ଆମେରିକା ବିପକ୍ଷରେ ପ୍ରଥମ ଗୋଲ ଥିଲା।

ଜବାବରେ ୩୧ତମ ମିନିଟ୍‌ରେ ଗୋଲପୋଷ୍ଟଠାରୁ ୨୫ ମିଟର ଦୂରରେ ଆମେରିକାକୁ ମିଳିଥିବା ଫ୍ରି-କିକ୍‌ରୁ ମାଲିକ ଟିଲମ୍ୟାନ (୩୧ତମ) ସ୍କୋର କରି ମ୍ୟାଚ୍‌କୁ ବରାବର ସ୍ତରକୁ ଆଣିଥିଲେ। ହେଲେ ଏହାର ୧ ମିନିଟ୍ ପରେ ଲିଆଣ୍ଡ୍ରୋ ଟ୍ରୋସାର୍ଡ ଦେଇଥିବା ମୁଣ୍ଡ ଉଚ୍ଚା ପାସକୁ କେଟେଲେରେ ହେଡର ଜରିଆରେ ଗୋଲରେ ପରିଣତ କରିଥିଲେ। ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଗୋଲକିପର ଗାଫେଙ୍କ ତ୍ରୁଟିର ଫାଇଦା ଉଠାଇ କେଟେଲେରେ



ଗୋଲପୋଷ୍ଟ ସାମ୍ନାକୁ ବଲ ପାସ୍ କରିଥିଲେ, ଯାହାକୁ ସହଜରେ ହାନ୍ସ ଭାନାକେନ (୫୭ତମ) ଗୋଲରେ ପରିଣତ କରିଥିଲେ। ସବଷ୍ଟିଚ୍ୟୁଟ ହୋଇ ପଡ଼ିଆକୁ ଆସିଥିବା ରୋମେଲୁ ଲୁକାକ ଇଞ୍ଜୁରି ଟାଇମ୍‌ରେ ବେଲଜିୟମ ପାଇଁ ଚତୁର୍ଥ ଗୋଲ କରିଥିଲେ।

24001/278/2627

**GOVERNMENT OF ODISHA**
**REVENUE AND DISASTER MANAGEMENT DEPARTMENT**
**WITHDRAWAL NOTIFICATION**
**No RDM-LAA-BLS-0021-2022-13867 /R&DM, dated:11.04.2025**

In exercise of the powers conferred by Section 93 (1) of the Right to Fair Compensation and Transparency in Land Acquisition, Rehabilitation & Resettlement Act, 2013, the State Government do hereby withdraw an area of **Ac.0.15 dec.** as per the land schedule attached herewith from acquisition of land in Village- **Singada**, P.S.- Raruan No.164, Tahasil- Sukruli, District- Mayurbhanj covered by Revenue & DM Department Notification No. 33767 dated 01.10.2022 published in the extraordinary issue of the Odisha Gazette No.3365 dated 01.12.2022 for construction of Singada Tail Minor under Deo Irrigation Project of which possession has not been taken.

**Additional land schedule for withdrawal of land for Tail Minor of right main distributary of Deo Irrigation Project**

ମୌଜା- ଶିଙ୍ଗଡା, ଥାନା- ରରୁଆଁ ନଂ- ୧୬୪, ତହସିଲ- ଶୁକୁଳି, ଜିଲ୍ଲା- ମୟୂରଭଞ୍ଜ

| କ୍ରମିକ ନଂ | ଖାତା ନଂ | ପ୍ଲଟ ନଂ | ମୋଟ ରକବା | ଅଧିଗୃହୀତ ରକବା | କିସମ | ରୟତ ଙ୍କ ନାମ |
|---|---|---|---|---|---|---|
| ୧ | ୫୮ | ୧୯୮୩ | ୦.୯୯ | ୦.୧୫ | ଶାରଦ ଏକ | ତୁଳସୀ କୋହ୍ଲ, ସମାରୀ କୋହ୍ଲ, ପି- ମାଣ୍ଡାଇ କୋହ୍ଲ, ଲେମ୍ବ କୋହ୍ଲ, ସ୍ୱା- ମାଣ୍ଡାଇ କୋହ୍ଲ, ଜା- କୋହ୍ଲ, ବା- ବିନ୍ଦୁସାହି, ରମେଶ ପୂର୍ତ୍ତି, ପି-ନାରଙ୍ଗ ପୂର୍ତ୍ତି, ବା-ସିଙ୍ଗଡା |
| ମୋଟ | | ୧ ଗୋଟି | ଏ ୦.୯୯ | ଏ ୦.୧୫ | | |

By order of the Governor
Suranjan Pradhan
Additional Secretary to Government
OIPR-24001/24001/3/26-27/0064

24001/271/2627

**ଓଡ଼ିଶା ସରକାର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**
**ଘୋଷଣା**
**No. RDM-LAA-BLS-0010-2024-12613 R&DM, Dated: 24.03.2026**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, ୨୦୧୩)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨ (୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ଲଛମନ ଖୁଣ୍ଟା (ଅତିରିକ୍ତ), ଥାନା- ବସ୍ତା, ସଦର ନଂ. ୧୪୬, ତହସିଲ-ବସ୍ତା, ଜିଲ୍ଲା- ବାଲେଶ୍ୱରରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ହରିପୁର ଡିଷ୍ଟ୍ରିବ୍ୟୁଟାରୀ, କୁରା ମାଇନର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, ୨୦୧୩)ର ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା. ୫୧୫ ତା. ୦୪.୦୧.୨୦୨୫ ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ, ଏହା ଘୋଷଣା କରାଯାଉଅଛି ଯେ ଲଛମନ ଖୁଣ୍ଟା (ଅତିରିକ୍ତ), ଥାନା- ବସ୍ତା, ସଦର ନଂ. ୧୪୬, ତହସିଲ-ବସ୍ତା, ଜିଲ୍ଲା- ବାଲେଶ୍ୱରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ପୁନର୍ବାସ ଓ ଥାଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ବାରିପଦା ସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ- କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)
ଜିଲ୍ଲା: ବାଲେଶ୍ୱର — ତହସିଲ: - ବସ୍ତା

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ୍‌ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଲଛମନଖୁଣ୍ଟା (ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୭.୨୨ | ଏକର ୧.୩୩ | ଏଥି ସହିତ ସଂଲଗ୍ନ |

ତଫସିଲ- ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁ ସୂଚୀ)
ଜିଲ୍ଲା:- ବାଲେଶ୍ୱର — ତହସିଲ: - ବସ୍ତା

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତ୍‌ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୨୧.୦୫.୨୦୨୫ ।

ଭୂମି ଅନୁସୂଚି
ଭୂ ଅର୍ଜନ ମାମଲା ସଂଖ୍ୟା -୨୦/୨୦୨୪
ଏ. ୧.୩୩ ଡି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ହରିପୁର ଡିଷ୍ଟ୍ରିବ୍ୟୁଟାରୀର ଏବଂ କୁରା ମାଇନର
ମୌଜା –ଲଛମନଖୁଣ୍ଟା (ଅତିରିକ୍ତ), ଥାନା –ବସ୍ତା ସଦର ନଂ-୧୪୬ ତହସିଲ- ବସ୍ତା ଜିଲ୍ଲା – ବାଲେଶ୍ୱର

| ଖାତା ନଂ ଓ ସତ୍ୱ | ପ୍ଲଟ ନଂ | କିସମ | ମୋଟ ରକବା | ଆକ୍ୟୁଆର ରକବା | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୨୬୦ | ୫୫୯ | ଜଳାଶୟ ଦୁଇ | ୦.୧୯ | ୦.୦୩ | ଅବଦୁଲ ସତାର ଖାଁ ପି:ବାସତ ଖାଁ ଜା: ମୁସଲମାନ ବା: ନିଜଗାଁ |
| ୨୯୩ | ୭୪୬ | ଚକ | ୩.୫୨ | ୦.୩୯ | ସାହେବୁନ ନିଶା ବିବି ସ୍ୱା:ମହମ୍ମଦ ଅବଦୁଲ ଫାରୁକ ଜା: ମୁସଲମାନ ବା: ନିଜଗାଁ |
| ୩୪୧/୯ | ୭୪୬/୧୧୬୨ | ଚକ | ୧.୫୦ | ୦.୨୨ | ଏମାମି ଖାଁ ପି:ରହେମତ ଖାଁ ଜା: ମୁସଲମାନ ବା: ନିଜଗାଁ |
| ୩୪୧/୧୧ | ୭୪୬/୧୧୫୫ | ଚକ | ୧.୦୧ | ୦.୩୪ | ରସୁଲ ଖାଁ ପି:ଅମୁଦ ଖାଁ ଜା: ମୁସଲମାନ ବା: ଲଛମନଖୁଣ୍ଟା |
| ୩୪୧/୨୩ | ୭୪୬/୧୧୬୧ | ଚକ | ୧.୦୦ | ୦.୩୫ | ଆକବର ଖାନ ପି:ଆସଲାମ ଖାନ ଜା: ମୁସଲମାନ ବା: ନିଜଗାଁ |
| **ମୋଟ** | **୫ ପ୍ଲଟ** | | **ଏ. ୭.୨୨ ଡେ.ମି.** | **ଏ.୧.୩୩ ଡେ.ମି.** | |

ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ
OIPR-24001/24001/3/26-27/0062

# କ୍ରିକେଟ ଜଗତରେ ଶୋକର ଛାୟା : ୩୮ ବର୍ଷ ବୟସରେ ଶେଷ ନିଶ୍ୱାସ ତ୍ୟାଗ କଲେ ପୂର୍ବତନ କିମ୍ବଦନ୍ତୀ ବୋଲର



**ନୂଆଦିଲ୍ଲୀ**

ପୂର୍ବତନ ଆଫଗାନିସ୍ତାନ ଦ୍ରୁତ ବୋଲର ଶାପୁର ଜାଦ୍ରନଙ୍କ ଦେହାନ୍ତ ହୋଇଛି। ସେ ଦୀର୍ଘ ଦିନ ଧରି ଏକ ଗମ୍ଭୀର ରୋଗ ସହିତ ସଂଘର୍ଷ କରୁଥିଲେ ଏବଂ ଭାରତରେ ଚିକିତ୍ସାଧୀନ ଥିଲେ। ଆଫଗାନିସ୍ତାନ କ୍ରିକେଟ ବୋର୍ଡ ମଙ୍ଗଳବାର (୭ ଜୁଲାଇ) ତାଙ୍କ ଦେହାନ୍ତ ଘୋଷଣା କରିଛି।

ବୋର୍ଡ ଲେଖିଛି, 'ଆଫଗାନିସ୍ତାନ ପୂର୍ବତନ ଦ୍ରୁତ ବୋଲର ଶାପୁର ଜାଦ୍ରନଙ୍କ ଦେହାନ୍ତରେ ଆଫଗାନିସ୍ତାନ କ୍ରିକେଟ ବୋର୍ଡ ଗଭୀର ଦୁଃଖ ଏବଂ ଶୋକ ପ୍ରକାଶ କରୁଛି।' ବୋର୍ଡ ଆହୁରି କହିଛି, 'ଶାପୁର ଆଫଗାନିସ୍ତାନ କ୍ରିକେଟର ମୂଳଦୁଆ ପକାଇଥିବା ଅଗ୍ରଣୀମାନଙ୍କ ମଧ୍ୟରୁ ଜଣେ ଥିଲେ। ତାଙ୍କର ସମର୍ପଣ, ଆଗ୍ରହ ଏବଂ ଅଟଳ ପ୍ରତିବଦ୍ଧତା ଆମ ଦେଶରେ କ୍ରୀଡ଼ାର ଉନ୍ନତି ଏବଂ ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା।' ଜାଦ୍ରନ ହେମୋଫାଗୋସାଇଟିକ ଲିମ୍ଫୋହିଷ୍ଟିଓସାଇଟୋସିସ, ଏକ ପ୍ରତିରକ୍ଷା ପ୍ରଣାଳୀ ବ୍ୟାଧିରେ ପୀଡ଼ିତ ଥିଲେ। ସେ ଗତ କିଛି ମାସ ଧରି ଭାରତର ଘରୋଇ ଅଞ୍ଚଳରେ ଚିକିତ୍ସାଧୀନ ଥିଲେ। ରିପୋର୍ଟ ଅନୁଯାୟୀ ସେ ଗ୍ରେଟର ନୋଏଡାର ଏକ ହସ୍ପିଟାଲରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଶାପୁରଙ୍କ ଭାଇ ଘାମାଇ ଜାଦ୍ରନଙ୍କ ଅନୁଯାୟୀ, ଗତ ବର୍ଷ ଅକ୍ଟୋବରରୁ ତାଙ୍କର ଚିକିତ୍ସା ଚାଲିଥିଲା। ଡାକ୍ତରଙ୍କ ପରାମର୍ଶରେ ତାଙ୍କୁ ଉନ୍ନତ ଚିକିତ୍ସା ପାଇଁ ଭାରତ ଅଣାଯାଇଥିଲା। ପ୍ରାୟ ଦୁଇ ମାସ ପୂର୍ବେ, ମେ' ମାସରେ, ଆଫଗାନିସ୍ତାନ ଷ୍ଟାର କ୍ରିକେଟର ରସିଦ ଖାନ ଏବଂ ମହମ୍ମଦ ନବି ତାଙ୍କୁ ପଚାରିବା ପାଇଁ ହସ୍ପିଟାଲ ଆସିଥିଲେ। ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟରରେ, ଶାପୁର ୪୪ଟି ଦିନିକିଆ ଏବଂ ୩୬ଟି ଟି-୨୦ ଆନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ସେ ୪୪ଟି ଦିନିକିଆ ଇନିଂସରେ ୪୩ଟି ୱିକେଟ ନେଇଥିଲେ ଏବଂ ୩୬ଟି ଟି-୨୦ ଆନ୍ତର୍ଜାତୀୟ ଇନିଂସରେ ୩୭ଟି ୱିକେଟ ନେଇଥିଲେ।

# ସିଏମ୍ ବିଜୟ ଚେନ୍ନାଇ 'ଥାଲା'ଙ୍କୁ କଲେ ସ୍ପେଶାଲ ବାର୍ଥଡେ ୱିଶ୍




**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଟିମ୍‌ର ପୂର୍ବତନ ଅଧିନାୟକ ଏମଏସ ଧୋନୀ ମଙ୍ଗଳବାର ନିଜର ୪୫ତମ ଜନ୍ମଦିନ ପାଳନ କରୁଛନ୍ତି। ଏହି ଖାସ୍ ଅବସରରେ ବିଶ୍ୱ ସାରା ବହୁ ଲୋକ ଥାଲାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏବେ ଶୁଭେଚ୍ଛା ଦେଇଥିବା ଲିଷ୍ଟରେ ତାମିଲନାଡୁର ସିଏମ୍ ବିଜୟଙ୍କ ନାଁ ବି ସାମିଲ ହୋଇଯାଇଛି। ସିଏମ୍ ବିଜୟ ଚେନ୍ନାଇ ଥାଲାଙ୍କୁ ଖାସ୍ ଅନ୍ଦାଜରେ ଜନ୍ମଦିନ ୱିଶ୍ କରିଛନ୍ତି। ସିଏମଓ ତାମିଲନାଡୁର ପେଜରେ ଧୋନୀଙ୍କ ବାର୍ଥଡେକୁ ନେଇ ଏକ ପୋଷ୍ଟ ସେୟାର କରିଛନ୍ତି। ଏଥିରେ ଲେଖିଛନ୍ତି କି, ଆପଣଙ୍କ ନାମ ପ୍ରତିଧ୍ୱନିତ କରୁଥିବା ପ୍ରତ୍ୟେକ ସହରଠାରୁ ଆରମ୍ଭ କରି ତୁମେ ପ୍ରେରଣା ଦେଇଥିବା ଅଗଣିତ ଲୋକଙ୍କୁ, ତୁମର ଯାତ୍ରା ତାମିଲନାଡୁର କ୍ରୀଡ଼ା-ଆଗ୍ରହର ଏକ ମୂଲ୍ୟବାନ ଅଂଶ ପାଲଟିଛି ! ସେ ଆଗକୁ ଲେଖିଛନ୍ତି କି, 'ଆମ କ୍ୟାପଟେନ କୁଲ' ମହେନ୍ଦ୍ର ସିଂହ ଧୋନୀଙ୍କୁ ଜନ୍ମଦିନର ଶୁଭେଚ୍ଛା ! ଆପଣଙ୍କ ଅସାଧାରଣ କ୍ରିକେଟ ଐତିହ୍ୟ, ଶାନ୍ତ ଲିଡରଶିପ୍ ଏବଂ ବିନମ୍ର ସ୍ୱଭାବ ଲୋକଙ୍କୁ ପ୍ରେରିତ କରିବା ଜାରି ରଖିଛି। ଆପଣଙ୍କ ଭଲ ସ୍ୱାସ୍ଥ୍ୟ, ଖୁସି ଏବଂ ଆଗାମୀ ଯାତ୍ରା ପାଇଁ ସଫଳତାର କାମନା କରୁଛି। ଆପଣଙ୍କ ଲାଗି ବାଜୁଥିବା ସିଟି ଆହୁରି ଦ୍ରୁତ ହେଉ।

13001/1105/2627

**KATAKA MUNICIPAL CORPORATION**
**"e" PROCUREMENT NOTICE**
**Tender ID : 2026_ORULB_133648**
**Bid Reference No. MC(KMC)KTC_Div-II_No.16/2026-27**
**Tender Call Notice No. 7040 (PW) Date. 07.07.2026**

Name of Works : Civil Works
No of Works : 02 Nos
Bid Value : Rs. 6.27 Lakh to Rs. 8.69
Date of Completion : One Calendar Month to Three Calendar Months
Date and Time schedule :

| Start | End | Opening |
|---|---|---|
| 3.00 PM on dt. 08.07.2026 | 5.00 PM on dt.18.07.2026 | 11.00 A.M. on dt. 22.07.2026 |

Tender Details : can be seen from the procurement portal : www.tendersorissa.gov.in

**Executive Engineer, City Div-II**
**OIPR-13001/13031/1/26-27/0049**

24001/265/2627

**ଓଡ଼ିଶା ସରକାର**
**ରାୟଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ**
**ଅଧିସୂଚନା**

ନଂ.-୮୯୩ — ତା.: ୨୫.୦୬.୨୦୨୬ ରିଖ

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ରାୟଗଡ଼ ଜିଲ୍ଲାର ରାଣ୍ଡିକଣା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା- ବଡ଼ାପଡ଼ି, ଥାନା- ଚାନ୍ଦିଲି, ତହସିଲ- କୋଲନରା, ଜିଲ୍ଲା- ରାୟଗଡ଼ରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୦.୦୮ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ରାୟଗଡ଼ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ :- ରାଣ୍ଡିକଣା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ :- ନିର୍ବାହୀ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ :- ଏହି ପ୍ରକଳ୍ପ ଦ୍ୱାରା କୌଣସି ଲୋକ ବିସ୍ଥାପିତ ହେବା ଆବଶ୍ୟକ ହେଉନାହିଁ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ :- ଉକ୍ତ ପ୍ରକଳ୍ପ ପାଇଁ SIA STUDY VIDE NO.SIA- ୨୫୭/ NCDS ତା.୧୬.୦୮.୨୦୨୫ ରିଖ ଦ୍ରଷ୍ଟବ୍ୟ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ:- ପ୍ରକଳ୍ପ ପ୍ରଶାସକ, ପୁନର୍ବାସ ଓ ଥଇଥାନ (R&R), ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ରାୟଗଡ଼।
୬. ଜମିର ବିବରଣୀ:-

| କ୍ର. ନଂ | ଗ୍ରାମର ନାମ | ଗ୍ରାମ ପଞ୍ଚାୟତର ନାମ | ତହସିଲ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ମୋଟ ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧ | ବଡାପାଡ଼ି | ଗାଡିଶେଷଖାଲ | କୋଲନରା | ଗ୍ରାମାଞ୍ଚଳ | ଏଥିସହ ସଂଲଗ୍ନ ଅଛି | ଏଥିସହ ସଂଲଗ୍ନ ଅଛି | ଏଥିସହ ସଂଲଗ୍ନ ଅଛି | ଏ.୨.୬୬ | ଏ. ୦.୦୮ | ଏଥିସହ ସଂଲଗ୍ନ ଅଛି |

ଉକ୍ତ ଭୂମିର ଏକ ନକ୍ସା ତହସିଲଦାର ତଥା ଭୂ-ଅର୍ଜନ ଅଧିକାରୀ, କୋଲନରାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ରାୟଗଡ଼ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସ୍ୱା/- ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ, ରାୟଗଡ଼

**ଭୂମି ଅଧିଗ୍ରହଣ ଅନୁସୂଚୀ**
ମୌଜା- ବଡ଼ାପଡ଼ି (ଗ୍ରାମାଞ୍ଚଳ), ତହସିଲ- କୋଲନରା, ଥାନା- ଚାନ୍ଦିଲି, ଥାନା ନଂ.୧, ଜିଲ୍ଲା-ରାୟଗଡ଼
ରାଣ୍ଡିକଣା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିମନ୍ତେ

| ଖାତା ନଂ. | ସତ୍ତ୍ୱ | କିସମ | ପ୍ଲଟ ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | ରୟତଙ୍କ ନାମ ପିତାଙ୍କ ନାମ/ସ୍ୱାମୀଙ୍କ ନାମ |
|---|---|---|---|---|---|---|
| ୧୫/୪୦ | ରୟତି | ଡଙ୍ଗର ଏକ | ୧୭୨ | ୧.୦୪ | ୦.୦୩ | କମଳି କଣ୍ଡାଗରୀ ସ୍ୱା- ଡୁମ୍ବୁରି କଣ୍ଡାଗରୀ, କେମଶରାଓ କଣ୍ଡାଗରୀ, ବିପିନ କଣ୍ଡାଗରୀ, ଅଞ୍ଜ କଣ୍ଡାଗରୀ, ନୀଳିମା କଣ୍ଡାଗରୀ, ଅରାଲୁ କଣ୍ଡାଗରୀ ପି- ଡୁମ୍ବୁରି କଣ୍ଡାଗରୀ, ଜା-କନ୍ଧ, ବା- ବଡାପାଡି |
| ୭ | ରୟତି | ଡଙ୍ଗର ଏକ | ୧୭୪ | ୦.୫୦ | ୦.୦୨ | ନାନ୍ଦୁ କଣ୍ଡାଗରୀ, ହୁଇକା ସୀତାଇ, ପି- କଣ୍ଡାଗରୀ ମାଣି, ଜା-କନ୍ଧ, ବା- ନିଜ ଗାଁ |
| ୧୨ | ରୟତି | ଡଙ୍ଗର ଏକ | ୧୭୫ | ୧.୧୨ | ୦.୦୩ | କମଳା ମିଣିଆକା ସ୍ୱା- ମିଣିଆକା ହରିନନ୍ଦ, ଜଇ ମିଣିଆକା, ପ୍ରଶାନ୍ତ ମିଣିଆକା, ଜଗେଶ ମିଣିଆକା, ଇନ୍ଦ୍ର ମିଣିଆକା, ରଶ୍ମୀ ମିଣିଆକା ପି – ମିଣିଆକା ହରିନନ୍ଦ, ଜା – କନ୍ଧ, ବା- ନିଜ ଗାଁ |
| ମୋଟ | | | | ୨.୬୬ | ୦.୦୮ | |

ସ୍ୱା/- ତହସିଲଦାର ତଥା ଭୂ-ଅର୍ଜନ ଅଧିକାରୀ,
କୋଲନରା, ଜିଲ୍ଲା- ରାୟଗଡ଼
OIPR-24001/24365/3/26-27/0001

13001/1059/2627

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨
**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡ଼ାନାସୀ, କଟକ (ମର୍କତ ନଗର) ସେକ୍ଟର-୮ରେ ପ୍ଲଟ୍ ନଂ-2F/337 ଟିକୁ ଶ୍ରୀ ରାଜାରାମ ପରିଡ଼ା, ପିତା- ଶ୍ରୀ ସ୍ୱର୍ଗତ ମୂଷା ପରିଡ଼ା, ସା-ଲେଙ୍କାତୋଟା, ପୋ- ଅନନ୍ତପୁର, ଥା-ସୋରୋ, ଜିଲ୍ଲା-ବାଲେଶ୍ୱର, ରାଜ୍ୟ- ଓଡ଼ିଶାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ରାଜାରାମ ପରିଡ଼ାଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ର ଶ୍ରୀ ପ୍ରଶାନ୍ତ କୁମାର ପରିଡ଼ା, ପିତା-ସ୍ୱର୍ଗତ ରାଜାରାମ ପରିଡ଼ା, ସା-ପ୍ଲଟ୍ ନଂ-2F/337, ସେକ୍ଟର-୮, ପୋ- ମର୍କତ ନଗର, ଥା-ମର୍କତ ନଗର, ଜି-କଟକ, ପିନ୍-୭୫୩୦୧୪, ରାଜ୍ୟ-ଓଡ଼ିଶା ଉକ୍ତ ପ୍ଲଟ୍‌ଟିକୁ ଉତ୍ତରାଧିକାର ସୂତ୍ରରେ ତାଙ୍କ ନିଜ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

OIPR13001/13037/1/26-27/0064 — ସ୍ୱା/- ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ୍)

32 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୦୮ ଜୁଲାଇ ୨୦୨୬ ବୁଧବାର





# ରଥଯାତ୍ରା ସୁରକ୍ଷା ବ୍ୟବସ୍ଥା ନେଇ ଡିଜିପିଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ସମନ୍ୱୟ ବୈଠକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆସନ୍ତା ଜୁଲାଇ ୧୬ରେ ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା-୨୦୨୬ ଅନୁଷ୍ଠିତ ହେବାକୁ ଯାଉଛି । ଏହାକୁ ସୁରକ୍ଷିତ, ଶୃଙ୍ଖଳିତ, ତ୍ରୁଟିଶୂନ୍ୟ ଏବଂ ବିଭିନ୍ନ ସୁରକ୍ଷା ସଂସ୍ଥା ମଧ୍ୟରେ ସମନ୍ୱୟକୁ ଆହୁରି ସୁଦୃଢ଼ କରିବା ନିମନ୍ତେ ମଙ୍ଗଳବାର ଅପରାହ୍ନରେ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାଜ୍ୟ ପୁଲିସର ବରିଷ୍ଠ ଅଧିକାରୀମାନଙ୍କ ସହିତ କେନ୍ଦ୍ରୀୟ ରିଜର୍ଭ ପୁଲିସ ବଳ, ସୀମା ସୁରକ୍ଷା ବଳ , ରେଳ ସୁରକ୍ଷା ବଳ , ଭାରତୀୟ ତଟରକ୍ଷୀ ବାହିନୀ ଭଳି ଗୁରୁତ୍ୱପୂର୍ଣ୍ଣ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ରଥଯାତ୍ରାର ସମସ୍ତ ସୁରକ୍ଷା ପ୍ରସଙ୍ଗ ଉପରେ ବିସ୍ତୃତ ସମୀକ୍ଷା କରିଥିଲେ । ରଥଯାତ୍ରା ସମୟରେ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ, ଏନଏସଜି ଟିମ୍ ଏବଂ ଏନଏସଜି କ୍ୱିକ୍ ରେସପନ୍ସ ଟିମ୍ ଗୁଡ଼ିକର ମୁତୟନ ଓ ରଣନୀତି ଉପରେ ବିସ୍ତୃତ ଆଲୋଚନା କରାଯାଇଛି । ଚଳିତ ବର୍ଷ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଓଡ଼ିଶା ପୋଲିସ, ରେଳ ସୁରକ୍ଷା ବଳ ଏବଂ ଭାରତୀୟ ତଟରକ୍ଷୀ ବାହିନୀ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି ମିଳିତ ଭାବେ କାର୍ଯ୍ୟ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସହ ଜଳ, ସ୍ଥଳ ଏବଂ ଆକାଶମାର୍ଗରୁ ନଜର ରଖିବା, ଜନଗହଳି ନିୟନ୍ତ୍ରଣ, ଟ୍ରାଫିକ ପରିଚାଳନା ଏବଂ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ନେଇ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି । ଏହା ସହ ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣର ମୁକାବିଲା ନିମନ୍ତେ ସମୁଦ୍ର ମଧ୍ୟରେ ଭାରତୀୟ ନୌସେନା, ଭାରତୀୟ ତଟରକ୍ଷୀ ଓ ଓଡ଼ିଶା ପୋଲିସ ସାମୁଦ୍ରିକ ଥାନାର ମିଳିତ ପାଟ୍ରୋଲିଂ ବ୍ୟବସ୍ଥା ସହ ଜାହାଜରେ କ୍ୟୁଆରଟି ମୁତୟନ, ଆକାଶ ମାର୍ଗରୁ ଆକ୍ରମଣକୁ ପ୍ରତିହତ କରିବା ନିମନ୍ତେ ଡ୍ରୋନ ଏଂ ଆଂଟି ଡ୍ରୋନ ସିଷ୍ଟମର ବ୍ୟବସ୍ଥା କରା ଯାଇଛି । ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଆଣ୍ଟି-ସାବୋଟାଜ୍ ଯାଞ୍ଚକୁ କଡ଼ାକଡ଼ି କରାଯିବା ସହ ସନ୍ଦେହଜନକ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖାଯିବ । ଆକାଶମାର୍ଗରୁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ନିଶ୍ଚିତ କରିବା ପାଇଁ ଅତ୍ୟାଧୁନିକ ଆଣ୍ଟି-ଡ୍ରୋନ୍ ସିଷ୍ଟମ୍ ମୁତୟନ କରାଯିବ, ଯାହା ଦ୍ୱାରା ବେଆଇନ ଡ୍ରୋନ୍ ଉଡ଼ାଣ ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଯାଇପାରିବ । ଏହାସହ ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ସଫଳ ମୁକାବିଲା ପାଇଁ ବୋମା ନିଷ୍କ୍ରିୟକାରୀ ଦଳ ବା ବମ୍ ଡିସପୋଜାଲ୍ ସ୍କ୍ୱାଡ୍ ଏବଂ ସ୍ନିଫର୍ ଡଗ୍ ଟିମ୍‌କୁ ସର୍ବଦା ହାଇ-ଆଲର୍ଟରେ ରଖାଯିବା ନେଇ ବୈଠକରେ ରଣନୀତି ପ୍ରସ୍ତୁତ କରାଯାଇଛି । ଏହାସହ ମନ୍ଦିର ନିକଟରେ ରକ୍ଷକ ଯାନ ମୁତୟନ, କ-୯ ସ୍କ୍ୱାଡ୍ ନିୟୋଜନ, ଏନଏସଜି ତାଲିମପ୍ରାପ୍ତ ଏସଓଜି ଟିମ ମୁତୟନ, ଏସଟିଏଫ ଟିମ ନିୟୋଜିତ, ଦଳାଚକଟା ପରି ପରିସ୍ଥିତିକୁ ଏଡାଇବା ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା, ପୋଲିସ ଫୋର୍ସଙ୍କ ରହଣି ପାଇଁ ଆବଶ୍ୟକ ସୁବିଧା, ଶୃଙ୍ଖଳିତ ରଥଟଣା, ବ୍ୟାରିକେଡ୍ ବ୍ୟବସ୍ଥା, ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ରଖି ଆଶୁ ସମସ୍ୟାର ସମାଧାନ ଏବଂ ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ନେଇ ଡିଜିପି ବିସ୍ତୃତ ଆଲୋଚନା କରିଥିଲେ । ରଥଯାତ୍ରା ସମୟରେ ଅପରାଧ ନିୟନ୍ତ୍ରଣ ଓ ଯାତ୍ରୀ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦିଆଯାଇଛି ।

ଚଳନ୍ତା ଟ୍ରେନ୍ ଓ ଷ୍ଟେସନଗୁଡ଼ିକରେ ପକେଟ୍‌ମାର, ଚୋରି ଓ ଲୁଟ୍‌ପାଟ୍ କରୁଥିବା ଅଭ୍ୟାସଗତ ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି । ସେମାନଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ଚିହ୍ନଟ ଅପରାଧୀଙ୍କ ଫଟୋ ବିଭିନ୍ନ ପ୍ରମୁଖ ସର୍ବସାଧାରଣ ସ୍ଥାନ, ରେଳ ଷ୍ଟେସନ ଓ ରେଳବାଇ ଥାନା ସମ୍ମୁଖରେ ପ୍ରଦର୍ଶନ କରାଯିବ ଏବଂ ଏହି ସମସ୍ତ ଫଟୋଗ୍ରାଫ୍ ଆରପିଏଫ୍ ( ମଧ୍ୟ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପୁରୀ ସହରରେ ଅପରାଧ ନିୟନ୍ତ୍ରଣ ପାଇଁ ସମସ୍ତ ଥାନା ଅଞ୍ଚଳରେ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି । ବିଶେଷ କରି ହୋଟେଲ, ଲଜ, ମଠ, ମନ୍ଦିର, ବସ ଷ୍ଟାଣ୍ଡ, ରେଳ ଷ୍ଟେସନ, ଶ୍ରମିକଙ୍କ ରହଣି ସ୍ଥଳ, ଧର୍ମଶାଳା ଆଦି ସ୍ଥାନ ଗୁଡିକରେ ତନ୍ନ ତନ୍ନ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଡିଜିପି ଶ୍ରୀ ଖୁରାନିଆ ରଥଯାତ୍ରା ସମୟରେ ସମସ୍ତ ସୁରକ୍ଷା ଓ ପରିଚାଳନା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ତୃଣମୂଳ ସ୍ତରରୁ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । କୌଣସି ପରିସ୍ଥିତିରେ ଯେପରି ତ୍ରୁଟିବିଚ୍ୟୁତି ନ ଘଟେ, ସେଥିପାଇଁ ପ୍ରତ୍ୟେକ ବ୍ୟବସ୍ଥା ଉପରେ ସ୍ୱତନ୍ତ୍ର ନଜର ରଖିବାକୁ ସେ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ଗୁଇନ୍ଦା ନିର୍ଦ୍ଦେଶକ ଆର. ପି. କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ଆଧୁନିକୀକରଣ) ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ଅତିରିକ୍ତ ନିର୍ଦ୍ଦେଶକ (ଏସଆଇବି) ରାଜେଶ ସୁବର୍ଣ୍ଣ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ରେଳବାଇ ଓ ଉପକୂଳ ସୁରକ୍ଷା) ଅରୁଣ ବୋଥ୍ରା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରକୃତି ବନ୍ଧୁ ସମ୍ମାନରେ ସମ୍ମାନିତ ହେଲେ ଅଭିରାମ ସରସ୍ୱତୀ

## ପରିବେଶର ସୁରକ୍ଷା ପାଇଁ ସମସ୍ତେ ଉଦ୍ୟମ କରନ୍ତୁ- ବାବା

**ଓଡ଼ିଶା ଲିଡ୍ସ(ବ୍ୟୁରୋ):**

ପ୍ରକୃତି ବନ୍ଧୁ ସମ୍ମାନରେ ସମ୍ମାନିତ ହୋଇଛନ୍ତି ପ୍ରଖ୍ୟାତ ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ । ଆଧ୍ୟାତ୍ମିକ ଦର୍ଶନ ସହିତ ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ ଜରୁରୀ ବୋଲି ପରାମର୍ଶ ଦେବା ସହିତ ଲକ୍ଷ ଲକ୍ଷ ବୃକ୍ଷରୋପଣ କରି ଭିନ୍ନ ପରିଚୟ ସୃଷ୍ଟି କରିଛନ୍ତି ଅଭିରାମ ସରସ୍ୱତୀ । ନିକଟରେ ପ୍ରାଚୀ ନଦୀର ପୁନରୁଦ୍ଧାର କରିବା ସହିତ ନଦୀ କୂଳରେ ଲକ୍ଷାଧିକ ବୃକ୍ଷ ରୋପଣ କାର୍ଯ୍ୟ ମଧ୍ୟ ଆରମ୍ଭ କରିଛନ୍ତି । ପରିବେଶ ସୁରକ୍ଷା ପାଇଁ ତାଙ୍କର ଏହି ଅତୁଳନୀୟ ଅବଦାନ ପାଇଁ ତାଙ୍କୁ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପ୍ରକୃତି ବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଛି । କଟକ ବନାଞ୍ଚଳ ପକ୍ଷରୁ ଗତକାଲି ଆୟୋଜିତ ହୋଇଥିଲା ୭୭ ତମ ଜିଲ୍ଲା ସ୍ତରୀୟ ବନ ମହୋତ୍ସବ ଉତ୍ସବ । ଉକ୍ତ ଉତ୍ସବ ଚୌଦ୍ୱାର ବାଣୀପଦା ସ୍ଥିତ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ବିଦ୍ୟାପୀଠ ଠାରେ ଆୟୋଜିତ




ହୋଇଥିଲା । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୌଭିକ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ, କଟକ ବନଖଣ୍ଡ ଅଧିକାରୀ ଅନୀଲ କୁମାର ରାୟ ପ୍ରମୁଖ ଯୋଗଦାନ କରି ଅଭିରାମ ସରସ୍ୱତୀଙ୍କୁ ପ୍ରକୃତି ବନ୍ଧୁ ସମ୍ମାନରେ ସମ୍ମାନିତ କରିଥିଲେ । ଅତିଥି ମାନେ ସନ୍ଥ ଅଭିରାମ ସରସ୍ୱତୀଙ୍କ ପରିବେଶ ସୁରକ୍ଷା ପାଇଁ ନିରବଚ୍ଛିନ୍ନ ଉଦ୍ୟମକୁ ପ୍ରଶଂସା କରିବା ସହିତ ଆଜିର ସମାଜ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ପରିବେଶ ସୁରକ୍ଷା ପାଇଁ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ । ନିଜ ବକ୍ତବ୍ୟରେ ଶ୍ରୀ ସରସ୍ୱତୀ କହିଥିଲେ ମଣିଷ ପାଇଁ ଖାଦ୍ୟ, ବସ୍ତ୍ର ଓ ବାସଗୃହ ଭଳି ପରିବେଶ ସୁରକ୍ଷା କରିବା, ବୃକ୍ଷ ରୋପଣ କରିବା ମଧ୍ୟ ପ୍ରାଥମିକତା । ପରିବେଶ ସୁରକ୍ଷାରେ ବ୍ୟତିକ୍ରମ ଯୋଗୁ ଆଜି ବିଭିନ୍ନ ସମୟରେ ପ୍ରାକୃତିକ ଦୁର୍ବିପାକ ମାନ ଘଟି ଚାଲିଛି । ଯାହା ମାନବ ସମାଜ ପାଇଁ ଚିନ୍ତାର ବିଷୟ ହୋଇଛି ।ସମସ୍ତେ ନିଜ ନିଜ ଅଞ୍ଚଳର ପରିବେଶକୁ ସୁରକ୍ଷିତ ରଖିବା ଜରୁରୀ । ନିଜ ଅଞ୍ଚଳର ପରିବେଶ ସୁରକ୍ଷିତ ରଖିଲେ ରାଜ୍ୟ ଓ ଦେଶର ପରିବେଶରେ ବ୍ୟାପକ ପରିବର୍ତ୍ତନ ସାଧିତ ହୋଇ ପାରିବ । ସମସ୍ତେ ବୃକ୍ଷ ରୋପଣ ପ୍ରତି ପ୍ରତିଶ୍ରୁତି ବଦ୍ଧ ହେବା ଜରୁରୀ । ଏହି ଅବସରରେ ତାଙ୍କୁ ମାନପତ୍ର ସହିତ ଦଶ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ଅନ୍ୟପକ୍ଷରେ ପ୍ରକୃତି ବନ୍ଧୁ ସମ୍ମାନରେ ସମ୍ମାନିତ ହେବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି ।

# ଆଦିତ୍ୟ ଆଲୁମିନିୟମ୍‌ରେ ବ୍ୟାପକ ଜନ ସହଭାଗିତାରେ ପାଳିତ ହେଲା ବନ ମହୋତ୍ସବ-୨୦୨୬

**ସମ୍ବଲପୁର ନ୍ୟୁଜ୍ ବ୍ୟୁରୋ**

ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ଏକ ୟୁନିଟ୍ ଆଦିତ୍ୟ ଆଲୁମିନିୟମ ପକ୍ଷରୁ ବନ ମହୋତ୍ସବ-୨୦୨୬ ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କମ୍ପାନୀର କର୍ମଚାରୀ, ବରିଷ୍ଠ ପରିଚାଳନା କର୍ତ୍ତୃପକ୍ଷ, ହିତାଧିକାରୀ, ଲେଡିଜ୍ କ୍ଲବ୍‌ର ସଦସ୍ୟା, ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଟାଉନସିପ୍‌ର ବାସିନ୍ଦାମାନେ ଉତ୍ସାହର ସହ ଯୋଗଦେଇଥିଲେ । ସପ୍ତାହବ୍ୟାପୀ ଏହି ସବୁଜ ଅଭିଯାନର ଅଂଶସ୍ୱରୂପ କାରଖାନା ପରିସର ଏବଂ ସଂଲଗ୍ନ ଟାଉନସିପ୍ ଅଞ୍ଚଳରେ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହାର ମୂଳ ଉଦ୍ଦେଶ୍ୟ ଥିଲା ପରିବେଶ ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ଓ ଅଞ୍ଚଳର ସବୁଜିମାକୁ ସୁଦୃଢ଼ କରିବା । ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ମୁଖ୍ୟ ପରିଚାଳକ ଜଗନ୍ନାଥ ପ୍ରସାଦ ନାୟକ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ସିପିପି ପ୍ଲାଣ୍ଟ ମୁଖ୍ୟ ଗୁଲଶନ ତିୱାରୀ, ମାନବ ସମ୍ବଳ ମୁଖ୍ୟ ବିନୋଦା ନନ୍ଦ ଠାକୁର, ପରିବେଶ ବିଭାଗ ମୁଖ୍ୟ ଲଳିତ ଚରଣ ଏବଂ ଉଦ୍ୟାନ ବିଭାଗ ମୁଖ୍ୟ ଶ୍ୟାମଳେନ୍ଦୁ ମହାପାତ୍ର ଉପସ୍ଥିତ ଥିଲେ । ଉପସ୍ଥିତ ଅତିଥିମାନେ ତାଙ୍କ ବକ୍ତବ୍ୟରେ ଜଳବାୟୁ ପରିବର୍ତ୍ତନର ମୁକାବିଲା, ଜୈବ ବିବିଧତାର ସଂରକ୍ଷଣ, ବାୟୁର ଗୁଣବତ୍ତାର ଉନ୍ନତି ଏବଂ ଭବିଷ୍ୟତ ପିଢ଼ି ପାଇଁ ପରିବେଶୀୟ ସନ୍ତୁଳନ ରକ୍ଷାରେ ବୃକ୍ଷରୋପଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଏହି ଅଭିଯାନ ଅନ୍ତର୍ଗତ କାରଖାନା ଓ ଟାଉନସିପ୍‌ର ବିଭିନ୍ନ ସ୍ଥାନରେ ପ୍ରାୟ ୧,୬୦୦ଟି ଦେଶୀ ଏବଂ ପରିବେଶ ଅନୁକୂଳ ବୃକ୍ଷ ଚାରା ରୋପଣ କରାଯାଇଥିଲା । ସମସ୍ତ ବୟସ ବର୍ଗର ଲୋକଙ୍କ ସକ୍ରିୟ ଅଂଶଗ୍ରହଣ ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲା ଏବଂ ଏକ ସବୁଜ, ସୁସ୍ଥ ଓ ପରିବେଶ ଅନୁକୂଳ ସମାଜ ଗଠନ ପ୍ରତି ସମସ୍ତଙ୍କ ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା । ଏହି ଅବସରରେ ପରିଚାଳନା କର୍ତ୍ତୃପକ୍ଷ କହିଥିଲେ ଯେ, ଆଜି ଲଗାଯାଇଥିବା ପ୍ରତ୍ୟେକ ବୃକ୍ଷ ଆଗାମୀ ପିଢ଼ି ପାଇଁ ଏକ ସ୍ଥାୟୀ ଓ ସୁରକ୍ଷିତ ଭବିଷ୍ୟତରେ ବିନିଯୋଗ ସଦୃଶ । ସେମାନେ ପରିବେଶ ସଂରକ୍ଷଣ, ସ୍ଥାୟୀ ବିକାଶ ଏବଂ ପରିବେଶ ପ୍ରତି ଦାୟିତ୍ୱବୋଧ କ୍ଷେତ୍ରରେ ଆଦିତ୍ୟ ଆଲୁମିନିୟମ୍‌ର ଦୃଢ଼ ପ୍ରତିବଦ୍ଧତାକୁ ପୁନର୍ବ୍ୟକ୍ତ କରିଥିଲେ । ବନ ମହୋତ୍ସବ-୨୦୨୬ର ସଫଳ ଆୟୋଜନ ମାଧ୍ୟମରେ ଆଦିତ୍ୟ ଆଲୁମିନିୟମ୍ ପୁଣିଥରେ ସବୁଜ ବଳୟର ବିକାଶ, ପରିବେଶ ସ୍ଥିରତା ଓ ସମୁଦାୟର କଲ୍ୟାଣ ପ୍ରତି ନିଜର ଅତୁଟ ପ୍ରତିବଦ୍ଧତାର ପରିଚୟ ଦେଇଛି । ଏହି ପଦକ୍ଷେପ ସମସ୍ତଙ୍କ ମଧ୍ୟରେ ଏକ ପରିଷ୍କାର, ସବୁଜ ଓ ସ୍ଥାୟୀ ଭବିଷ୍ୟତ ଗଠନ ପାଇଁ ସାମୂହିକ ଦାୟିତ୍ୱବୋଧକୁ ଆହୁରି ସୁଦୃଢ଼ କରିଛି ।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିକାଶ ଓ ପରିବେଶ...

ସାମିଲ କରାଯାଇଛି । ରାଜ୍ୟର ଅନ୍ୟାନ୍ୟ ପ୍ରମୁଖ ପଦକ୍ଷେପ ବାବଦରେ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କାମ୍ପା ଯୋଜନାରେ ଆସନ୍ତା ବର୍ଷ ପାଇଁ ୨୦,୫୬୨ ହେକ୍ଟରରୁ ଅଧିକ ଜଙ୍ଗଲ ଜମିରେ ବୃକ୍ଷରୋପଣର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଜାପାନ ଆନ୍ତର୍ଜାତୀୟ ସଂସ୍ଥାର ସହାୟତାରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ମାଧ୍ୟମରେ ୧,୨୧୦ଟି ବନସୁରକ୍ଷା ସମିତିକୁ ସାମିଲ କରାଯାଉଛି । ଉପକୂଳ ଅଞ୍ଚଳର ସୁରକ୍ଷା ପାଇଁ କେନ୍ଦ୍ର ସରକାରଙ୍କ 'ମିଷ୍ଟି' ଯୋଜନାରେ ୮୯ ହେକ୍ଟର ଅଞ୍ଚଳରେ ହେନ୍ତାଳ ବନ ସୃଷ୍ଟି ଏବଂ 'ଇସିଆରଆଇସିସି' ଯୋଜନାରେ ୨,୪୦୫ ହେକ୍ଟର ଲୁଣା ଜଙ୍ଗଲର ପୁନରୁଦ୍ଧାର କରାଯାଉଛି । ଏହା ସହିତ ବଜ୍ରପାତରୁ ରକ୍ଷା ପାଇବା ପାଇଁ ଗତ ଆର୍ଥିକ ବର୍ଷରେ ୧୭.୯୦ ଲକ୍ଷ ତାଳ ଚାରା ରୋପଣ କରାଯାଇଛି । ଚଳିତ ଜୁଲାଇ ୧ ତାରିଖରୁ କେନ୍ଦ୍ର ଓ ରାଜ୍ୟର ମିଳିତ ସହଯୋଗରେ ଏକ ନୂତନ ଯୋଜନା 'ବିକଶିତ ଭାରତ – ରୋଜଗାର ଗ୍ୟାରେଣ୍ଟି ଏବଂ ଆଜୀବିକା ମିଶନ (ଗ୍ରାମୀଣ)' କାର୍ଯ୍ୟକାରୀ ହୋଇଛି, ଯାହା ବୃକ୍ଷରୋପଣ ସହ ଲୋକଙ୍କୁ ରୋଜଗାରକ୍ଷମ କରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଏକ ପେଡ୍ ମା କେ ନାମ' ଅଭିଯାନକୁ ଓଡ଼ିଶାବାସୀ ଏକ ଜନ ଆନ୍ଦୋଳନରେ ପରିଣତ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି । ଗତ ବର୍ଷ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିବସରେ ଓଡ଼ିଶାରେ ଗୋଟିଏ ଦିନରେ ୧ କୋଟି ୪୯ ଲକ୍ଷ ଚାରା ରୋପଣ କରାଯାଇଥିଲା ଏବଂ 'ମେରୀ ଲାଇଫ୍' ପୋର୍ଟାଲରେ ୮ କୋଟି ୧୨ ଲକ୍ଷ ବୃକ୍ଷରୋପଣର ତଥ୍ୟ ଅପଲୋଡ୍ କରାଯାଇଛି । ଚଳିତ ବର୍ଷ ଭାରତ ସରକାରଙ୍କ ପକ୍ଷରୁ ରାଜ୍ୟ ପାଇଁ ୩ କୋଟି ୭୬ ଲକ୍ଷ ବୃକ୍ଷଚାରା ରୋପଣର ଲକ୍ଷ୍ୟ ରହିଛି । ବିକାଶ ଏବଂ ପରିବେଶ ପରସ୍ପରର ବିରୋଧୀ ନୁହଁନ୍ତି, ବରଂ ପରିପୂରକ ବୋଲି ଦର୍ଶାଇ ମୁଖ୍ୟମନ୍ତ୍ରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ପରିବେଶବିତମାନଙ୍କୁ ସରକାରୀ ନିୟମାବଳୀର କଡ଼ାକଡ଼ି ପାଳନ ପାଇଁ ଦାବି କରିବାକୁ ଆହ୍ୱାନ ଦେଇଛନ୍ତି । ଶେଷରେ ସେ ସମସ୍ତ ରାଜ୍ୟବାସୀଙ୍କୁ ବହୁଳ ଭାବେ ଗଛ ଲଗାଇ ଏକ ସୁସ୍ଥ ଓ ସବୁଜ ସୁନ୍ଦର ଓଡ଼ିଶା ଗଠନ କରିବାକୁ ନିବେଦନ କରିଛନ୍ତି । ସମାରୋହରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ବନୀକରଣ କ୍ଷେତ୍ରରେ ଜନଭାଗୀଦାରି ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି । ସେ କହିଛନ୍ତି ଯେ, କେବଳ ସରକାରୀ ସ୍ତରରେ ଯୋଜନା ପ୍ରଣୟନ କଲେ ଜଙ୍ଗଲର ସୁରକ୍ଷା ସମ୍ଭବ ନୁହେଁ, ଏଥିପାଇଁ ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ସମସ୍ତ ନାଗରିକ ଓ ସାମାଜିକ ସଂଗଠନକୁ ଆଗେଇ ଆସିବାକୁ ହେବ । ଏହି ଅବସରରେ ଜଙ୍ଗଲ ସୁରକ୍ଷା ଓ ବନୀକରଣ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁଗୁଳର 'ଜେରେଙ୍ଗ ବୁଧିପାହାଡ଼ ବନ ସୁରକ୍ଷା ସମିତି' ଏବଂ ମୟୂରଭଞ୍ଜର 'ଗୁଡ଼ଗୁଡ଼ିଆ ପରିବେଶ ବିକାଶ ସମିତି (ଇଡିସି)'କୁ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ପୁରସ୍କାର ସ୍ୱରୂପ ୨ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି । ଏହି ସମାରୋହରେ, ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ବିଭାଗୀୟ ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ଏବଂ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଡକ୍ଟର କେ. ମୁରୁଗେଶନଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ, ସାମାଜିକ ସଂଗଠନର ପ୍ରତିନିଧି ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।

## ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କୁ ...

କେବଳ ଶାସ୍ତ୍ର ନିର୍ଦ୍ଦିଷ୍ଟ ତିଥି ଓ ବିଧିବିଧାନ ଅନୁଯାୟୀ ପାଳନ କରାଯିବା ଉଚିତ ।

ସେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଏହି ପ୍ରସଙ୍ଗରେ ଆବଶ୍ୟକ ହସ୍ତକ୍ଷେପ କରି ଶ୍ରୀଜଗନ୍ନାଥଙ୍କ ପରମ୍ପରା, ଧାର୍ମିକ ମର୍ଯ୍ୟାଦା ଏବଂ ପବିତ୍ର ରଥଯାତ୍ରା ଓ ସ୍ନାନଯାତ୍ରାର ଶାସ୍ତ୍ରସମ୍ମତ ସମୟ ପାଳନ ସୁନିଶ୍ଚିତ କରିବାକୁ ଅନୁରୋଧ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଶ୍ରୀଜଗନ୍ନାଥ ମନ୍ଦିରର ପାରମ୍ପରିକ ପ୍ରଥମ ସେବକ ଭାବେ ଗଜପତି ମହାରାଜ ପୂର୍ବରୁ ମଧ୍ୟ ବିଦେଶରେ ଅସମୟରେ ଆୟୋଜିତ ହେଉଥିବା ରଥଯାତ୍ରା ଓ ସ୍ନାନଯାତ୍ରାକୁ ନେଇ ଅନେକ ଥର ଆପତ୍ତି ଉଠାଇଛନ୍ତି । ତାଙ୍କ ମତରେ, ଶ୍ରୀଜଗନ୍ନାଥଙ୍କ ସମସ୍ତ ପ୍ରମୁଖ ଧାର୍ମିକ ନୀତି ଓ ଉତ୍ସବ କେବଳ ପାରମ୍ପରିକ ତିଥି ଏବଂ ଶାସ୍ତ୍ରସମ୍ମତ ବିଧିବିଧାନ ଅନୁଯାୟୀ ପାଳନ କରାଯିବା ଉଚିତ ।

## କେରଳର ୱାୟାନାଡ୍‌ରେ ...

ଅନ୍ୟ ୧୦ ଜଣ ଆହତ ହୋଇଛନ୍ତି । ଅଧିକାରୀମାନେ ଭୟ କରୁଛନ୍ତି ଯେ ଅନେକ ଶ୍ରମିକ ଏବେ ବି ଭଗ୍ନାବଶେଷ ତଳେ ଫସି ରହିଥାଇପାରନ୍ତି । ଏହି ଘଟଣା ପରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆରଏଫ୍), ଅଗ୍ନିଶମ ଏବଂ ଉଦ୍ଧାର ସେବା, ପୋଲିସ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଦଳ ଯୁଦ୍ଧକାଳୀନ ଭିତ୍ତିରେ ରିଲିଫ ଏବଂ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି । ଉଦ୍ଧାରକାରୀ ଦଳ ଏପର୍ଯ୍ୟନ୍ତ ୧୦ ଜଣ ଆହତ ଶ୍ରମିକଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ସ୍ଥାନାନ୍ତର କରିଛନ୍ତି ।

## ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ...

ପ୍ରଦାନ କରାଯାଇଥିବା ଇଣ୍ଡୋନେସିଆର ସର୍ବୋଚ୍ଚ ସମ୍ମାନ ଦୁଇ ଦେଶ ମଧ୍ୟରେ ଗଭୀର ଏବଂ ଅତୁଟ ସମ୍ପର୍କକୁ ପ୍ରତିଫଳିତ କରେ । ଏହି ସମ୍ମାନ ଭାରତ ପାଇଁ ଅତ୍ୟନ୍ତ ଗର୍ବର ବିଷୟ । ଏହି ଗୁରୁତ୍ୱପୂର୍ଣ୍ଣ ସମ୍ମାନ ପରେ ଦୁଇ ବିଶ୍ୱ ନେତାଙ୍କ ମଧ୍ୟରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ଆଲୋଚନା ଫଳରେ ଭାରତ ଏବଂ ଇଣ୍ଡୋନେସିଆ ମଧ୍ୟରେ ପ୍ରତିରକ୍ଷା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ରଣନୈତିକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା । ଏହି ବୁଝାମଣାପତ୍ର ଅଧୀନରେ, ଭାରତ ଏବେ ଇଣ୍ଡୋନେସିଆକୁ ଏହାର ଅତ୍ୟାଧୁନିକ ବ୍ରହ୍ମୋସ୍ ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ର ପ୍ରଣାଳୀ ଏବଂ ଆଷ୍ଟ୍ରା ଏୟାର-ଟୁ-ଏୟାର ମିସାଇଲ୍ ଯୋଗାଇବ । ଦୁଇ ଦେଶ ଏହି ଐତିହାସିକ ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି, ଯାହା ଭାରତ-ଇଣ୍ଡୋନେସିଆ ସାମରିକ ସହଭାଗୀତାକୁ ଏକ ସମ୍ପୂର୍ଣ୍ଣ ନୂତନ ଏବଂ ଦୃଢ଼ ପର୍ଯ୍ୟାୟରେ ପ୍ରବେଶ କରାଇଛି ।

ରଣନୈତିକ ଦୃଷ୍ଟିକୋଣରୁ, ଏହି ଚୁକ୍ତି ଇଣ୍ଡୋନେସିଆ ପାଇଁ ସାମୁଦ୍ରିକ ସୁରକ୍ଷା, ଦୃଢ଼ ବାୟୁ ପ୍ରତିରକ୍ଷା ଏବଂ ଦୀର୍ଘ ଦୂରଗାମୀ ସଠିକ୍ ଆକ୍ରମଣ କ୍ଷମତା ହାସଲ କରିବାରେ ଗୁରୁତ୍ୱପୂର୍ଣ୍ଣ ଏବଂ ଲାଭଦାୟକ ପ୍ରମାଣିତ ହେବ । ଏହା ବ୍ୟତୀତ, ଏହି ପ୍ରମୁଖ କ୍ଷେପଣାସ୍ତ୍ର ଚୁକ୍ତିନାମା ବିଶ୍ୱ ପ୍ରତିରକ୍ଷା ବଜାରରେ ଭାରତର ପ୍ରାଧାନ୍ୟକୁ ଆହୁରି ବୃଦ୍ଧି କରିବ । ଏହି ପଦକ୍ଷେପ ବିଶ୍ୱ ସ୍ତରରେ ଏକ ଦୃଢ଼, ଆତ୍ମନିର୍ଭରଶୀଳ ଏବଂ ନିର୍ଭରଯୋଗ୍ୟ ପ୍ରତିରକ୍ଷା ଯୋଗାଣକାରୀ ଭାବରେ ଭାରତର ପ୍ରତିରକ୍ଷାକୁ ନୂତନ ଉଚ୍ଚତାକୁ ନେଇଯିବ ।

## ଇଣ୍ଡୋନେସିଆ ସଂସଦରେ...

ତାଙ୍କ କହିବା କଥା ଯେ ଭାରତ ଓ ଇଣ୍ଡୋନେସିଆ ବର୍ତ୍ତମାନ "ସୁବର୍ଣ୍ଣ ଯୁଗ"ରେ ପ୍ରବେଶ କରୁଛନ୍ତି । କିନ୍ତୁ ଏହି ଘନିଷ୍ଠ ଭାରତ–ଇଣ୍ଡୋନେସିଆ ସମ୍ପର୍କର ପ୍ରକୃତ ବିନ୍ଧାଣୀ ହେଉଛନ୍ତି ବିଜୁ ପଟ୍ଟନାୟକ ।

ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବା ପୂର୍ବରୁ ବିଜୁ ପଟ୍ଟନାୟକ ଜଣେ ପ୍ରଖ୍ୟାତ ପାଇଲଟ୍ ଥିଲେ । ୧୯୪୭ ମସିହାରେ ଡଚ୍ ସେନା ଜାଭା ଉପରେ ଆକ୍ରମଣ କରିଥିଲା । ଏହି ସମୟରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ ଇଣ୍ଡୋନେସିଆର ପ୍ରମୁଖ ନେତୃବୃନ୍ଦଙ୍କୁ ଉଦ୍ଧାର କରିବା ଦାୟିତ୍ୱ ବିଜୁ ପଟ୍ଟନାୟକଙ୍କୁ ଦେଇଥିଲେ ।

ବିଜୁ ବାବୁ ମଧ୍ୟ ନିଜର ଅସାଧାରଣ ସାହସ ଦେଖାଇ ଯୁଦ୍ଧକ୍ଷେତ୍ରରେ ବିମାନ ଧରି ପହଞ୍ଚି ଯାଇଥିଲେ । ଆଉ ଇଣ୍ଡୋନେସିଆର ତତ୍କାଳୀନ ପ୍ରଧାନମନ୍ତ୍ରୀ ସୁତାନ ସ୍ୟାହରିର ଓ ଉପରାଷ୍ଟ୍ରପତି ମହମ୍ମଦ ହଟ୍ଟାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ଭାରତ ନେଇ ଆସିଥିଲେ ।

ପ୍ରଧାନମନ୍ତ୍ରୀ ମୋଦୀ ମଙ୍ଗଳବାର ବିଜୁ ପଟ୍ଟନାୟକଙ୍କ ପୁରୁଣା ଅବଦାନକୁ ମନେ ପକାଇଛନ୍ତି । ଭାରତ ଓ ଇଣ୍ଡୋନେସିଆକୁ ଅଧିକ ନିକଟତର କରିଥିବା ବିଜୁ ବାବୁଙ୍କୁ ସେ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, "ଦୁଇ ଦେଶ ପ୍ରାୟ ସମାନ ସମୟରେ ସ୍ୱାଧୀନତା ପାଇଥିଲେ । ଇଣ୍ଡୋନେସିଆ ୧୯୪୫ରେ ଓ ଭାରତ ୧୯୪୭ରେ ସ୍ୱାଧୀନ ହୋଇଥିଲା । ଗୋଟିଏ ସ୍ୱାଧୀନ ରାଷ୍ଟ୍ରର ସାର୍ବଭୌମତ୍ୱ ପ୍ରସଙ୍ଗରେ ଭାରତ ସର୍ବଦା ଜାତିସଂଘରେ ଇଣ୍ଡୋନେସିଆର ସ୍ୱାଧୀନତା ଆନ୍ଦୋଳନକୁ ସମର୍ଥନ କରି ଆସିଛି । ସେହି ସମୟରେ ସମ୍ମାନନୀୟ ବିଜୁ ପଟ୍ଟନାୟକ ଯେପରି ଭାବେ ପ୍ରଧାନମନ୍ତ୍ରୀ ସୁତାନ ସ୍ୟାହରିର ଓ ଉପରାଷ୍ଟ୍ରପତି ମହମ୍ମଦ ହାତ୍ତାଙ୍କୁ ସୁରକ୍ଷିତ ଭାବେ ଭାରତକୁ ଆଣିଥିଲେ, ତାହା ଦୁଇ ଦେଶର ସମ୍ପର୍କକୁ ଅଧିକ ନିବିଡ଼ ଓ ସୁଦୃଢ଼ କରିଥିଲା ।" ବିଜୁ ପଟ୍ଟାନାୟକ ୧୯୪୭ରେ ଦେଖାଇଥିବା ସାହାସ ପାଇଁ ତାଙ୍କୁ ଇଣ୍ଡୋନେସିଆର ସର୍ବୋଚ୍ଚ ସମ୍ମାନ 'ଭୂମିପୁତ୍ର' ସମ୍ମାନରେ ସମ୍ମାନିତ କରାଯାଇଥିଲା । ୧୯୬୧ ମସିହାରେ ସେ ଓଡ଼ିଶାର ୪ର୍ଥ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ । ପ୍ରଥମେ ସେ ୧୯୬୧ରୁ ୧୯୬୩ ଓ ପୁଣି ୧୯୯୦ରୁ ୧୯୯୫ ଯାଏ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ ।

## କାଗଜପତ୍ର ଠିକ୍ ...

ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଣିକି ଯଦି କୌଣସି ଗାଡ଼ି ଚାଳକଙ୍କ ବୈଧ ଡ୍ରାଇଭିଂ ଲାଇସେନ୍ସ ନଥାଏ ଓ ପଞ୍ଜିକରଣ ପ୍ରମାଣପତ୍ର କିମ୍ବା ପରମିଟ୍ ନିୟମ ଉଲ୍ଲଂଘନ କରି ଗାଡ଼ି ଚାଲୁଥିବା ଧରାପଡ଼େ, ତେବେ ମୋଟର ଯାନ ଆକ୍ଟର ଧାରା ୨୦୭ ଅନୁଯାୟୀ ତାହାକୁ ତୁରନ୍ତ ଜବତ କରାଯିବ । ପରିବହନ ଗାଡ଼ିଗୁଡ଼ିକ କ୍ଷେତ୍ରରେ ଫିଟନେସ ସାର୍ଟିଫିକେଟ୍ ନଥିଲେ ମୋଟର ଯାନ ଆକ୍ଟର ଧାରା ୫୬ ଅନୁଯାୟୀ ଗାଡ଼ିର ପଞ୍ଜିକରଣକୁ ସମ୍ପୂର୍ଣ୍ଣ ଅବୈଧ ବୋଲି ଧରାଯିବ ଓ ଆରଟିଓଙ୍କ ଦ୍ୱାରା ଆରସି କିମ୍ବା ପରମିଟ୍ ନିଲମ୍ବନ ଓ ବାତିଲ ପ୍ରକ୍ରିୟା ଆରମ୍ଭ କରାଯିବ । ଯଦି କୌଣସି ଅଫିସର ଗାଡ଼ି ଯାଞ୍ଚ ସମୟରେ ଏହିସବୁ ତ୍ରୁଟି ପାଇବା ସତ୍ତ୍ୱେ କୌଣସି ଲିଖିତ କାରଣ ନଦର୍ଶାଇ ଗାଡ଼ିକୁ ଜବତ ନକରି କେବଳ ଚାଲାଣ କାଟି ଛାଡ଼ିଦିଅନ୍ତି, ତେବେ ତାହାକୁ ଡ୍ୟୁଟିରେ ଗୁରୁତର ଅବହେଳା ବୋଲି ଧରାଯିବ । ଆଉ ସମ୍ପୃକ୍ତ ଅଫିସରଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନର ସତର୍କ କରାଇ ଦେଇଛନ୍ତି ।

## ସିଙ୍ଗାପୁର ବିଶ୍ୱର...

ଭାବେ ମୁମ୍ବାଇ ଏଥର ୨୨ତମ ସ୍ଥାନରେ ରହିଛି । ଗତବର୍ଷ ମୁମ୍ବାଇ ବିଂଶ ସ୍ଥାନରେ ରହିଥିଲା । ୩୬୦ ଜଣ ବଡ଼ ଧନୀ ବ୍ୟକ୍ତି, ଯେଉଁମାନଙ୍କର ନିବେଶଯୋଗ୍ୟ ପାରିବାରିକ ସମ୍ପତ୍ତି ଅତିକମ୍‌ରେ ୧ ନିୟୁତ ଡଲାରରୁ ଅଧିକ, ସେମାନଙ୍କୁ ନେଇ ସଂସ୍ଥା ପକ୍ଷରୁ ଚଳିତବର୍ଷ ଫେବ୍ରୁୟାରୀରୁ ମାର୍ଚ୍ଚ ମଧ୍ୟରେ ସର୍ଭେ କରାଯାଇଥିଲା । ସେଥିରୁ ଏହି ନିର୍ଯାସ ବାହାରିଛି । ୨୦୨୬ରେ ଉନ୍ନତ ଜୀବନଶୈଳୀ ବଜାୟ ରଖିବା ପାଇଁ ଧନୀମାନଙ୍କୁ ଆମେରିକୀୟ ଡଲାର ମୂଲ୍ୟରେ ହାରାହାରି ୧୦.୨ ପ୍ରତିଶତ ଅଧିକ ଖର୍ଚ୍ଚ କରିବାକୁ ପଡ଼ିଛି । ବ୍ୟୟବହୁଳ ସହରଗୁଡ଼ିକର ର୍‍ୟାଙ୍କିଂ ଜୁଲିୟସ ବେୟର ଲାଇଫଷ୍ଟାଇଲ ଇଣ୍ଡେକ୍ସ ଅନୁଯାୟୀ କରାଯାଇଛି । ବିଶ୍ୱର ବିଭିନ୍ନ ସହରରେ ବସବାସ ଉଦ୍ଦେଶ୍ୟରେ ଯାତ୍ରା କରୁଥିବା ଲୋକ ଓ ପରିବାରଗୁଡ଼ିକର କ୍ରୟଶକ୍ତି ଏବଂ ଆର୍ଥିକ ସ୍ଥିରତା କିଭଳି ପ୍ରଭାବିତ ହେବ ସେ ସମ୍ପର୍କରେ ଉକ୍ତ ରିପୋର୍ଟ ଏକ ଦୃଷ୍ଟିକୋଣ ପ୍ରଦାନ କରିବ ବୋଲି କୁହାଯାଇଛି ।

# ଏଡିଜି ଅଖିଳ ମିଶ୍ରଙ୍କ ଅଧ୍ୟକ୍ଷତାରେ ନାମକୁମରେ ଆଇଏମପିସିସି ବୈଠକ

## ଉତ୍ତମ ସମନ୍ୱୟ ଜରିଆରେ ବିଭାଗଗୁଡ଼ିକ ନିଜର ସଫଳତାକୁ ବାଣ୍ଟିବା ଉଚିତ

**ରାଞ୍ଚି, ପିଆଇବି**

ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ରାଞ୍ଚି ପକ୍ଷରୁ ଆଇସିଏଆର-ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ସେକେଣ୍ଡାରୀ ଏଗ୍ରିକଲଚର୍, ନାମକୁମଠାରେ ଇଣ୍ଟର୍ ମିଡିଆ ପବ୍ଲିସିଟି କୋଅର୍ଡିନେସନ୍ କମିଟି (ଆଇଏମପିସିସି)ର ବୈଠକ ଆୟୋଜିତ ହୋଇଯାଇଛି । ଏହି ବୈଠକରେ ପିଆଇବି ରାଞ୍ଚି ଓ ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ଅଧ୍ୟକ୍ଷତା କରିଥିଲେ ।

ଉଦଘାଟନୀ ଅଭିଭାଷଣରେ ଶ୍ରୀ ମିଶ୍ର କହିଥିଲେ, ଯେକୌଣସି ବାର୍ତ୍ତାର ପ୍ରଭାବୀ ପ୍ରସାର ପାଇଁ ଯୋଗାଯୋଗର ବିଭିନ୍ନ ଦିଗ ପ୍ରତି ସମାନ ଧ୍ୟାନ ଦିଆଯିବା ଆବଶ୍ୟକ । ସୂଚନା ଆଦାନ ପ୍ରଦାନରେ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରି ସେ କହିଥିଲେ ଯେ ଏହା ସରକାରୀ ସୂଚନାର ବିଶ୍ୱସନୀୟ ପ୍ରସାରରେ ସହାୟକ ହୋଇଥାଏ । ପିଆଇବି ଏବଂ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋର (ସିବିସି) ମୁଖ୍ୟ ଗୌରବ କୁମାର ପୁଷ୍କର ଅଂଶଗ୍ରହଣକାରୀମାନଙ୍କୁ ପିଆଇବି ଏବଂ ସିବିସିର କାର୍ଯ୍ୟକାରିତା ଏବଂ ସୂଚନା ପ୍ରସାରରେ ସେମାନଙ୍କର ଭୂମିକା ବିଷୟରେ ସୂଚନା ଦେଇଥିଲେ । ରାଞ୍ଚିର ଏମ୍‌ଏସ୍‌ଏମ୍‌ଇ-ଡିଏଫ୍‌ଓର ନିର୍ଦ୍ଦେଶକ ଇନ୍ଦ୍ରଜିତ ଯାଦବ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା, ଦକ୍ଷତା ବିକାଶ ପଦକ୍ଷେପ ଏବଂ ଉଦ୍ୟମିତାକୁ ପ୍ରୋତ୍ସାହିତ କରିବା ପାଇଁ ପଦକ୍ଷେପ ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଝାଡ଼ଖଣ୍ଡର ନ୍ୟୁଜ୍ ୟୁନିଟ୍ ମୁଖ୍ୟ ତଥା ଦୂରଦର୍ଶନ ନ୍ୟୁଜର ସହକାରୀ ନିର୍ଦ୍ଦେଶକ ଦିବାକର କୁମାର ସରକାରୀ ଯୋଜନା ଏବଂ ଜାତୀୟ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସୂଚନାର ପ୍ରଭାବଶାଳୀ ପ୍ରସାରରେ ଦୂରଦର୍ଶନର ଭୂମିକା ଉପରେ ଆଲୋକପାତ କରିଥିବାବେଳେ ଦୂରଦର୍ଶନ ରାଞ୍ଚିର କାର୍ଯ୍ୟକ୍ରମ ମୁଖ୍ୟ ଅମିତ କୁମାର ସୋସିଆଲ ମିଡିଆ ପ୍ଲାଟଫର୍ମରେ ଦୂରଦର୍ଶନ ଝାଡ଼ଖଣ୍ଡର ବୃଦ୍ଧି ପାଉଥିବା ପ୍ରସାର ବିଷୟରେ କହିଥିଲେ । ୟୁଆଇଡିଏଆଇର ଆଞ୍ଚଳିକ ନିର୍ଦ୍ଦେଶକ ନୀରଜ କୁମାର ଆଧାର ସେବାର ସମ୍ପ୍ରସାରଣ, ନୂଆ ଆଧାର ଆପ୍, ଏପିଏଆରଆଇଡି ଏବଂ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି)ରେ ଆଧାରର ଭୂମିକା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଯୋଜନା (ସିଜିଏଚ୍‌ଏସ୍)ର ଅତିରିକ୍ତ ନିର୍ଦ୍ଦେଶକ ଡକ୍ଟର ଅରୁଣ କୁମାର, ସିଜିଏସଟି ରାଂଚିର ପ୍ରତିନିଧି ରବି କୁମାର ଏବଂ ନାବାର୍ଡର ପ୍ରତିନିଧି ଅମିତ କୁମାର ନିଜ ନିଜ ସଂସ୍ଥାର ପ୍ରମୁଖ ସଫଳତା ଏବଂ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ । ଆକାଶବାଣୀ ରାଞ୍ଚିର କାର୍ଯ୍ୟକ୍ରମ ପରିଚାଳକ ପ୍ରଭୁ ଶରଣ ଜନସ୍ୱାର୍ଥ ସମ୍ବନ୍ଧୀୟ ସୂଚନା ପ୍ରସାରରେ ଆକାଶବାଣୀର ଭୂମିକା ବିଷୟରେ କହିଥିଲେ । ମାଇଁ ଭାରତ ଝାଡ଼ଖଣ୍ଡର ରାଜ୍ୟ ନିର୍ଦ୍ଦେଶିକା ଲଳିତା କୁମାରୀ ଯୁବ ସଂସଦ, ବିବିଧ ଭାରତ ଯୁବ ନେତୃତ୍ୱ ବାର୍ତ୍ତାଳାପ ଏବଂ ପରୀକ୍ଷାମୂଳକ ଶିକ୍ଷା କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ । ରାଞ୍ଚି ୟୁନିଟର ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନସିବି) ର ଅଧୀକ୍ଷକ ସାରିକ ଉମର ଏବଂ ଆଇସିଏଆର-ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ସେକେଣ୍ଡାରୀ ଏଗ୍ରିକଲଚରର ପ୍ରମୁଖ ବୈଜ୍ଞାନିକ ଡକ୍ଟର ନିରନ୍ତର ପ୍ରସାଦ ଯଥାକ୍ରମେ ନିଶାଦ୍ରବ୍ୟ ନିୟନ୍ତ୍ରଣ ଏବଂ କୃଷି ନବସୃଜନ ସମ୍ବନ୍ଧୀୟ ପଦକ୍ଷେପ ଉପରେ ସୂଚନା ସେୟାର କରିଥିଲେ । ଏହି ବୈଠକରେ ଆକାଶବାଣୀ ରାଞ୍ଚିର ଜାଭିୟର୍ କାଣ୍ଡୁଲାନା, ଦୂରଦର୍ଶନ ରାଞ୍ଚିର ସୁଧୀର କୁମାର ଏବଂ ୟୁଆଇଡିଏଆଇର ଅବଦୁଲ କଲାମ ଅନସାରୀ ପ୍ରମୁଖ ଯୋଗ ଦେଇଥିଲେ ।

## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.: ST-OT-AMC-EI-MEDHA-574, ତା.01.07.2026ରିଖ

**କାର୍ଯ୍ୟର ନାମ :** 36 (ଛତିଶି) ମାସ ଅବଧି ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ବୁଢ଼ାପଙ୍କ (BDPK), ସୁକିନ୍ଦା ରୋଡ଼ (SKND), ଜଖପୁରା (JKPR), କେରେଜାଙ୍ଗ (KPJG), JSPL-A କ୍ୟାବିନ (JSPC), ଅନୁଗୁଳ (ANGL), ତାଳଚେର ରୋଡ଼ (TLHD), କେନ୍ଦ୍ରାପଡ଼ା (KENP), ବାଜିପଡ଼ା (BJPD), ଲଳିତଗିରି (LLTG), ରତ୍ନଗିରି (RTGR) ଏବଂ ଚଣ୍ଡିଖୋଲ ରୋଡ଼ (CIKR), ମେରାମଣ୍ଡଳୀ (MRDL), ତାପଙ୍ଗ (TAP), ବୈତରଣୀ ରୋଡ଼ (BTV) ଷ୍ଟେସନରେ MEDHA ନିର୍ମିତ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗ ସିଷ୍ଟମ ପାଇଁ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ନିମନ୍ତେ ବ୍ୟବସ୍ଥା ।

**ଟେଣ୍ଡର ମୂଲ୍ୟ :** ₹4,50,91,848.00, EMD : ₹3,75,500/-

ବିଡ୍ ଆରମ୍ଭ ହେବା ତାରିଖ : ତା.09.07.2026ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.23.07.2026ରିଖ 1100 ଘଟିକା ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼
PR-282/R/26-27

# ଆଇଆଇସି ମୃତ୍ୟୁ ମାମଲା: ୨ରୁ ୩ ଦିନ ମଧ୍ୟରେ ମୋବାଇଲ୍ ତଥ୍ୟ ମିଳିବ : ଡିସିପି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କଟକର ଆଇଆଇସି ବିଡଟି ମହାନ୍ତିଙ୍କ ମୃତ୍ୟୁ ଘଟଣାର ତଦନ୍ତକୁ ନେଇ କଟକ ଡିସିପି ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଶବ ବ୍ୟବଚ୍ଛେଦ ରିପୋର୍ଟରୁ ଶ୍ୱାସରୁଦ୍ଧ ହେବା କାରଣରୁ ମୃତ୍ୟୁ ଘଟିଥିବା ସ୍ପଷ୍ଟ ହୋଇଛି । ମୃତକଙ୍କ ମୋବାଇଲ୍ ଫୋନ୍ ଲକ୍ ଥିବାରୁ ଏହାକୁ ଫରେନ୍ସିକ୍ ବିଶେଷଜ୍ଞଙ୍କ ନିକଟକୁ ପଠାଯାଇଛି । ଆସନ୍ତା ୨ରୁ ୩ ଦିନ ମଧ୍ୟରେ ଫୋନ୍‌ରୁ ସମସ୍ତ ତଥ୍ୟ ମିଳିବ ବୋଲି ଆଶା କରାଯାଉଛି । ଡିସିପିଙ୍କ କହିବାନୁସାରେ, ଶବ ବ୍ୟବଚ୍ଛେଦ ରିପୋର୍ଟରୁ ଶ୍ୱାସରୁଦ୍ଧ ହେବା କାରଣରୁ ମୃତ୍ୟୁ ଘଟିଥିବା ସ୍ପଷ୍ଟ ହୋଇଛି । ପ୍ରାଥମିକ ତଦନ୍ତରେ କୌଣସି ଫାଉଲ ପ୍ଲେ କିମ୍ବା ସନ୍ଦେହଜନକ ଦିଗ ସାମ୍ନାକୁ ଆସିନଥିଲେ ମଧ୍ୟ, ଘଟଣାର ସମସ୍ତ ଦିଗକୁ ଧ୍ୟାନରେ ରଖି ବିଶେଷଜ୍ଞଙ୍କ ମତାମତ ନିଆଯିବ ବୋଲି ସେ କହିଛନ୍ତି ।

ସେ ଆହୁରି କହିଛନ୍ତି ଯେ, ଘଟଣାର ସମ୍ପୂର୍ଣ୍ଣ କାରଣ ଜାଣିବା ପାଇଁ ଭିସେରା ରିପୋର୍ଟକୁ ଅପେକ୍ଷା କରାଯାଉଛି । ଡିସିପି ସ୍ପଷ୍ଟ କରିଛନ୍ତି ଯେ, ଏପର୍ଯ୍ୟନ୍ତ ଏହି ଘଟଣାରେ କାହାକୁ ଅଟକ ରଖାଯାଇନାହିଁ । ଫରେନ୍ସିକ୍ ରିପୋର୍ଟ, ମୋବାଇଲ୍ ତଥ୍ୟ ଏବଂ ଭିସେରା ରିପୋର୍ଟ ଆସିବା ପରେ ତଦନ୍ତକୁ ଆହୁରି ଆଗକୁ ବଢ଼ାଯିବ ବୋଲି ସେ ସୂଚନା ଦେଇଛନ୍ତି ।

GOVT. OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION No-II, KEONJHAR
E-mail: eerw_kjr2@yahoo.com
"e" Procurement Notice for Building Works
Identification No Online NCB - 04/2026-27.

25001/668/2627

1. Name of the Work : Building Works
2. Total Number of Work : As per Annexure
3. Estimated Cost : Rs. 1.00 Lakhs to 10.00 Lakhs
4. Class of Contractor : 'D' & 'C' Class
5. Period of Completion : As per annexure of e-Procurement
6. Other Details : Notice No. 04/2026-27.

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender inO/o S.E., R.W. Division-II, Keonjhar. |
|---|---|---|---|---|---|
| | | From | To | | Single Cover |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-II, Keonjhar | Building Online NCB No.04 | Dt.10.07.26 at 11.00 A.M. | Dt.21.07.26 up to 5.00 P.M. | Dt.20.07.26 up to 5.00 P.M. | Dt.22.07.26 at 11.00 A.M. |

Further details can be seen from the Website www.tenderorissa.gov.in

Sd/- Executive Engineer
R.W.Divn.No-II, Keonjhar

OIPR-25001/25093/1/26-27/0004

ଭୁବନେଶ୍ୱର, ୦୮ ଜୁଲାଇ, ବୁଧବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଅନବସର ଘରେ ଜ୍ୱରରେ କମ୍ପୁଛନ୍ତି ମହାପ୍ରଭୁ : ଓଷ ଲାଗି ସହ ଚାଲିଛି ଜଳ ଭିଜା ବସ୍ତ୍ର ଲାଗି



**ପୁରୀ ୦୭/୦୭ ନ୍ୟୁଜ ବ୍ୟୁରୋ**

ମହାପ୍ରଭୁଙ୍କ ମାନବୀୟ ଲୀଳାର ପଟାନ୍ତର ନାହିଁ । ସ୍ନାନଯାତ୍ରାରେ ଅଧିକ ସ୍ନାନ ପରେ ଠାକୁରେ ଅସୁସ୍ଥ । ଏଣୁ ଅଣସର ଘରେ ଠାକୁରଙ୍କ ଅନବସର ସେବାରେ ଲାଗିଛନ୍ତି ଦଇତାପତି ସେବକ । ଏକ ବସ୍ତ୍ର ହୋଇ ନିଷ୍ଠାପର ଭାବେ ସେବା କରି ଠାକୁରଙ୍କୁ ସୁସ୍ଥ କରାଇବାରେ ଦିନରାତି ଏକ କରିଦେଇଛନ୍ତି । ଦଇତାପତିଙ୍କ ଦ୍ୱାରା ସାମୁହିକ ଭାବେ ଦାରୁବ୍ରହ୍ମଙ୍କ ଅନବସର ସେବା ଜାରି ରହିଛି । ମହାପ୍ରଭୁଙ୍କ ବରିଷ୍ଠ ଦଇତାପତି ସେବକ ରାମଚନ୍ଦ୍ର ଦାସମହାପାତ୍ର କୁହନ୍ତି ପଞ୍ଚମୀରେ ଶ୍ରୀବିଗ୍ରହଙ୍କୁ ଫୁଲୁରୀ ତେଲ ଲାଗି ହୋଇଥିଲା । ପରେ ଶ୍ରୀଅଙ୍ଗରେ ଓଷ ଲାଗି ଆରମ୍ଭ ହୋଇଛି । ଦଶମୀରେ ଚକା ବିଜେ ନୀତି । ଚକା ସିଂହାସନକୁ ଉଠିବେ ଠାକୁରେ । ସେହି ଦିନ ପର୍ଯ୍ୟନ୍ତ ଠାକୁରଙ୍କ ଓଷ ଲାଗି ନୀତି ଜାରି ରହିବ। ଅଣସର ଶୁଦ୍ଧସୁଆର ସେବକ ରାଶି ତେଲ ଓ ଝୁଣାରେ ଓଷ ପ୍ରସ୍ତୁତ କରିଦେବା ପରେ ଏହାକୁ ସମସ୍ତ ଦଇତାପତି ସେବକ ମିଶି ଠାକୁରଙ୍କ ଶ୍ରୀଅଙ୍ଗରେ ଲାଗି କରୁଛନ୍ତି । ଏହାପରେ ଶ୍ରୀଅଙ୍ଗରୁ ତାପ କମିବାକୁ ଓଦାକନା ଲାଗି କରାଯାଉଛି। ଓଷ ଲାଗି ପରେ ସନ୍ଧ୍ୟା ତଥା ରାତ୍ର କାଳରେ ଜଳ ଭିଜା ବସ୍ତ୍ର ଲାଗି ହେଉଛି । ଅଧିକ ଜ୍ୱର ସମୟରେ ମନୁଷ୍ୟ ଶରୀରରୁ ତାପ ହ୍ରାସ ପାଇଁ ପାଣିପଟି ଦ୍ୱାରା ଚିକିତ୍ସା ଭଳି ଠାକୁରଙ୍କ ଅନନ୍ୟ ମାନବୀୟ ଲୀଳା ଚାଲିଛି । ୧୦ ତାରିଖ ଶୁକ୍ରବାର ଦଶମୀ ତିଥିରେ ବୈଦ୍ୟଙ୍କ ଦ୍ୱାରା ପ୍ରସ୍ତୁତ ଠାକୁରଙ୍କ ଔଷଧ ଶ୍ରୀମନ୍ଦିରରେ ପହଞ୍ଚିବ । ଏକାଦଶୀ ତିଥିରେ ଠାକୁରଙ୍କ ଓଷ ଲାଗି କରାଗଲେ ଠାକୁରେ ସୁସ୍ଥ ହେବେ ।

# ତିନ ରଥରେ ଲାଗିଲା କନ୍ୟାପଟା : ଦୁଆରଘଡ଼ା ନିକଟରେ ଲାଗିଲା ହାତୀଆଳମାଳ

**ପୁରୀ,୦୭/୦୭ ନ୍ୟୁଜ ବ୍ୟୁରୋ**

ତିନ ରଥରେ ଲାଗିଲା କନ୍ୟାପଟା । ତିନି ରଥରେ ମୋଟ ୩୨ଟି କନ୍ୟା ପଟା ଲଗାଯାଏ । ଗୁଜ ଓ ଅଂଶୁଆରୀ ମଝିରେ ଲାଗୁଛି କନ୍ୟାପଟା । ନନ୍ଦିଘୋଷ ରଥର ମୁଖ୍ୟ ବିଶ୍ୱକର୍ମା ବିଜୟ କୁମାର ମହାପାତ୍ର କୁହନ୍ତି, ନନ୍ଦିଘୋଷ ରଥ, ତାଳଧ୍ୱଜ ରଥରେ ୧୨ଟି ଲେଖାଏଁ ଓ ଦେବୀ ରଥରେ ୮ଟି କନ୍ୟା ପଟା ଲଗାଯାଏ। ଏଥିସହ ରଥରେ ହାତୀଆଳମାଳ ଲଗାଯାଇଛି। ଏସବୁ ରଥ ଉପରିଭାଗ ଦୁଆରଘଡ଼ା ନିକଟରେ ଲାଗିଛି। ନିର୍ମାଣକାରୀଙ୍କ କହିବା ଅନୁସାରେ, ଚକ ଦେଖା ନଗଲା ଭଳି କନ୍ୟାପଟା ସବୁ ରଥରେ ଲାଗେ। ରଥରେ ବେଦି ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସେପଟେ ଠାକୁରଙ୍କ ପହଣ୍ଡି ଉଦ୍ଦେଶ୍ୟରେ ଶ୍ରୀଗୁଣ୍ଡିଚା ଘରେ ପହଞ୍ଚିଛି ତାଳ ଚାରମାଳ। ରଥରୁ ପହଣ୍ଡି ହୋଇ ଶ୍ରୀବିଗ୍ରହଙ୍କ ଆଡ଼ପମଣ୍ଡପ ବିଜେ ପାଇଁ ଏସବୁ ଆବଶ୍ୟକ। ଚଳିତ ବର୍ଷ ରଥ ପ୍ରସ୍ତୁତି କାର୍ଯ୍ୟ ଆଗୁଆ ଚାଲିଥିବା କହିଛନ୍ତି ଭୋଇ ସର୍ଦ୍ଦାର ରବି ଭୋଇ। ପୂର୍ବରୁ ଶଗଡ଼ରେ ରଥଖଳାରୁ ସାଳ ମାଲ ଗୁଣ୍ଡିଚା ଘରେ ପହଞ୍ଚାଯାଇଥିଲା । ଏହା ଶ୍ରୀଗୁଣ୍ଡିଚା ମନ୍ଦିର ଭିତରେ ଆବଶ୍ୟକ ହେବ। ରୂପକାର ସେବକମାନେ ରଥର ଅଶ୍ୱ ଓ ସାରଥିଙ୍କ ମରାମତି କାର୍ଯ୍ୟ ସାରିଛନ୍ତି । ଦେବଦଳନ ରଥର ଗୋଟିଏ ଅଶ୍ୱର ପଛ ବାମ ଗୋଡ଼ ବଦଳାଯାଇଛି । ମରାମତି ସଂପୂର୍ଣ୍ଣ ପରେ ଅଶ୍ୱମାନଙ୍କୁ ରଙ୍ଗ ପାଇଁ ଚିତ୍ରକରଙ୍କୁ ହସ୍ତାନ୍ତର କରାଯାଇଛି । ଚିତ୍ରକର ସେବକମାନେ ତିନି ରଥର



ପ୍ରଭା ରଙ୍ଗ କାର୍ଯ୍ୟ ଶେଷ କରିଛନ୍ତି। ସାରଥିଙ୍କ ରଙ୍ଗ କାର୍ଯ୍ୟ ଜାରି ରହିଛି । ରଥ ସିଂହାସନ ବେଦି ଚତୁଃପାର୍ଶ୍ୱରେ ଗାଇଗୋଠ ଚିତ୍ର ଶେଷ ହୋଇଛି । ଦର୍ଜୀ ସେବକମାନେ ବିଳାସ ପଟି ଫିଟିଂ ଶେଷ କରିବା ସହ ତିନି ରଥର ୧୨ ଦୁଆରଘଡ଼ାର ଚନ୍ଦ୍ରଶାଳୀରେ ଫୁଲପକା କାର୍ଯ୍ୟ ସାରିଛନ୍ତି । ପୋଟଳ କନାରେ ଲେସ୍ ଲଗାଯାଉଛି । କମାର ସେବକମାନେ ରଥରେ କାର୍ଯ୍ୟ ପାଇଁ କୋଠସୁଆଁସିଆଙ୍କ ଆବଶ୍ୟକ ସାମଗ୍ରୀ ତିଆରୁଛନ୍ତି ।

## ୧୦ରେ ମୁକ୍ତିଲାଭ କରିବନି ଆନିମେସନ ଫିଲ୍ମ 'ମହାପ୍ରଭୁ ଜଗନ୍ନାଥ'

# ଶାସ୍ତ୍ର ବିରୋଧୀ ଫିଲ୍ମ କହିଲେ ଗଜପତି




**ପୁରୀ, ୭/୦୭ ନ୍ୟୁଜ ବ୍ୟୁରୋ**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆନିମେସନ ଚଳଚ୍ଚିତ୍ର ମୁକ୍ତିଲାଭ ସ୍ଥଗିତ ରହିଲା। ମହାପ୍ରଭୁ ଜଗନ୍ନାଥଙ୍କ ଆନିମେସନ ଫିଲ୍ମ ନେଇ ଗଜପତି ମହାରାଜାଙ୍କ ଆପତ୍ତି ପରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଗଜପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଚାର, ପ୍ରସାର କମିଟି ବୈଠକରେ ମହାପ୍ରଭୁ ଜଗନ୍ନାଥ ଆନିମେସନ ଚଳଚ୍ଚିତ୍ର କିଛି ସମୟ ପ୍ରଦର୍ଶିତ କରାଯାଇ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରେ ଚଳଚ୍ଚିତ୍ରର ନିର୍ଦ୍ଦେଶକ ମଧ୍ୟ ନିଜ ଭୁଲ ସ୍ୱୀକାର କରିଛନ୍ତି। ଭୁବନେଶ୍ୱର M/s Ele Animations Pvt Ltd ଦ୍ୱାରା ନିର୍ମିତ "ମହାପ୍ରଭୁ ଜଗନ୍ନାଥ" ଚଳଚ୍ଚିତ୍ର ଆସନ୍ତା ଜୁଲାଇ ୧୦ରେ ପ୍ରେକ୍ଷାଳୟକୁ ଆସିବାକୁ ଥିଲା, କିନ୍ତୁ ସମ୍ପୂର୍ଣ୍ଣ ଚଳଚ୍ଚିତ୍ର ଆଉ ଥରେ ତର୍ଜମା ହୋଇ ପରିବର୍ତ୍ତିତ ହେବ। ତେବେ ଜଗନ୍ନାଥଙ୍କ ଉପରେ ଏଲି ଏନିମେସନର ଏନିମେସନ ଫିଲ୍ମର ଅଫିସିଆଲ୍ ଟ୍ରେଲରକୁ ଦେଖିବା ପରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଗଭୀର ଅସନ୍ତୋଷ ବ୍ୟକ୍ତ କରିଥିଲେ। ତାଙ୍କ କହିବା ଅନୁଯାୟୀ ଏହା ସମ୍ପୂର୍ଣ୍ଣ କାଳ୍ପନିକ କାହାଣୀ। ଚଳଚ୍ଚିତ୍ରରେ ମହାପ୍ରଭୁଙ୍କର ଏକ ସମ୍ପୂର୍ଣ୍ଣ ମନଗଢ଼ା ଓ କାଳ୍ପନିକ କାହାଣୀ ପ୍ରଦର୍ଶନ କରାଯାଇଛି। ଯାହା ଆମର ପବିତ୍ର ଶାସ୍ତ୍ର ସହିତ ଆଦୌ ମେଳ ଖାଉନାହିଁ। ବୈଠକ ପରେ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ କହିଛନ୍ତି, "ଏହି ଫିଲ୍ମ ସଂପୂର୍ଣ୍ଣ କାଳ୍ପନିକ। ଆଜିର ଛୋଟ ପିଲା, ଯୁବପିଢ଼ିଙ୍କ ପାଇଁ ଚଳଚ୍ଚିତ୍ର ନିର୍ମାଣ ସ୍ୱାଗତଯୋଗ୍ୟ। କିନ୍ତୁ ଏହା କାଳ୍ପନିକ କିମ୍ବା ମନଗଢ଼ା କାହାଣୀ ହେବା କଥା ନୁହେଁ" ବୋଲି ବୈଠକ ପରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଗଜପତି ଦିବ୍ୟସିଂହ ଦେବ ସୂଚନା ଦେଇଛନ୍ତି।

## ବିଧାନସଭା ସଚିବାଳୟ ରିପୋର୍ଟର୍ସ ନିଯୁକ୍ତି ମାମଲା

# ବାତିଲ୍ ଆଦେଶ ହାଇକୋର୍ଟରେ ଖାରଜ : ଆବେଦନକାରୀଙ୍କୁ ୪ ସପ୍ତାହ ମଧ୍ୟରେ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ

**କଟକ,୦୭/୦୭ ନ୍ୟୁଜ ବ୍ୟୁରୋ**

ଓଡ଼ିଶା ବିଧାନସଭା ସଚିବାଳୟ ରିପୋର୍ଟର୍ସ ନିଯୁକ୍ତି ସଂକ୍ରାନ୍ତ ବିଜ୍ଞପ୍ତିକୁ ରଦ୍ଦ କରିବା ଆଦେଶକୁ ହାଇକୋର୍ଟ ଖାରଜ କରି ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ହାଇକୋର୍ଟ ଆବେଦନକାରୀଙ୍କୁ ଚାରି ସପ୍ତାହ ମଧ୍ୟରେ ନିଯୁକ୍ତି ଦେବାକୁ ବିଧାନସଭା ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀ ସୌରଭ ରାଉତ ଏବଂ ବିଶ୍ୱଜ୍ୟୋତି ବେହେରାଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ସଞ୍ଜୟ କୁମାର ମିଶ୍ର ଏହି ରାୟ ଦେଇଛନ୍ତି । ମାମଲାରୁ ଜଣାଯାଇଛି



ଯେ, ୨୦୨୧ ମସିହାରେ ଓଡ଼ିଶା ବିଧାନସଭା ସଚିବଙ୍କ ପକ୍ଷରୁ ୭ ରିପୋର୍ଟର୍ସ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଆବେଦନକାରୀ ଦ୍ୱୟଙ୍କ ସମେତ ଅନ୍ୟମାନେ ଏହି ପଦ ଲାଗି ଚୟନ ହୋଇଥିଲେ । ପ୍ରାର୍ଥୀମାନଙ୍କ ନିଯୁକ୍ତିକୁ ଅନୁମୋଦନ ନିମନ୍ତେ ଚୟନ ବୋର୍ଡ ଗଠନ କରାଗଲା । କିନ୍ତୁ ବିନା କୌଣସି କାରଣ ଦର୍ଶାଇ ବୋର୍ଡକୁ ବନ୍ଦ କରି ଦିଆଗଲା । ଫଳରେ ଆବେଦନକାରୀମାନେ ନିଯୁକ୍ତି ପାଇପାରିନଥିଲେ । ଏହାକୁ ଚାଲେଞ୍ଜ କରି ସେମାନେ ହାଇକୋର୍ଟକୁ ଆସିଥିଲେ । ୨୦୨୩ ମସିହାରେ ହାଇକୋର୍ଟ ଏହି ମାମଲାରେ ରାୟ ପ୍ରକାଶ କରି ପ୍ରତିପକ୍ଷଙ୍କୁ ଆବେଦନକାରୀଙ୍କ ନିଯୁକ୍ତି ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଆଦେଶ ବିରୋଧରେ ରାଜ୍ୟ ବିଧାନସଭା ହାଇକୋର୍ଟକୁ ରିଟ୍ ଅପିଲ୍‌ରେ ଆସିଥିଲେ । ଏହି ମାମଲାର ଶୁଣାଣି ଅବସରରେ ଚୟନ ବୋର୍ଡ ପକ୍ଷରୁ ସମ୍ପୂର୍ଣ୍ଣ ନିଯୁକ୍ତି ପ୍ରକ୍ରିୟାକୁ ବାତିଲ୍ କରିଦିଆଯାଇଛି ବୋଲି ଅଦାଲତଙ୍କୁ ଦର୍ଶାଯାଇଥିଲା । ଫଳରେ ଆବେଦନକାରୀ ଦ୍ୱୟ ପୁନର୍ବାର ହାଇକୋର୍ଟରେ ଏହି ମାମଲା ରୁଜୁ କରିଥିଲେ । ହାଇକୋର୍ଟ ମାମଲାର ରାୟ ପ୍ରକାଶ କରିବା ଅବସରରେ କହିଛନ୍ତି ଯେ, ଯାଞ୍ଚ ପାଇଁ ଅରିଜିନାଲ୍ ଡକ୍ୟୁମେଣ୍ଟ ନମିଳିବା କାରଣରୁ ଚୟନ ପ୍ରକ୍ରିୟାକୁ ବାତିଲ୍ କରି ଦିଆଯାଇଛି ବୋଲି ପ୍ରତିପକ୍ଷଙ୍କ ପକ୍ଷରୁ ଦର୍ଶାଯାଇଛି । ନିଯୁକ୍ତି ପ୍ରକ୍ରିୟା ଶେଷ ହେବାର ପ୍ରାୟ ଦେଢ଼ ବର୍ଷ ପରେ ଯେଉଁ ଆଳ ଦେଖାଇ ପୂରା ନିଯୁକ୍ତି ପ୍ରକ୍ରିୟାକୁ ବାତିଲ୍ କରାଗଲା ତାହା ଯଥାର୍ଥ ନୁହେଁ ।

# ଅଲାରନାଥଙ୍କୁ ଦର୍ଶନ କଲେ ରାଜ୍ୟପାଳ ହରିବାବୁ କମ୍ଭମପାଟି



**ଭୁବନେଶ୍ୱର,୭/୭ ନ୍ୟୁଜ ବ୍ୟୁରୋ**

ଅଲାରନାଥଙ୍କୁ ଦର୍ଶନ କଲେ ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମପାଟି । ମହାପ୍ରଭୁଙ୍କ ଅନବସର ନୀତି ଚାଲିଥିବା ବେଳେ ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମପାଟି ମଙ୍ଗଳବାର ପୁରୀ ଜିଲ୍ଲା ବ୍ରହ୍ମଗିରିସ୍ଥିତ ପ୍ରସିଦ୍ଧ ଅଲାରନାଥ ମନ୍ଦିରକୁ ଯାଇ ଦର୍ଶନ କରିଛନ୍ତି । ଅନବସରର ଅଷ୍ଟମ ଦିନରେ ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ରାଜ୍ୟପାଳ ମନ୍ଦିରରେ ପହଞ୍ଚିଥିଲେ । ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ପକ୍ଷରୁ ତାଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଯାଇଥିଲା । ରାଜ୍ୟପାଳ ଅଲାରନାଥଙ୍କ ଦର୍ଶନ କରିବା ସହ ମା' ମହାଲକ୍ଷ୍ମୀ ଏବଂ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କୁ ମଧ ଦର୍ଶନ କରିଥିଲେ। ଏହି ଅବସରରେ ସେବାୟତମାନେ ତାଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅନବସର ଦର୍ଶନର ମହତ୍ତ୍ୱ ଓ ପରମ୍ପରା ସମ୍ପର୍କରେ ଅବଗତ କରାଇଥିଲେ । ଅନବସର ସମୟରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ନ ମିଳିବାରୁ ଭକ୍ତମାନେ ଅଲାରନାଥଙ୍କ ଦର୍ଶନ କରି ପୁଣ୍ୟ ଲାଭ କରିଥାନ୍ତି । ଏହି ସମୟରେ ଅଲାରନାଥ ମନ୍ଦିରରେ ଭକ୍ତଙ୍କ ଭିଡ଼ ମଧ ବଢ଼ିଯାଇଥାଏ ।

### ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୦୭/୦୭/୨୦୨୬
୧,୮୭,୭୧୮/- ଟଙ୍କା
ସୁନା:- ଶୂନ୍ୟ
ରୂପା:- ୦୧ଗ୍ରାମ୍ ୭୦୦ ମିଲିଗ୍ରାମ

# ଝାରପଡ଼ା ଜେଲରେ କ୍ରାଇମବ୍ରାଞ୍ଚ ଟିମ୍
## ସମସ୍ତ ଅଭିଯୁକ୍ତଙ୍କୁ ହେବ ଜେରା



**ଭୁବନେଶ୍ୱର, ୭/୭ ନ୍ୟୁଜ ବ୍ୟୁରୋ**

ବହୁଚର୍ଚ୍ଚିତ ଝାରପଡ଼ା ଜେଲ ମାମଲାର ତଦନ୍ତକୁ ଆହୁରି ଆଗକୁ ବଢ଼ାଇଛି କ୍ରାଇମବ୍ରାଞ୍ଚ । ମଙ୍ଗଳବାର ଝାରପଡ଼ା ଜେଲରେ ପହଞ୍ଚିଛି କ୍ରାଇମବ୍ରାଞ୍ଚର ଏକ ଟିମ୍ । ଜେଲରେ ଥିବା ସମସ୍ତ ଅଭିଯୁକ୍ତଙ୍କୁ ପର୍ଯ୍ୟାୟକ୍ରମେ ପଚରାଉଚରା କରାଯିବ । ମାମଲା ସମ୍ପର୍କିତ ତଥ୍ୟ ଓ ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ଅଭିଯୁକ୍ତଙ୍କୁ ଜେରା କରିବ କ୍ରାଇମବ୍ରାଞ୍ଚ । ଆବଶ୍ୟକ ସ୍ଥଳେ ଜେରା ପ୍ରକ୍ରିୟାର ଭିଡିଓଗ୍ରାଫି ମଧ କରାଯିବ ବୋଲି ସୂଚନା ମିଳିଛି । ତଦନ୍ତକୁ ସ୍ୱଚ୍ଛ ଓ ନିରପେକ୍ଷ ରଖିବା ପାଇଁ ଏଭଳି ପଦକ୍ଷେପ ନିଆଯାଇଛି । ଏନେଇ କ୍ରାଇମବ୍ରାଞ୍ଚ ଡିଏସପି ରତ୍ନପ୍ରଭା ଶତପଥୀ ସୂଚନା ଦେଇଛନ୍ତି । ଆଗକୁ ଜେରାରୁ କେଉଁ ନୂଆ ତଥ୍ୟ ସାମ୍ନାକୁ ଆସୁଛି, ତାହା ଉପରେ ଏବେ ସମସ୍ତଙ୍କ ନଜର ।

## ରଥଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା

# ଆତଙ୍କବାଦୀ ଆକ୍ରମଣ, ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ସ୍ୱତନ୍ତ୍ର କମାଣ୍ଡୋଙ୍କ ମକଡ୍ରିଲ୍

**ପୁରୀ, ୭/୭ ନ୍ୟୁଜ ବ୍ୟୁରୋ**

ରଥଯାତ୍ରା ପୂର୍ବରୁ ସୁରକ୍ଷା ସମ୍ପର୍କରେ ପୁରୀରେ ମକ୍‌ଡ୍ରିଲ୍ ଆରମ୍ଭ ହୋଇଯାଇଛି। ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ସ୍ୱତନ୍ତ୍ର ଟାକ୍ଟିକାଲ୍ ୟୁନିଟ୍ କମାଣ୍ଡୋ ମକଡ୍ରିଲ୍ କରିଛନ୍ତି। ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରତିହତ କରିବାକୁ ଅଭ୍ୟାସ ହୋଇଛି। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ୨୦୨୬ ଅବସରରେ ଲକ୍ଷାଧିକ ଭକ୍ତଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ପୁରୀ ପୋଲିସ ପକ୍ଷରୁ ମଙ୍ଗଳବାର ସହରର ବିଭିନ୍ନ ସ୍ଥାନରେ ସମନ୍ୱିତ ସୁରକ୍ଷା ମକ୍‌ଡ୍ରିଲ୍ ସଫଳତାର ସହିତ ସମ୍ପନ୍ନ କରାଯାଇଛି । ଏହି ଅଭ୍ୟାସର ମୂଳ ଉଦ୍ଦେଶ୍ୟ ଥିଲା ବିଭିନ୍ନ ପ୍ରକାରର ଜରୁରୀ ପରିସ୍ଥିତିରେ ସମ୍ପୃକ୍ତ ସମସ୍ତ ବିଭାଗର ସମନ୍ୱିତ କାର୍ଯ୍ୟପ୍ରଣାଳୀ, ତ୍ୱରିତ ପ୍ରତିକ୍ରିୟା କ୍ଷମତା ଏବଂ ଉଦ୍ଧାର ବ୍ୟବସ୍ଥାକୁ ପରୀକ୍ଷା କରିବା । ରଥଯାତ୍ରାରେ କେବଳ ଭିଡ଼ ଓ ଟ୍ରାଫିକ୍ ପରିଚାଳନା ନୁହେଁ, ବରଂ ଯେକୌଣସି ଅପ୍ରତ୍ୟାଶିତ ପରିସ୍ଥିତିରେ ଭକ୍ତମାନଙ୍କୁ ସୁରକ୍ଷିତ ରଖିବା ପାଇଁ ପୂର୍ବ ପ୍ରସ୍ତୁତି ଅତ୍ୟନ୍ତ ଆବଶ୍ୟକ । ସେହି ଦୃଷ୍ଟିକୋଣରୁ ବାସ୍ତବ ପରିସ୍ଥିତିକୁ ଆଧାର କରି ବିଭିନ୍ନ କଳ୍ପିତ ଦୃଶ୍ୟପଟ ସୃଷ୍ଟି କରାଯାଇ ଅଭ୍ୟାସ କରାଯାଇଥିଲା। ଏହି ମକ୍‌ଡ୍ରିଲ୍‌ରେ ଓଡ଼ିଶା ପୋଲିସର ବିଶେଷ ପ୍ରଶିକ୍ଷିତ ଟାକ୍ଟିକାଲ୍ ୟୁନିଟ୍, ବୋମା ନିଷ୍କ୍ରିୟକାରୀ ଦଳ, ଡଗ୍ ସ୍କ୍ୱାଡ୍, ଅଗ୍ନିଶମ ବାହିନୀ, ଓଡ୍ରାଫ୍, ସ୍ୱାସ୍ଥ୍ୟ ବିଭାଗ, ଆମ୍ବୁଲାନ୍ସ ସେବା ସହିତ ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ପ୍ରତ୍ୟେକ ସଂସ୍ଥା ନିଜ ନିଜ ଦାୟିତ୍ୱ ଅନୁଯାୟୀ ସମନ୍ୱିତ ଭାବରେ କାର୍ଯ୍ୟ କରି ତ୍ୱରିତ ପ୍ରତିକ୍ରିୟାର କୌଶଳ ପ୍ରଦର୍ଶନ କରିଥିଲେ। ଅଭ୍ୟାସ ସମୟରେ ଘଟଣାସ୍ଥଳରେ ପହଞ୍ଚିବାର ସମୟ, ବିଭିନ୍ନ ୟୁନିଟ୍‌ର ସମନ୍ୱୟ, ଉଦ୍ଧାର ପ୍ରକ୍ରିୟା ଓ ପ୍ରତିକ୍ରିୟା ବ୍ୟବସ୍ଥାକୁ ସୂକ୍ଷ୍ମ ଭାବରେ ମୂଲ୍ୟାଙ୍କନ କରାଯାଇଥିଲା। ଯେଉଁ କ୍ଷେତ୍ରରେ ଅଧିକ ସୁଧାରର ଆବଶ୍ୟକତା ଅନୁଭୂତ ହୋଇଛି, ସେଗୁଡ଼ିକୁ ଚିହ୍ନଟ କରାଯାଇ ଆଗାମୀ ଦିନରେ ଅଧିକ ସୁଦୃଢ଼ କରାଯିବ। ଏହି ଅବସରରେ ପୁରୀ ଏସ୍‌ପି ପ୍ରତୀକ ସିଂ କହିଛନ୍ତି, 'ରଥଯାତ୍ରା ସମୟରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହେଉଥିବାରୁ ସୁରକ୍ଷା ପୁରୀ ପୋଲିସର ସର୍ବୋଚ୍ଚ ପ୍ରାଥମିକତା । ଭକ୍ତମାନଙ୍କର ସୁରକ୍ଷା, ସୁବିଧା ଏବଂ ନିର୍ବିଘ୍ନ ଦର୍ଶନ ସୁନିଶ୍ଚିତ କରିବା ପାଇଁ କେବଳ ଟ୍ରାଫିକ୍ ଓ ଭିଡ଼ ପରିଚାଳନା ନୁହେଁ, ବରଂ ସମସ୍ତ



ପ୍ରକାରର ଜରୁରୀ ପରିସ୍ଥିତିକୁ ମଧ୍ୟ ମୁକାବିଲା କରିବାକୁ ପୁରୀ ପୋଲିସ ସମ୍ପୂର୍ଣ୍ଣ ପ୍ରସ୍ତୁତ । ସେ ଆହୁରି କହିଛନ୍ତି ଯେ, ରଥଯାତ୍ରା ସମୟରେ କୌଣସି ସନ୍ଦେହଜନକ ବସ୍ତୁ, ସନ୍ଦେହଜନକ ବ୍ୟକ୍ତି କିମ୍ବା ଅସ୍ୱାଭାବିକ ପରିସ୍ଥିତି ଦେଖିଲେ ଭକ୍ତମାନେ ତୁରନ୍ତ ପୋଲିସକୁ ସୂଚନା ଦିଅନ୍ତୁ । ଏଥିପାଇଁ ଜରୁରୀ ସେବା ୧୧୨ ନମ୍ବର ସର୍ବଦା ଉପଲବ୍ଧ ରହିବ ।' ଏହା ସହିତ ପୁରୀ ସହରର ବିଭିନ୍ନ ସ୍ଥାନରେ ପୋଲିସ ସହାୟତା ଓ ସୂଚନା କେନ୍ଦ୍ର ସ୍ଥାପନ କରାଯିବ, ଯେଉଁଠାରେ ସାଧାରଣ ଲୋକ ସିଧାସଳଖ ସୂଚନା ପ୍ରଦାନ କରିପାରିବେ । ସମସ୍ତ ପୋଲିସ କର୍ମଚାରୀ ମଧ ସାଧାରଣ ଲୋକଙ୍କ ସହାୟତା ପାଇଁ ସର୍ବଦା ପ୍ରସ୍ତୁତ ରହିବେ। ପୁରୀ ପୋଲିସ ସାଧାରଣ ଲୋକଙ୍କ ସହଯୋଗକୁ ସୁରକ୍ଷା ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବୋଲି ବିଶ୍ୱାସ କରେ । ତେଣୁ ଯେକୌଣସି ସନ୍ଦେହଜନକ ସୂଚନାକୁ ତୁରନ୍ତ ପୋଲିସକୁ ଜଣାଇବାକୁ ଅନୁରୋଧ କରାଯାଉଛି। ଏହା ସହିତ ବିଭିନ୍ନ ଗୁଇନ୍ଦା ସଂସ୍ଥା, କେନ୍ଦ୍ରୀୟ ସଂସ୍ଥା ଏବଂ ଅନ୍ୟାନ୍ୟ ସୁରକ୍ଷା ଏଜେନ୍ସି ସହ ନିରନ୍ତର ସମନ୍ୱୟ ରକ୍ଷା କରାଯାଇ ସମଗ୍ର ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରାଯାଇଛି । ପୁରୀ ପୋଲିସ ସମସ୍ତ ଭକ୍ତ, ପର୍ଯ୍ୟଟକ ଓ ସାଧାରଣ ଲୋକଙ୍କୁ ଆଶ୍ୱସ୍ତ କରୁଛି ଯେ ରଥଯାତ୍ରା ୨୦୨୬କୁ ଶାନ୍ତିପୂର୍ଣ୍ଣ, ସୁରକ୍ଷିତ ଓ ସୁବ୍ୟବସ୍ଥିତ ଭାବେ ସମ୍ପନ୍ନ କରିବା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି। ସମସ୍ତଙ୍କ ସହଯୋଗ ଓ ସଚେତନତା ଏହି ମହାପର୍ବକୁ ଅଧିକ ସୁରକ୍ଷିତ ଓ ସଫଳ କରିବ ବୋଲି ପୁରୀ ଏସ୍‌ପି କହିଛନ୍ତି ।

# ବିମାନବନ୍ଦରରୁ ୫କୋଟିର ମାରିଜୁଆନା ଜବତ

**ଭୁବନେଶ୍ୱର ୦୭/୦୭ ନ୍ୟୁଜ ବ୍ୟୁରୋ**

ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ପୁଣି ମାରିଜୁଆନା ଜବତ ହୋଇଛି। ଡିଆର୍‌ଆଇ ଓ କଷ୍ଟମ ବିଭାଗ ବିପୁଳ ପରିମାଣର ମାରିଜୁଆନା ଜବତ କରିଛି। ବ୍ୟାଙ୍କକ୍‌ରୁ ଭୁବନେଶ୍ୱର ଚାଲାଣ ବେଳେ ଏହା ଜବତ ହୋଇଛି। ଜବତ ନିଶାଦ୍ରବ୍ୟର ମୂଲ୍ୟ ପ୍ରାୟ ୫ କୋଟି ଟଙ୍କା ହେବ। ସନ୍ଦେହ ହେବାରୁ ବ୍ୟାଗ୍ ଚେକିଂ ବେଳେ ଜଣେ ଅଭିଯୁକ୍ତ ଧରାପଡ଼ିଛନ୍ତି। ଯାତ୍ରୀଙ୍କୁ ଅଟକ ରଖିଛି କଷ୍ଟମ୍ ବିଭାଗ। ତେବେ ଏହି ମାରିଜୁଆନା କେଉଁଠିକୁ ଯାଉଥିଲା, ଭୁବନେଶ୍ୱରରୁ କିଏ ଅର୍ଡର କରିଥିଲେ, ବ୍ୟାଙ୍କକ୍‌ରୁ ଆଣୁଥିବା ଯାତ୍ରୀ ଜଣକ ଏକାଥିଲେ ନା ଆଉ କିଏ ସାଙ୍ଗରେ ଥିଲେ, ଏହି ଚାଲାଣ ପଛରେ କେଉଁ ନିଶା ମାଫିଆ ରାକେଟ୍‌ର ଲିଙ୍କ ରହିଛି ଏହି ସବୁ ଦିଗରେ ଯାତ୍ରୀଙ୍କୁ ପଚରାଉଚରା କରାଯାଉଛି।








## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସୂତ୍ର : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


## ଭାରତୀୟ ନ୍ୟାୟିକ ଇତିହାସରେ ପ୍ରଥମ

# ୩୮ ଦୋଷୀଙ୍କୁ ଏକକାଳୀନ ମୃତ୍ୟୁଦଣ୍ଡ, ୧୧ ଜଣଙ୍କୁ ଆଜୀବନ କାରାଦଣ୍ଡ

**ଅହମ୍ମଦାବାଦ, ୭/୭**

୨୦୦୮ ଅହମ୍ମଦାବାଦ ସିରିଏଲ ବିସ୍ଫୋରଣ ମାମଲାରେ ଗୁଜରାଟ ହାଇକୋର୍ଟ ମଙ୍ଗଳବାର ୩୮ ଜଣ ଦୋଷୀଙ୍କୁ ଦିଆଯାଇଥିବା ମୃତ୍ୟୁଦଣ୍ଡ ଏବଂ ୧୧ ଜଣଙ୍କ ଆଜୀବନ କାରାଦଣ୍ଡକୁ ବଜାୟ ରଖିଛନ୍ତି। ହାଇକୋର୍ଟ ୨୦୨୨ ଫେବୃୟାରୀ ୧୮ରେ ସ୍ୱତନ୍ତ୍ର (ସ୍ପେଶାଲ) କୋର୍ଟ ପକ୍ଷରୁ ଘୋଷିତ ମୃତ୍ୟୁଦଣ୍ଡ ବିରୋଧରେ ଦାଖଲ ହୋଇଥିବା ଆବେଦନଗୁଡ଼ିକର ଶୁଣାଣି କରିଥିଲେ। ଦୋଷୀମାନଙ୍କ ମଧ୍ୟରେ ନିଷିଦ୍ଧ ସଂଗଠନ ଷ୍ଟୁଡେଣ୍ଟସ୍ ଇସ୍ଲାମିକ ମୁଭମେଣ୍ଟ ଅଫ୍ ଇଣ୍ଡିଆର ପୂର୍ବତନ ନେତା ସଫଦର ନାଗୋରି ଓ ତାଙ୍କର ସହଯୋଗୀମାନେ ସାମିଲ ଅଛନ୍ତି। ଜଷ୍ଟିସ୍ ଏ.ୱାଇ. କୋଗଜେ ଓ ଜଷ୍ଟିସ୍ ସମୀର ଦାଭେଙ୍କୁ ନେଇ ଗଠିତ ଦୁଇ ସଦସ୍ୟ ବିଶିଷ୍ଟ ବେଞ୍ଚ ନିମ୍ନ ଅଦାଲତର ରାୟ ବିରୋଧରେ ଦାଖଲ ସମସ୍ତ ଆବେଦନକୁ ଖାରଜ କରି ଆତଙ୍କବାଦୀ ସଂଗଠନ ଇଣ୍ଡିଆନ୍ ମୁଜାହିଦିନ୍ ସଦସ୍ୟମାନଙ୍କ ବିରୋଧରେ ଦିଆଯାଇଥିବା ଦଣ୍ଡାଦେଶକୁ ବଜାୟ ରଖିଛନ୍ତି। ଏଥିସହ ରାଜ୍ୟ ସରକାରଙ୍କୁ ୨୦୨୭ ମାର୍ଚ୍ଚ ୩୦ ସୁଦ୍ଧା ନିହତଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଏବଂ ଗୁରୁତର ଆହତମାନଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ମଧ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୦୦୮ ଜୁଲାଇ ୨୬ରେ ମାତ୍ର ୭୦ ମିନିଟ୍ ମଧ୍ୟରେ ଅହମଦାବାଦର ବିଭିନ୍ନ ଅଞ୍ଚଳରେ ୨୧ଟି ବୋମା ବିସ୍ଫୋରଣ ଘଟିଥିଲା। ଏଥିରେ ୫୬ ଜଣଙ୍କ ଜୀବନ ଯାଇଥିବାବେଳେ ୨୦୦ରୁ ଅଧିକ ଲୋକ ଆହତ ହୋଇଥିଲେ। ବିସ୍ଫୋରଣରେ ଆହତମାନଙ୍କୁ ଚିକିତ୍ସା ପାଇଁ ନିଆଯାଉଥିବା ହସ୍ପିଟାଲ ଉପରେ ମଧ ସେହି ସମୟରେ ବିସ୍ଫୋରଣ କରାଯାଇଥିଲା। ଭାରତରେ ପ୍ରଥମ ଥର ପାଇଁ ଚିକିତ୍ସାଳୟକୁ ଏଭଳି ଆତଙ୍କବାଦୀ ଆକ୍ରମଣର ଟାର୍ଗେଟ୍ କରାଯାଇଥିଲା। ଏହି ମାମଲାରେ ମୋଟ ୭୮ ଜଣଙ୍କ ବିରୋଧରେ ସ୍ୱତନ୍ତ୍ର ଅଦାଲତରେ ବିଚାର ହୋଇଥିଲା। ସେମାନଙ୍କ ମଧ୍ୟରୁ ୨୦୨୨ ଫେବୃୟାରୀରେ ୪୯ ଜଣ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଅହମ୍ମଦାବାଦର ୨୧ଟି ବିସ୍ଫୋରଣକୁ ନେଇ ଦାଖଲ ହୋଇଥିବା ୨୦ଟି ଏଫ୍‌ଆଇଆର୍ ଏବଂ ସୁରଟରେ ବିସ୍ଫୋରଣ ନ ହୋଇଥିବା ବୋମା ରଖାଯାଇଥିବା ଘଟଣାକୁ ନେଇ ୧୫ଟି ଏଫ୍‌ଆଇଆର ସମେତ ମୋଟ ୩୫ଟି ମାମଲାକୁ ଏକତ୍ର କରି ଏହି ବିଚାର ପ୍ରକ୍ରିୟା ଚାଲିଥିଲା। ୨୦୨୨ ଫେବୃୟାରୀରେ ସ୍ୱତନ୍ତ୍ର ଅଦାଲତ ୩୮ ଜଣ ଇଣ୍ଡିଆନ୍ ମୁଜାହିଦିନ୍ ସଦସ୍ୟଙ୍କୁ ମୃତ୍ୟୁଦଣ୍ଡ ଏବଂ ୧୧ ଜଣଙ୍କୁ ଆଜୀବନ କାରାଦଣ୍ଡ ଶୁଣାଇଥିଲେ। ଦୋଷୀମାନଙ୍କ ମଧ୍ୟରେ ପୂର୍ବତନ ସିମି ନେତା ସଫଦର ନାଗୋରି ଏବଂ ଗୁଜରାଟ, ମଧ୍ୟପ୍ରଦେଶ, କେରଳ ଓ ଉତ୍ତରପ୍ରଦେଶ ସମେତ ୧୧ଟି ରାଜ୍ୟର ତାଙ୍କ ସହଯୋଗୀମାନେ ଥିଲେ। ନିମ୍ନ ଅଦାଲତରେ ଦୋଷୀ ସାବ୍ୟସ୍ତ ହୋଇଥିବା ସମସ୍ତ ବ୍ୟକ୍ତି ହାଇକୋର୍ଟରେ ରାୟକୁ ଚ୍ୟାଲେଞ୍ଜ କରିଥିଲେ। ସେହିପରି ରାଜ୍ୟ ସରକାର ମଧ ଦୋଷୀମାନଙ୍କ ମୃତ୍ୟୁଦଣ୍ଡକୁ ଅନୁମୋଦନ କରିବା ପାଇଁ ହାଇକୋର୍ଟଙ୍କ ନିକଟକୁ ଯାଇଥିଲେ। ସ୍ୱତନ୍ତ୍ର ସରକାରୀ ଓକିଲ ଅମିତ ପଟେଲ କହିଥିଲେ ଯେ, ସରକାର ହାଇକୋର୍ଟରେ ଦୋଷୀମାନଙ୍କ ବିରୋଧରେ ଥିବା ସମସ୍ତ ପ୍ରମାଣ ଉପସ୍ଥାପନ କରିଥିଲେ। ଏଥିସହ ସେ କହିଥିଲେ, ହାଇକୋର୍ଟ ପ୍ରାୟ ଦେଢ଼ ବର୍ଷ ଧରି ବିସ୍ତୃତ ଶୁଣାଣି କରିଥିଲେ ଏବଂ ଚଳିତ ବର୍ଷ ଫେବୃୟାରୀରୁ ପ୍ରତିଦିନ ଏହି ମାମଲାର ଶୁଣାଣି ହୋଇଥିଲା। ବଡ଼ କଥା ହେଉଛି; ଏକାସାଙ୍ଗରେ ଏତେ ସଂଖ୍ୟକ ଦୋଷୀଙ୍କୁ ମୃତ୍ୟୁଦଣ୍ଡ ଦିଆଯିବା ଭାରତୀୟ ନ୍ୟାୟିକ ଇତିହାସରେ ପ୍ରଥମ ଘଟଣା ବୋଲି କୁହାଯାଉଛି। ଏହା ପୂର୍ବରୁ ୧୯୯୮ ଜାନୁଆରୀରେ ତାମିଲନାଡୁର ଏକ ଟାଡା ଅଦାଲତ ୧୯୯୧ରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧି ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ସମସ୍ତ ୨୬ ଜଣଙ୍କୁ ମୃତ୍ୟୁଦଣ୍ଡ ଶୁଣାଇଥିଲେ।